


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୨୩ ଫେବୃଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 23 FEBRUARY 2025
Vol.No. 36 ■ No.52 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ସୁଭଦ୍ରା ମା'ମାନଙ୍କ ଅନ୍ତର୍ନିହିତ ଶକ୍ତିର ଜାଗରଣ ପାଇଁ 'ସୁଭଦ୍ରା ଶକ୍ତି' ମେଳାର ଆୟୋଜନ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୨/୦୨ : (ନି.ପ୍ର) ସୌଭାଗ୍ୟଦାୟିନୀ ଶକ୍ତିର ପ୍ରତିରୂପ ହେଉଛନ୍ତି ଆମ ସୁଭଦ୍ରା ମା' ମାନେ । ସୁଭଦ୍ରା ମା'ମାନଙ୍କ ମଧ୍ୟରେ ରହିଛି ଅସୀମ ଶକ୍ତି । ତେଣୁ, ସେମାନେ ହେଉଛନ୍ତି "ସୁଭଦ୍ରା ଶକ୍ତି"। ସୁଭଦ୍ରା ମା'ମାନଙ୍କ ସେଇ ଅନ୍ତର୍ନିହିତ ଶକ୍ତିର ଜାଗରଣ ପାଇଁ ଆମ ସରକାର, ଆଜି ଏହି "ସୁଭଦ୍ରା ଶକ୍ତି" ମେଳାର ଆୟୋଜନ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱରର ଜନତା ମୈଦାନ ଠାରେ ଆୟୋଜିତ ସୁଭଦ୍ରା ଶକ୍ତି ମେଳାର ଉଦ୍‌ଘାଟନୀ ସମାରୋହରେ କହିଛନ୍ତି ।

ଆଜି ଆରମ୍ଭ ହୋଇଥିବା ଏହି ସୁଭଦ୍ରା ଶକ୍ତି ମେଳାରେ ୭୦୦ ରୁ ଅଧିକ ଏସଏଚଜି ମାନେ ୩୦୦ ରୁ ଅଧିକ ଷ୍ଟଲରେ ୨୦୦ରୁ ଅଧିକ ସାମଗ୍ରୀର ପ୍ରଦର୍ଶନ କରିଛନ୍ତି । ଏହି ମେଳା ୯ ଦିନ ଧରି ଚାଲିବ । ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ଓ କଳାକୃତି, ମିଲେଟ ଓ ଅର୍ଗାନିକ ଉତ୍ପାଦ, ଖାଦ୍ୟ ଓ ମସଲା ସାମଗ୍ରୀ, ଟେରାକୋଟା ଓ ବାଉଁଶ ଶିଳ୍ପ ଆଦି ଅନେକ ଉତ୍ପାଦ ସ୍ଥାନ ପାଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏ ମେଳା କେବଳ ଏକ ସାଧାରଣ ପ୍ରଦର୍ଶନୀ ନୁହେଁ । ଏହା ଆମ ଓଡ଼ିଶାର ମା', ଭଉଣୀ ଏବଂ ଝିଅମାନଙ୍କର ସଫଳତାର କାହାଣୀ। ସେମାନଙ୍କ ପ୍ରତିଭା, ଦକ୍ଷତା ଓ ଉଦ୍ୟମର ନିଦର୍ଶନ । ଆମ ସରକାର ପାଇଁ ମହିଳା ସଶକ୍ତିକରଣ କେବଳ ଏକ ସ୍ଲୋଗାନ୍ ନୁହେଁ, ଏହା ଏକ ଆନ୍ଦୋଳନ । ବ୍ୟକ୍ତିଗତ ସ୍ତରରେ ହେଉ ବା ଗ୍ରୁପ ସ୍ତରରେ ହେଉ, ପ୍ରତ୍ୟେକ ମହିଳା ଯେପରି ଦକ୍ଷ ଉଦ୍ୟୋଗୀ ହୋଇ, ଆର୍ଥିକ ସ୍ୱତନ୍ତ୍ରତା ହାସଲ କରିବେ, ସେଥିପାଇଁ ଆମର ଉଦ୍ୟମ ଆରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀ ମାତୃ ଶକ୍ତିର ଉତ୍ଥାନ ପାଇଁ 'ଲକ୍ଷପତି ଦିଦି' ଯୋଜନାକୁ ଆଧାର କରି ଆମ ସରକାର ଆଗାମୀ ତିନି ବର୍ଷ ମଧ୍ୟରେ ୨୫ ଲକ୍ଷ "ଲକ୍ଷପତି ଦିଦି" ସୃଷ୍ଟି କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ଏଥିପାଇଁ ଚଳିତ ବର୍ଷ ଆମ ସରକାର "ଲକ୍ଷପତି ଦିଦି ସହାୟିକା ଯୋଜନା" ପ୍ରଣୟନ କରିଛନ୍ତି । ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ବର୍ଷକୁ ଯେପରି ଅତି କମରେ ଏକ ଲକ୍ଷ ଟଙ୍କା ରୋଜଗାର କରିପାରିବେ, ତାହା ଆମର ଉଦ୍ଦେଶ୍ୟ । ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ସହାୟତା ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଚଳିତ ବର୍ଷ ଆମ ସରକାର, ରାଜ୍ୟର ପ୍ରାୟ ୫.୮୦ ଲକ୍ଷ ସ୍ୱୟଂ ସହାୟକ ▶▶ପୃଷ୍ଠା ୭

# ଶକ୍ତିକାନ୍ତ ଦାସ ହେଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ-୨ : ନିଯୁକ୍ତିକୁ କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ



ନୂଆଦିଲ୍ଲୀ, ୨୨/୦୨ : ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ହେଲେ ଓଡ଼ିଆ ପୁଅ ଶକ୍ତିକାନ୍ତ ଦାସ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ସଚିବ ( ଦ୍ୱିତୀୟ) ଭାବେ କାମ କରିବେ ଶକ୍ତିକାନ୍ତ । ଏହା ପୂର୍ବରୁ ସେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଗଭର୍ଣ୍ଣର ଥିଲେ । କ୍ୟାବିନେଟ୍ ଆପଏଣ୍ଟସ୍ କମିଟି ତାଙ୍କ ନିଯୁକ୍ତିକୁ ସୁପାରିଶ କରିଛି । ଏ ସଂପର୍କରେ କାର୍ମିକ ମନ୍ତ୍ରାଳୟ ପକ୍ଷରୁ କ୍ୟାବିନେଟ୍ ଆପଏଣ୍ଟସ୍ କମିଟି ସଚିବ ମନୀଷା ସାକସେନା ଏକ ବିଜ୍ଞପ୍ତି ଜାରି କରିଛନ୍ତି । ଶକ୍ତିକାନ୍ତ ହେଉଛନ୍ତି ୧୯୮୦ ବ୍ୟାଚର ତାମିଲନାଡୁ କ୍ୟାଡରର ଆଇଏଏସ୍ ଅଫିସର । ଏହି ଓଡ଼ିଆ ଅଧିକାରୀ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି କାମ କରିଛନ୍ତି । ସେ ତାମିଲନାଡୁରେ ବହୁ ଉଚ୍ଚ ପଦବୀରେ କାମ କରିବା ସହ ଭାରତ ସରକାରଙ୍କ ଅଧୀନରେ ରାଜସ୍ୱ ସଚିବ, ଅର୍ଥନୈତିକ ବ୍ୟାପାର ସଚିବ ଭାବେ କାମ କରିଛନ୍ତି । ଏପରିକି କେନ୍ଦ୍ର ସ୍ୱତନ୍ତ୍ର ଅର୍ଥ ସଚିବ ଭାବେ କାର୍ଯ୍ୟ କରି ସୁନାମ ଅର୍ଜନ କରିଛନ୍ତି । ସେ ପଞ୍ଚଦଶ ଅର୍ଥ କମିଶନର ସଦସ୍ୟ ମଧ୍ୟ ଥିଲେ । ସେ ୨୦୧୮ରୁ ୨୦୨୪ ପର୍ଯ୍ୟନ୍ତ ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଭାବେ ନିଜ କାର୍ଯ୍ୟ କରି ବିଭିନ୍ନ ମହଲରୁ ପ୍ରଶଂସିତ ହୋଇଛନ୍ତି । ସେ ବିଶ୍ୱବ୍ୟାଙ୍କରେ ମଧ କାର୍ଯ୍ୟ କରିଛନ୍ତି। ସେ ଆଇଏମଏଫ୍, ଜି୨୦, ବ୍ରିକ୍ସ, ସାର୍କ ଆଦି ବିଶ୍ୱର ବିଭିନ୍ନ ଅନ୍ତର୍ଜାତୀୟ ଫୋରମରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ଭୁବନେଶ୍ୱରରେ ତାଙ୍କର ଜନ୍ମ ଓ ସେ ଭୁବନେଶ୍ୱର ଡି ଏମ୍ ସ୍କୁଲର ଛାତ୍ର ଥିଲେ । ତାଙ୍କ ପୈତୃକ ଘର ଆଠଗଡ଼ରେ । ଶକ୍ତିକାନ୍ତ ଦାସ ୨୦୨୩ରେ ଗଭର୍ଣ୍ଣର ଅଫ୍ ଦ ଇୟର ଭାବେ ବିବେଚିତ ହୋଇଥିଲେ । ସେଣ୍ଟ୍ରାଲ ବ୍ୟାଙ୍କିଂ ଲଣ୍ଡନ ଦ୍ୱାରା ତାଙ୍କୁ ଗଭର୍ଣ୍ଣର ଅଫ୍ ଦ ଇୟର ଭାବେ ବିବେଚିତ କରାଯାଇଥିଲା । ୨୦୧୮ ଡିସେମ୍ବର ୧୧ ରେ ଭାରତର ୨୫ତମ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଭାବେ ନିଯୁକ୍ତ ହୋଇଥିଲେ ଶକ୍ତିକାନ୍ତ ଦାସ । ଏହି ପଦ ହାସଲ କରିବାରେ ଶକ୍ତିକାନ୍ତ ହେଉଛନ୍ତି ପ୍ରଥମ ଓଡ଼ିଆ । ଏବେ ପି କେ ମିଶ୍ର ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଅଛନ୍ତି । ମୁଦ୍ରାସ୍ଫୀତିର ପରିଚାଳନା ଏବଂ କୋଭିଡ ମହାମାରୀ ପରି ସଙ୍କଟ ସମୟରେ ଭାରତର ବ୍ୟାଙ୍କିଙ୍ଗ ବ୍ୟବସ୍ଥାର ଦକ୍ଷ ପରିଚାଳନା ପାଇଁ ସେଣ୍ଟ୍ରାଲ ବ୍ୟାଙ୍କ ଶକ୍ତିକାନ୍ତ ଦାସଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ସେଣ୍ଟ୍ରାଲ ବ୍ୟାଙ୍କ ପକ୍ଷରୁ କୁହାଯାଇଥିଲା, ଶକ୍ତିକାନ୍ତ ଦାସ ଅନେକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଆଣିଛନ୍ତି, କଷ୍ଟଦାୟକ ସମୟ ମଧ୍ୟରେ ଭାରତକୁ ଆଗେଇ ନେଇଛନ୍ତି ।

# ସେନାର ଯୁଗ୍ମ ଚିଫ୍ ଚେୟାରମ୍ୟାନଙ୍କୁ ବରଖାସ୍ତ କଲେ ଟ୍ରମ୍ପ

ୱାଶିଂଟନ, ୨୨/୦୨: ସଂଯୁକ୍ତ ରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପେଂଟାଗନରେ କିଛି ସପ୍ତାହ ଏପଟସେପଟ ମଧ୍ୟରେ ଶୁକ୍ରବାର ସେନାର ଜଏଂଟ ଚିଫ୍ ଚେୟାରମ୍ୟାନ ଜେନେରାଲ ଚାର୍ଲ୍ସ କ୍ୟୁ.ବ୍ରାଉନ ଜୁନିୟରଙ୍କୁ ବରଖାସ୍ତ କରିଛନ୍ତି । ପ୍ରଶାସନ ବଦଳିବା ପରେ ଦେଶର ବରିଷ୍ଠ ସୈନ୍ୟ ଅଧିକାରୀଙ୍କୁ ଏଭଳି ଭାବେ ପ୍ରଥମ ଥର ବାହାର କରାଯାଇଛି । ଦ ନ୍ୟୁୟର୍କ ଟାଇମ୍ସ ଅନୁସାରେ ପରମ୍ପରାଗତ ଭାବେ ପ୍ରଶାସନ ବଦଳିବା ପରେ ବି ଦେଶର ଶୀର୍ଷ ସୈନ୍ୟ ଅଧିକାରୀଙ୍କୁ ଭୂମିକାରେ ପଦକ୍ଷେପ ନିଆଯାଏନାହିଁ । ଜେନେରାଲ ଚାର୍ଲ୍ସ କ୍ୟୁ.ବ୍ରାଉନ ଜୁନିୟର ଫୋର ଷ୍ଟାର ଯୁଦ୍ଧ ଫାଇଲଟ ଅଟନ୍ତି ।



# ମରିସସର ସ୍ୱାଧୀନତା ଦିବସ ସମାରୋହରେ ସମ୍ମାନିତ ଅତିଥି ହେବେ ପ୍ରଧାନମନ୍ତ୍ରୀ ମୋଦି

ପୋର୍ଟ ଲୁଇସ, ୨୨/୦୨ : ମରିସସର ପ୍ରଧାନମନ୍ତ୍ରୀ ଡ.ନବୀନଚନ୍ଦ୍ର ରାମଗୁଲାମ ନ୍ୟାସନାଲ ଆସେମ୍ବ୍ଲିରେ କହିଛନ୍ତି ଯେ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ନିମନ୍ତ୍ରଣ ସ୍ୱୀକାର କରିଛନ୍ତି । ସେ ମରିସସର ୫୭ତମ ଜାତୀୟ ସ୍ୱାଧୀନତା ଦିବସ ସମାରୋହରେ ସମ୍ମାନିତ ଅତିଥି ହେବେ । ଏହା ଆମ ଦୁଇ ଦେଶ ମଧ୍ୟରେ ଘନିଷ୍ଠ ସଂପର୍କର ପ୍ରମାଣ ଅଟେ । ରାମଗୁଲାମଙ୍କ ଏହି ଘୋଷଣା ଉପରେ ନ୍ୟାସନାଲ ଆସେମ୍ବ୍ଲିର ସଦସ୍ୟମାନେ ଖୁସି ପ୍ରକାଶ କରିଛନ୍ତି । ରାମଗୁଲାମ ଶୁକ୍ରବାର କହିଛନ୍ତି ଯେ, ଏଭଳି ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କ ଆଗମନ ଆମର ଓ ଦେଶ ପାଇଁ ଗର୍ବର ବିଷୟ ଅଟେ । ପ୍ରଧାନମନ୍ତ୍ରୀ ମୋଦି ତାଙ୍କର ଅତ୍ୟନ୍ତ ବ୍ୟସ୍ତ କାର୍ଯ୍ୟକ୍ରମ, ପ୍ୟାରିସ ଓ ସଂଯୁକ୍ତ ରାଷ୍ଟ୍ର ଆମେରିକାକୁ ନିକଟରେ ଯାତ୍ରା ସତ୍ତ୍ୱେ ଆମକୁ ଏହି ସମ୍ମାନ ଦେଇଛନ୍ତି । ସେ ଆମର ବିଶେଷ ଅତିଥି ଭାବେ ମରିସସ ଆସିବା ପାଇଁ ସହମତି ପ୍ରକାଶ କରିଛନ୍ତି ।



# ବାଙ୍ଗଲାଦେଶୀଙ୍କୁ ଅବୈଧ ରୂପେ ଭାରତରେ ପ୍ରବେଶ କରାଉଥିବା ମାଷ୍ଟରମାଇଣ୍ଡ ଗିରଫ

ସିଲିଗୁଡ଼ି, ୨୨ /୦୨ : ଏନଜେପି ଥାନା ପୋଲିସ ବାଙ୍ଗଲାଦେଶୀଙ୍କୁ ଅବୈଧ ରୂପେ ଭାରତରେ ପ୍ରବେଶ କରାଉଥିବା ମାଷ୍ଟରମାଇଣ୍ଡକୁ ଗିରଫ କରିବାରେ ସଫଳ ହୋଇଛି ।ଏନଜେପି ଥାନା ପୋଲିସ ଜାନୁଆରୀ ୨୩ ତାରିଖରେ ଫୁଲବାଡ଼ିର ଅମାଇଦିଘିରୁ ଦୁଇ ଜଣ ବାଙ୍ଗଲାଦେଶୀ ଅନୁପ୍ରବେଶକକାରୀଙ୍କୁ ଗିରଫ କରିଥିଲେ । ତନ୍ମଧ୍ୟରୁ ଜଣକର ନାମ ଅତାଉର ରହମାନ ଓ ଅନ୍ୟଜଣେ ଅତାଉରର ସମ୍ପର୍କୀୟ ଫିରଦୌସ ଆଲମ । ଅତାଉର ବାଙ୍ଗଲାଦେଶର ଠାକୁରଗଞ୍ଜ ଜିଲ୍ଲା ଅନ୍ତର୍ଗତ ମାଧୋପୁର ନିବାସୀ ଅଟେ । ଧରାପଡିଥିବା ଦୁଇ ଅଭିଯୁକ୍ତଙ୍କ ନିକଟରୁ ତାର କାଟିବାକୁ ବ୍ୟବହୃତ ହାଇଡ୍ରୋଲିକ କଟର ଜବତ ହୋଇଛି । ଏହାପରେ ଗିରଫ ଦୁଇ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇଛି ପୋଲିସ । ଅଭିଯୁକ୍ତଙ୍କୁ ପଚରା ଉଚରା ବେଳେ ହଲଦିବାଡ଼ି ରହୁଥିବା ବିପୁଲ ଅଧିକାରୀର ନାମ ସାମ୍ନାକୁ ଆସିଛି । ଭାରତରେ ଅବୈଧ ରୂପେ ପ୍ରବେଶ କରାଇବାରେ ଯିଏକି ଦୁଇ ଜଣଙ୍କୁ ସହଯୋଗ କରୁଥିଲା । ଏହାପରେ ଏନଜେପି ଥାନା ପୋଲିସ ଅଭିଯୁକ୍ତଙ୍କ ତଲାସ ଆରମ୍ଭ କରିଥିଲା । ପ୍ରାୟ ଏକ ମାସ ଧରି ଛାନଭିନ୍ ପରେ ଶେଷରେ ଏହି ଲିଙ୍କ୍‌ରେ ମୁଖ୍ୟ ବିପୁଲ ଅଧିକାରୀକୁ ଶୁକ୍ରବାର ବିଳମ୍ବିତ ରାତିରେ ଗିରଫ କରିଛି ପୋଲିସ ।

## ତୀର୍ଥଯାତ୍ରୀ ବସକୁ ପିଟିଲା ସ୍କର୍ପିଓ, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ଖୋର୍ଦ୍ଧା, ୨୨ /୦୨ (ନି.ପ୍ର) - ଗତକାଲି ବିଳମ୍ବିତ ରାତିରେ ୧୬ ନଂ ଜାତୀୟ ରାଜପଥ ବାଲୁଗାଁ ବାଇପାସ ସରନଈ ଓଭର ବ୍ରିଜ ନିକଟରେ ଏକ ଦୁର୍ଘଟଣା ଘଟିଯାଇଛି। ଏକ ସ୍କର୍ପିଓକୁ ପଛପଟୁ ଯାତ୍ରୀବାହୀ ବସ ଧକ୍କା ଦେଇ ଡିଭାଇଡ଼ର ଉପରେ ବସ ଚଢ଼ିଯାଇଥିଲା। ଏଥିରେ କେହି ଆହତ ହୋଇନଥିବା ଜଣାପଡିଛି। ଖବର ମୁତାବକ ଗତକାଲି ବିଳମ୍ବିତ ରାତିରେ ଏକ ଭଲଭୋ ବସ ୪୦ ଜଣ ଯାତ୍ରୀଙ୍କୁ ନେଇ କୁମ୍ଭମେଳା ସାରି ବିଜୟୱାଡା ଅଭିମୁଖେ ଯାଉଥିଲା। ୧୬ନମ୍ବର ଜାତୀୟ ଓଭର ବ୍ରିଜ ନିକଟରେ ସମାନ ଦିଗରେ ବସ ସମ୍ମୁଖରେ ଯାଉଥିବା ଏକ ସ୍କର୍ପିଓ ହଠାତ ବ୍ରେକ ମାରିବା ଯୋଗୁଁ ବସଟି ଭରସାମ୍ୟ ହରାଇ ସ୍କର୍ପିଓ ପଛ ପାର୍ଶ୍ୱକୁ ଧକ୍କା ଦେଇଥିଲା। ଫଳରେ ଡିଭାଇଡ଼ର ଉପରେ ବସଟି ଚଢ଼ି ଯାଇଥିଲା। ସମସ୍ତ ଯାତ୍ରୀ ସୁରକ୍ଷିତ ଥିବାବେଳେ ସମସ୍ତଙ୍କୁ ଅନ୍ୟ ବସରେ ସେମାନଙ୍କ ଗନ୍ତବ୍ୟ ସ୍ଥଳକୁ ପଠା ଯାଇଥିଲା। ଦୁର୍ଘଟଣା ଗ୍ରସ୍ତ ବସ ଡ୍ରାଇଭରକୁ ଅଟକ ପୋଲିସ ତଦନ୍ତ ଜାରି ରଖିଛି।

# ନକ୍ସଲଙ୍କ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ସାମଗ୍ରୀ ଉଦ୍ଧାର

ସୁକମା, ୨୨ /୦୨ : (ନି.ପ୍ର) ନବୀନ କ୍ୟାମ୍ପ ମେଟ୍ଟାଗୁଡା ଅନ୍ତର୍ଗତ ଗୁଣ୍ଡରାଜଗୁଡେମ ଚିନ୍ତାବାଗୁ ନଦୀ ଜଙ୍ଗଲ ଅଂଚଳରେ ବିପୁଳ ପରିମାଣର ନକ୍ସଲମାନେ ପକାଇଥିବା ଅସ୍ତ୍ରଶସ୍ତ୍ର ବିସ୍ଫୋରକ ସାମଗ୍ରୀ ସୁରକ୍ଷାବାହିନୀ ଉଦ୍ଧାର କରିଛନ୍ତି। ସୁକମା ପୋଲିସ ଦ୍ୱାରା ଆଜି ଜାରି ପ୍ରେସ ନୋଟରେ କୁହାଯାଇଛି ଯେ ନବୀନ କ୍ୟାମ୍ପ ମେଟ୍ଟାଗୁଡା କ୍ଷେତ୍ର ଅନ୍ତର୍ଗତ ଗ୍ରାମ ଗୁଣ୍ଡରାଜଗୁଡେମ, ଚିନ୍ତାବାଗୁ ନଦୀଏରିଆ ଜଙ୍ଗଲ ଅଂଚଳରେ ଗୁରୁବାର ଦିନ ନକ୍ସଲଙ୍କ ଉପସ୍ଥିତିର ସୁଚନା ମିଳିଥିଲା। ଯେଉଁଥିରେ ବରିଷ୍ଠ ଅଧିକାରୀଙ୍କ ନିର୍ଦ୍ଦେଶରେ ୨୦୩ କୋବରା ବାହିନୀ, ୧୩୧ ବାହିନୀ ସିଆରପିଏଫ ଏବଂ ଜିଲ୍ଲା ଫୋର୍ସର ମିଳିତ ପାର୍ଟୀନକ୍ସଲ ଗ୍ରସ୍ତ ଅପରେସନ ହେତୁ ଥାନା ଚିନ୍ତାଗୁଫା କ୍ଷେତ୍ର ଅନ୍ତର୍ଗତ ଗ୍ରାମ ପୀନାଚନ୍ଦା , ଗୁଣ୍ଡରାଜଗୁଡେମ, ଚିନ୍ତା ବାଗୁ ନଦୀ ଜଙ୍ଗଲ ଅଂଚଳକୁ ଯାଇଥିଲେ। ଅପରେସନ ସମୟରେ ଗ୍ରାମ ଗୁଣ୍ଡରାଜଗୁଡେମରୁ ୧.୪ କିମି ଦକ୍ଷିଣ ପୁର୍ବରେ ଏବଂ ଚିନ୍ତାବାଗୁ ନଦୀର କୁଳରେ ଅବସ୍ଥିତ ଘନ ଜଙ୍ଗଲ ନିକଟରେ ଅଜ୍ଞାତ ନକ୍ସଲଙ୍କ ଦ୍ୱାରା ଲୁଚାଇ ରଖାଯାଇଥିବା ବିପୁଳ ପରିମାଣର ବିସ୍ଫୋରକ ଏବଂ ଅନ୍ୟ ନକ୍ସଲୀ ସାମଗ୍ରୀ ଉଦ୍ଧାର କରାଯାଇଛି। ଘଟଣାରେ ସମସ୍ତ ଯବାନ ସୁରକ୍ଷିତ ଅଛନ୍ତି, ପରେ ସମସ୍ତେ ପାର୍ଟୀ ଅଭିଯାନ ଚଳାଇ ସୁରକ୍ଷିତ କ୍ୟାମ୍ପକୁ ଫେରିଛନ୍ତି।



# 'ବସିବାକୁ ମତେ ଗୋଟେ ଭଙ୍ଗା ସିଟ୍ ଦେଲେ'... ଏୟାର ଇଣ୍ଡିଆକୁ ଗାଳିଦେଲେ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ, ୨୨/୦୨ : ଅସଲି ଟଙ୍କା ନେଇ ବିମାନରେ ଭଙ୍ଗା ସିଟ୍ ଦେଉଛି ଏୟାର ଇଣ୍ଡିଆ । ଏଭଳି ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ। କେନ୍ଦ୍ର ମନ୍ତ୍ରୀ ଖରାପ ବିମାନ ସେବା ପାଇଁ ଏୟାର ଇଣ୍ଡିଆ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଶନିବାର ଦିନ ଏୟାର ଇଣ୍ଡିଆର ବିମାନ ମାଧ୍ୟମରେ ଭୋପାଳରୁ ଦିଲ୍ଲୀ ବିମାନରେ ଯାତ୍ରା କରିଥିଲେ । ସେ ବିମାନ ଯୋଗେ ଭୋପାଳରୁ ଦିଲ୍ଲୀ ଯାତ୍ରା କରିବା ସମୟର ତିକ୍ତ ଅନୁଭୂତିକୁ ବର୍ଣ୍ଣନାକରି ସୋସିଆଲ ମିଡ଼ିଆ 'ଏକ୍ସ'ରେ ପୋଷ୍ଟ କରିଛନ୍ତି । ତେବେ ଏହି ପୋଷ୍ଟକୁ ନେଇ ହଇଚଇ ସୃଷ୍ଟି ହୋଇଛି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଏୟାର ଇଣ୍ଡିଆ ବିମାନରେ ବସିବା ବହୁତ ଯନ୍ତ୍ରଣାଦାୟକ ଥିଲା । ସେ ନିଜ ଏକ୍ସରେ ଲେଖିଛନ୍ତି, 'ପୁସାରେ କୃଷକ ମେଳା ଉଦଘାଟନ, କୁରୁକ୍ଷେତ୍ରରେ ବୈଠକ, ଚଣ୍ଡୀଗଡରେ କୃଷକ ସଂଗଠନର ପ୍ରତିନିଧିଙ୍କ ସହିତ ଚର୍ଚ୍ଚା କରିବା ପାଇଁ ଆଜି ମୋତେ ଭୋପାଳରୁ ଦିଲ୍ଲୀ ଯିବାର ଥିଲା । ମୁଁ ଏୟାର ଇଣ୍ଡିଆ ବିମାନ ଏଆଇ ୪୩୬ରେ ଟିକେଟ କାଟିଥିଲି । ମୋତେ ସିଟ୍ ନଂ ୮ ସି ମିଳିଥିଲା । ମୁଁ ସିଟରେ ବସିବା ବେଳେ ସିଟ୍ ଭାଙ୍ଗିଥିଲା ଏବଂ ଭିତରକୁ ପଶିଯାଇଥିଲା । ଏଥିରେ ବସିବା ଯନ୍ତ୍ରଣାଦାୟକ ରହିଥିଲା । ▶▶ପୃଷ୍ଠା ୭



# ଏପ୍ରିଲ ପହିଲା ସୁଦ୍ଧା ରାଜ୍ୟର ସମସ୍ତ ୟୁ ଏଲ୍ ବିରେ ଓସ୍ୱାସ ବ୍ୟବସ୍ଥା

ଭୁବନେଶ୍ୱର , ୨୨ /୦୨: ରାଜ୍ୟର ସମସ୍ତ ପୌରସଂସ୍ଥା ଓଡିଶା ଷ୍ଟେଟ ୱାର୍କଫ୍ଲୋ ଅଟୋମେସନ ସିଷ୍ଟମ (ଓସ୍ୱାସ) ରେ ଯୋଡିହେବେ । ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ରାଜ୍ୟର ସମସ୍ତ ପୌରସଂସ୍ଥାଙ୍କୁ ଅବଗତ କରାଯାଇଛି । ସମସ୍ତ ପୌରସଂସ୍ଥାରେ ଓସ୍ୱାସ କାର୍ଯ୍ୟକାରୀ ହେଲେ ପ୍ରଶାସନିକ କାର୍ଯ୍ୟ ସୁରୁଖୁରୁରେ ଚାଲିବ । ଏଥିପାଇଁ ଓଡିଶା କମ୍ପ୍ୟୁଟର ଆପ୍ଲିକେଶନ ସେଂଟର (ଓକାକ)କୁ ଅନୁରୋଧ କରାଯାଇଛି । ଏଥିରେ ଓସ୍ୱାସ ବ୍ୟବହାର ପାଇଁ ପ୍ରତ୍ୟେକ ପୌରସଂସ୍ଥାକୁ ଡେସ୍କଟପ୍, ଲାପଟପ୍, ସ୍କାନର ଏବଂ ଲାନ୍ ଯୋଗାଣ ପାଇଁ କୁହାଯାଇଛି । ଡେସ୍କଟପ୍ କମ୍ପ୍ୟୁଟରରେ ଅତି କମ୍ରେସ ୱିଣ୍ଡୋ-୧୦ ସଫ୍ଟୱେର, ଆଂଟିଭାଇରସ୍ ଏବଂ ଲାନ୍ ବ୍ୟବସ୍ଥା ତାହା ଓସୱାନକୁ ସଂଯୋଗ କରାଯିବା ଆବଶ୍ୟକ । ପ୍ରତ୍ୟେକ ପୌରାଂଚଳରେ ଡାଟା ପରିଚାଳନା କରୁଥିବା କର୍ମଚାରୀଙ୍କ ସହିତ ଟିସିଏସ୍ ଟିମ୍ ଏବଂ ଓସ୍ୱାସର ପିଏମୟୁ ସମନ୍ୱୟ ରକ୍ଷା କରିବାକୁ କୁହାଯାଇଛି । ଏଥି ସହିତ ସମ୍ପ୍ରସାରିତ ବ୍ୟାଣ୍ଡୱିଥ୍ ପାଇଁ ସେମାନଙ୍କୁ ପାଣ୍ଠି ପାଇଁ ପ୍ରସ୍ତାବ ଦେବାକୁ କୁହାଯାଇଛି । ଏପ୍ରିଲ୍ ପହିଲା ସୁଦ୍ଧା ଏହି ଯୋଜନା ଯେଭଳି କାର୍ଯ୍ୟକାରୀ ହୋଇପାରିବ ସେଥିପାଇ ଓସ୍ୱାସ ଓ ଟିସିଏସ୍ ଟିମ୍କୁ ସହାୟତା ଯୋଗାଇଦେବାକୁ ସମସ୍ତ ପୌରସଂସ୍ଥାଗୁଡିକୁ କୁହାଯାଇଛି । ପୌରସଂସ୍ଥାଗୁଡିକ ସେମାନଙ୍କର ନିଜସ୍ୱ ପାଣ୍ଠିରେ ନେଟୱାର୍କିଂ ଭିତ୍ତିଭୂମି ବିକାଶ କରିବା ସହିତ ଓସୱାନକୁ ସମ୍ପ୍ରସାରିତ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଉଲ୍ଲେଖନୀୟ ଯେ ରାଜ୍ୟ ସଚିବାଳୟରେ ଓ ବିଭାଗୀୟ ମୁଖ୍ୟ ଦପ୍ତରରେ ଓସ୍ୱାସ ମାଧ୍ୟମରେ ସରକାରୀ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଏବେ ତାହାକୁ କ୍ଷେତ୍ରସ୍ତରୀୟ ଦପ୍ତରଗୁଡିକୁ ସମ୍ପ୍ରସାରିତ କରାଯାଉଛି । ▶▶ପୃଷ୍ଠା ୭

# ସମନ୍ୱିତ ଭିତ୍ତିଭୂମି ପ୍ରକଳ୍ପର ତୁରନ୍ତ ନିର୍ମାଣ କାର୍ଯ୍ୟାରମ୍ଭ ପାଇଁ : ଜିଲ୍ଲା ବରିଷ୍ଠ ନାଗରିକ ମଂଚର ଦାବିପତ୍ର ପ୍ରଦାନ



ବାଲେଶ୍ୱର, ତା୨୨/୦୨ : (ନି.ପ୍ର) ଗତ ୫ ବର୍ଷ ତଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ବାଲେଶ୍ୱର ଜିଲ୍ଲାରେ ପ୍ରାୟ ୨ଶହ କୋଟି ଟଙ୍କାର ମଞ୍ଜୁରୀପ୍ରାପ୍ତ ସମନ୍ୱିତ ଭିତ୍ତିଭୂମି (ଆଇଆଇସି) ପ୍ରକଳ୍ପର ଅଦ୍ୟାବଧି ନିର୍ମାଣ ହୋଇପାରିନାହିଁ। ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗକୁ ଦହପଡ଼ା ମୌଜାରେ ଥିବା ଉନ୍ନତ ଯୋଜନାଯୋଗ୍ୟ ୨୦ ଏକର ପରିମିତ ଜମିକୁ ରେମୁଣା ତହସିଲଦାରଙ୍କ ଦ୍ୱାରା ହସ୍ତାନ୍ତର ପାଇଁ ଖତିୟାନ ନଂ. ୧୪୯ରେ ଗତ ୫ବର୍ଷ ପୂର୍ବରୁ ପ୍ରଦାନ କରାଯାଇଥିଲା। କିନ୍ତୁ ପ୍ରଶାସନିକ ଅବହେଳାରୁ ଏହାର ନିର୍ମାଣ କାର୍ଯ୍ୟ ଅଦ୍ୟାବଧି ଆରମ୍ଭ ହୋଇପାରି ନାହିଁ। ବାଲେଶ୍ୱର ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଗତ ୫ ବର୍ଷ ମଧ୍ୟରେ କାର୍ଯ୍ୟରତ ସମସ୍ତ ଜିଲ୍ଲାପାଳ ଓ ସଂପୃକ୍ତ ବିଭାଗର ଜିଲ୍ଲା ଅଧିକାରିଣୀଙ୍କୁ ଅବଗତ କରାଯାଇଛି। ରାଜ୍ୟ ସରକାରଙ୍କୁ ମଧ ବହୁବାର ଆବେଦନପତ୍ର ମଞ୍ଚ ପକ୍ଷରୁ ଦିଆଯାଇଛି। ଶୁକ୍ରବାର ଦିନ ଅପରାହ୍ନରେ ମଞ୍ଚର କର୍ମକର୍ତ୍ତାମାନେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କୁ ସାକ୍ଷାତ କରି ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପାଇଁ ଅନୁରୋଧ କରିଥିଲେ। ଶ୍ରୀ ନାୟକ ମଞ୍ଚର ଉଦ୍‌ବେଗକୁ ବିଚାରକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ପ୍ରତିନିଧିମାନଙ୍କୁ ପ୍ରତିଶ୍ରୁତି ଦେଇଥିବାର ଜଣାଯାଇଛି। ଏହି ପ୍ରତିନିଧି ଦଳରେ ମଞ୍ଚର ଜିଲ୍ଲା ସାଧାରଣ ସଂପାଦକ ଶ୍ରୀ ଦାମୋଦର ନାୟକଙ୍କ ସମେତ ସର୍ବଶ୍ରୀ ଅନ୍ତର୍ଯାମୀ ପ୍ରଧାନ, କମଳାକାନ୍ତ ବେହେରା, ଗୌରାଙ୍ଗ ପାଣିଗ୍ରାହୀ, ସୀତାରାମ ପ୍ରଧାନ, ଦେବେନ୍ଦ୍ର ଚୌଧୁରୀ, ଶୀଲା ଘୋଷ, ଯୁଗଳ କିଶୋର ପ୍ରଧାନ, ରମେଶ ଚନ୍ଦ୍ର ଜେନା, ନିରଞ୍ଜନ ପରିଡ଼ା ଓ ରବି କୁମାର ପାଣିଗ୍ରାହୀ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସେଲ ରାଉରକେଲା ଇସ୍ପାତ କାରଖାନା ଦ୍ୱାରା କୁଆଁରମୁଣ୍ଡା ବ୍ଲକରେ ଆୟୋଜିତ ବହୁମୁଖୀ ସ୍ୱାସ୍ଥ୍ୟ ଶିବିରରେ ୨୫୦ରୁ ଅଧିକ ଗ୍ରାମବାସୀ ଉପକୃତ



ରାଉରକେଲା, ୨୨/୦୨ : ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଦ୍ୱାରା ଫେବୃଆରୀ ୧୯ ତାରିଖରେ କୁଆଁରମୁଣ୍ଡା ବ୍ଲକର ରାତଖଣ୍ଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖଡିଆଟୋଲାରେ ଏକ ବହୁମୁଖୀ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଆରଏସପିର କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗ ଦ୍ୱାରା ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସହଯୋଗରେ ଏହି ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନ ଚାର୍ଜ ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟ, ଅତିରିକ୍ତ ସିଏମଓ ଡାକ୍ତର ପ୍ରତିଭା ଷଡଙ୍ଗୀ, ସିଏସଆର ବିଭାଗର ଜିଏମ ଇନ ଚାର୍ଜ ସୁଶ୍ରୀ ମୁନମୁନ ମିତ୍ରା, ଜିଏମ ଶ୍ରୀ ବି ମଲ୍ଲିକ, ଏଜିଏମ ଶ୍ରୀ ଏ ଏନ ପତି, ମ୍ୟାନେଜର ସୁଶ୍ରୀ ରୀତା ସୁଧୀରମ ଏବଂ ସିଏସଆର ବିଭାଗର ଅନ୍ୟ ଅଧିକାରୀମାନେ ଶିବିର ପରିଦର୍ଶନ କରିବା ସହିତ ଗ୍ରାମବାସୀଙ୍କ ସହ ମତବିନିମୟ କରିଥିଲେ। ଆରଏସପିର ଚିକିତ୍ସକ ଦଳ ଯଥା ମେଡିସିନ୍ ବିଭାଗର ଡାକ୍ତର ଦେବାଶିଷ ରାୟ, ଶିଶୁରୋଗ ବିଭାଗର ଡାକ୍ତର ମାନଭଞ୍ଜନ, ସ୍ତ୍ରୀ ରୋଗ ବିଭାଗର ଡାକ୍ତର ପ୍ରିୟା, ଚକ୍ଷୁ ରୋଗ ବିଭାଗର ଡାକ୍ତର ପୁଷ୍ପା କୁମାରୀ, ଶଲ୍ୟ ବିଭାଗର ଡାକ୍ତର ଜ୍ୟୋତି ରଞ୍ଜନ ସାହୁ ଏବଂ ଇଏନଟି ବିଭାଗର ଡାକ୍ତର ମଧୁସ୍ମିତା ହୋତା ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶ୍ରୀ ପାର୍ଥ ସାରଥି ଷଡଙ୍ଗୀ, ଶ୍ରୀ ଲିଙ୍ଗରାଜ ପ୍ରଧାନ, ସୁଶ୍ରୀ ସୁସ୍ମି, ଏବଂ ସିଏସଆର କୋଅର୍ଡିନେଟର ଶ୍ରୀ ବି କେ ମହାପାତ୍ର ଚିକିତ୍ସକ ଦଳଙ୍କୁ ସହଯୋଗ କରିଥିଲେ। ଶିବିରରେ ପ୍ରାୟ ୨୪୬ ରୋଗୀଙ୍କୁ ପରୀକ୍ଷା କରାଯାଇ ମାଗଣା ଔଷଧ ଏବଂ ପରାମର୍ଶ ଦିଆଯାଇଥିଲା। ଏହା ବ୍ୟତୀତ ବିଭିନ୍ନ ସିଏସ୍ଆର୍ ଯୋଜନା ଅନ୍ତର୍ଗତ ଇସ୍ପାତ ଜେନେରାଲ୍ ହସ୍ପିଟାଲରେ ଅଧିକ ଚିକିତ୍ସା ପାଇଁ ୨୧ ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା। ସେମାନଙ୍କୁ ପ୍ରକଳ୍ପ ସୁନୟନା ଅନ୍ତର୍ଗତ ଚକ୍ଷୁ ଅସ୍ତ୍ରୋପଚାର, ପ୍ରକଳ୍ପ ସୁଶ୍ରୁତି ଅନ୍ତର୍ଗତ ଶ୍ରବଣ ସମସ୍ୟାର ଚିକିତ୍ସା, ପ୍ରକଳ୍ପ ଚରକ ଅନ୍ତର୍ଗତ ଶଲ୍ୟ ଚିକିତ୍ସା, ପ୍ରକଳ୍ପ ସୁରଭି ଅନ୍ତର୍ଗତ ସ୍ତ୍ରୀ ରୋଗ ଚିକିତ୍ସା, ପ୍ରକଳ୍ପ ଅକ୍ଷୟ ଅନ୍ତର୍ଗତ ଯକ୍ଷ୍ମା ରୋଗୀଙ୍କ ମାଗଣା ଚିକିତ୍ସା ଯୋଗାଇ ଦିଆଯିବ । ଉଲ୍ଲେଖଯୋଗ୍ୟ ଯେ, ପାର୍ଶ୍ୱାଞ୍ଚଳ ଗ୍ରାମଗୁଡିକରେ ଆରଏସପି ଦ୍ୱାରା ଆୟୋଜିତ ହେଉଥିବା ମେଡିକାଲ କ୍ୟାମ୍ପ ନା କେବଳ ଦୁର୍ଗମ ଅଞ୍ଚଳରେ ରହୁଥିବା ଲୋକଙ୍କ ନିକଟରେ ପହଂଚୁଛି ବରଂ ଗୁରୁତର ରୋଗରେ ପୀଡିତ ଚିହ୍ନଟ ବ୍ୟକ୍ତିଙ୍କୁ ଆଇଜିଏଚରେ ବ୍ୟୟବହୁଳ ସର୍ଜିକାଲ୍ ହସ୍ତକ୍ଷେପଗୁଡିକ ମାଗଣାରେ ମଧ ପ୍ରଦାନ କରୁଛି ।

# ପ୍ରକାଶନ ସୁଦୃଢ ହେଲେ ଲେଖକ ଓ ପାଠକର ଦୂରତା କମିବ

ସମ୍ବଲପୁର, ୨୨/୨ (ନି.ପ୍ର): (ହି.ସ)ସମ୍ବଲପୁରୀ ଦରପନ ଅନୁଷ୍ଠାନ ପକ୍ଷରୁ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଶୁକ୍ରବାର ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି ସମ୍ବଲପୁରୀ ଦରପନର ଉପଦେଷ୍ଟା ଲକ୍ଷ୍ମୀନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସମ୍ବଲପୁରୀ ଦରପନ ର ସମ୍ପାଦକ ଭବାନୀଶ ଭୋଇ ପରିଚାଳନା କରିଥିଲେ। ଏଥିରେ ସମ୍ବଲପୁରୀ ଭାଷାର ସାମ୍ବିଧାନିକ ସ୍ୱିକୃତି, ଭାଷାର ବର୍ତ୍ତମାନ ସ୍ଥିତି ଏବଂ ଉନ୍ନତି ପାଇଁ ଆବଶ୍ୟକ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା ସମ୍ବଲପୁରୀ ଭାଷାରେ ପ୍ରକାଶନର ସମସ୍ୟା ଯୋଗୁଁ ବହୁ କବି ଲେଖକଙ୍କ ଲେଖା ଲୋକ ଲୋଚନକୁ ଆସିପାରୁନଥିବା ନେଇ ଚର୍ଚ୍ଚା କରାଯାଇଥିଲା ଏଥିପାଇଁ ସମ୍ବଲପୁରୀ ଭାଷାରେ ଅଧିକରୁ ଅଧିକ ପୁସ୍ତକ ପ୍ରକାଶନ ନିମନ୍ତେ ସମ୍ବଲପୁରୀ ଦରପନ ପକ୍ଷରୁ ଦାୟିତ୍ୱ ନେବା ଜରୁରୀ ବୋଲି ଉପସ୍ଥିତ ଆଲୋଚକ ମାନେ ମତ ପ୍ରକାଶ କରିଥିଲେ ପ୍ରକାଶନ ସୁଦୃଢ ହେଲେ ଲେଖକ ଏବଂ ପାଠକ ମଧ୍ୟରେ ଦୂରତା କମିବ ଏବଂ ସମ୍ବଲପୁରୀ ଭାଷାର ବିକାଶ ସମ୍ଭବ ହେବ ବୋଲି କାୟର୍ୟକ୍ରମରେ ବରିଷ୍ଠ ଲେଖକ ମାନେ ମତ ପୋଷଣ କରିଥିଲେ ଏହି ଅବସରରେ ପ୍ରତି ମାସରେ ପ୍ରତି ସଦସ୍ୟ ଶହେଟଙ୍କାର ପାଣ୍ଠି ସଂଗ୍ରହ କରି ସେହି ପାଣ୍ଠିରେ ପୁସ୍ତକ ମାନ ପ୍ରକାଶନ କରିବାକୁ ଆଗଭର ହେବାକୁ ମତ ଦେଇଥିଲେ ଆନ୍ତର୍ଜାତୀୟ ମାତୃଭାଷା ଦିବସ ଅବସରରେ ମାଁ ସମଲେଇ ଏବଂ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇ କାୟର୍ୟକ୍ରମ ଆରମ୍ଭ କରାଯାଇଥିଲା ପଶ୍ଚିମାଂଚଳ ଏକତା ମଂଚ ସହଯୋଗ ରେ ଏହି କାୟର୍ୟକ୍ରମ ଆୟୋଜିତ ହୋଇଥିଲା ଏହି ଅବସରରେ ପଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ସମ୍ବଲପୁରୀ ଡେରାରେ ନିୟମିତ ସମ୍ବଲପୁରୀ କାୟର୍ୟକ୍ରମ ଆୟୋଜନ ନେଇ ମତ ପ୍ରକାଶ ପାଇଥିଲା କାୟର୍ୟକ୍ରମରେ ଓଡିଶା ସାଂସ୍କୃତିକ ସମାଜର ପୂର୍ବତନ ସଭାପତି ଅଶୋକ ମିଶ୍ର, ସମ୍ବଲପୁରୀ ଦରପନର କାୟର୍ୟକାରୀ ସମ୍ପାଦକ ଦେବୀ ପ୍ରସାଦ ଭୋଇ, ଅକ୍ଷର ଅନୁଷ୍ଠାନର ସମ୍ପାଦକ ମାନସ ରଂଜନ ଷଡଙ୍ଗୀ, ପଶ୍ଚିମାଂଚଳ ଏକତା ମଂଚର ପଙ୍କଜିନୀ ମେହେର, ସୁଷମା ପ୍ରଧାନ, କିଶୋର ଧରେଇ, ଲଳିତ ମୋହନ ବେବେର୍ତ୍ତା, ବ୍ୟଙ୍ଗକବି ଗୁଣ ରଞ୍ଜନ ସାଲିମା, ସୁପ୍ରୀୟା ଦାସ, ରାହୁଲ ଗୁପ୍ତା, ଲଳିତା ଭୋଇ ପ୍ରମୁଖ ଉପସ୍ଥିତ ରହି ନିଜର ମତ ଉପସ୍ଥାପନ କରିଥିଲେ

## ବ୍ରାଉନ ସୁଗାର ଓ ଚୋରା ମଦ ଜବତ, ୩ କୋର୍ଟ ଚାଲାଣ

କେନ୍ଦ୍ରାପଡା, ୨୨/୨ (ନି.ପ୍ର): (ହିସ) - ଜିଲ୍ଲା ର କେନ୍ଦ୍ରାପଡ଼ା ଟାଉନ, ମାର୍ଶାଘାଇ, ଜମ୍ବୁ ମେରାଇନ ଏବଂ ରାଜକନିକା ଥାନା ବିଭିନ୍ନ ସ୍ଥାନରେ ବ୍ରାଉନ ସୁଗାର ଏବଂ ଚୋରା ମଦ ବିକ୍ରି ହେଉଥିବାର ଖବର ପାଇବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ, ଶ୍ରୀ ବିପ୍ର ଚରଣ ମଣ୍ଡଳ ଙ୍କ ତତ୍ୱ। ଅବକାରୀ ଟିମ ସ୍ଥାନରେ ଚଢାଉ କରି ୧୭ ଗ୍ରାମ ବ୍ରାଉନ ସୁଗାର ସହ ୫୫୧ ଲିଟର ଚୋରା ଦେଶୀ ଓ ରନ୍ଧା ମଦ ସହିତ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି । ହେଲେ ବଡବାରଙ୍ଗ ଗ୍ରାମର ସୁରେନ୍ଦ୍ର ବେହେରା, ବୟସ ୫୪ ବର୍ଷ, ନାଳଦିଆ ପାଳନ୍ଦ ଗ୍ରାମର ଦେବେନ୍ଦ୍ର ବେହେରା, ବୟସ-୪୫ ବର୍ଷ ଏବଂ ବରଡା ଗ୍ରାମର ଶେଖର ସେଠୀ, ବୟସ-୫୫ ବର୍ଷ । ଏମାନଙ୍କୁ ଗିରଫ କରାଯାଇ ଏମାନଙ୍କ ପାଖରୁ ୧୭ ଗ୍ରାମ ବ୍ରାଉନ ସୁଗାର ସହିତ ୫୫୧ ଲିଟର ଚୋରା ଦେଶୀ ଓ ରନ୍ଧା ମଦ ବିପୁଳ ପରିମାଣରେ ଜବତ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ନିରିକ୍ଷକ କହିଛନ୍ତି । ଏହି ଚଢାଉରେ ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଲିକ, ପଦ୍ମଲୋଚନ ନାୟକ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

# ଜିଲ୍ଲା ସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ

କେନ୍ଦ୍ରାପଡା, ୨୨/୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ କେନ୍ଦ୍ରାପଡା ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି ଓ ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ ଲିଲିତା ଦାସ ଶୁଭ ଉଦଘାଟନ କରିଥିଲେ ଓ ଗ୍ରାମ୍ୟ ସ୍ତରରେ କାର୍ଯ୍ୟରତ ଆଶା, ଗାଁ କଲ୍ୟାଣ ସମିତି ଓ ଆରୋଗ୍ୟ ସମିତିର କର୍ମକର୍ତା ମାନଙ୍କୁ ବର୍ଷକୁ ଥରେ ସେମାନଙ୍କର ଉଚ୍ଚକୋଟୀର କାର୍ଯ୍ୟଦକ୍ଷତା ପାଇଁ ପ୍ରୋତ୍ସାହନ କରିବା ସହିତ ପ୍ରମାଣପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିବା ଉକ୍ତ ସମ୍ମିଳନୀର ମୂଳ ଉଦ୍ଦେଶ୍ୟ ଥିଲା ଓ ଆଗାମୀ ଦିନରେ ସ୍ୱାସ୍ଥ୍ୟ ସେବାକୁ ଆଗେଇ ନେବାରେ ଆଗ୍ରହ ପ୍ରକାଶ କରିବା ସହିତ ସୁଦକ୍ଷତାର ପରିଚୟ ସୃଷ୍ଟି କରିବା ଏହି ସମ୍ମିଳନର ଉଦ୍ଦେଶ୍ୟ ଓ ଏହି ସମ୍ମିଳନୀରେ ୬ ଜଣ ଗ୍ରାମାଂଚଳର ଆଶାକର୍ମୀ ପୁରସ୍କୃତ ହୋଇଥିଲେ ଓ ଉଚ୍ଚମାନର କାର୍ଯ୍ୟଦକ୍ଷତା ପାଇଁ ପ୍ରତି ବ୍ଲକରୁ ଜଣେ ଲେଖାଏଁ ଗାଁ କଲ୍ୟାଣ ସମିତି ସଭ୍ୟ ସଭ୍ୟା ଏବଂ ୨୮ ଜଣ ମହିଳା ଆରୋଗ୍ୟ ସମିତିର ସଭ୍ୟ ସଭ୍ୟାଙ୍କୁ ସମ୍ମାନିତ କରାଯାଇ ଥିଲା ଓ ଏହାଛଡା କାୟାକଳ୍ପ ପୁରସ୍କାର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଆଳି, ଡେରାବିଶ, ମହାକାଳପଡ଼ା, ମାର୍ଶାଘାଇ, ପଟ୍ଟାମୁଣ୍ଡାଇ, ରାଜନଗର, ରାଜକନିକା, ପାଟକୁରା ଓ ଇନ୍ଦୁପୁର ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସାନ୍ତ୍ୱନାମୂଳକ ଭାବେ ପୁରସ୍କୃତ ହୋଇଥିଲେ ଓ ଏତଦ ବ୍ୟତୀତ ରାଜ୍ୟସ୍ତରରେ ପରିବେଶ ଅନୁକୂଳ ଚିକିତ୍ସାଳୟ ଭାବରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କେନ୍ଦ୍ରାପଡା ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲା ଓ ଉକ୍ତ ସମ୍ମିଳନୀରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସ୍ମୃତି ରଞ୍ଜନ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପ୍ରମୋଦ କୁମାର ପ୍ରହରାଜ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ସଚ୍ଚିଦାନନ୍ଦ ମିଶ୍ର, ଜିଲ୍ଲା କୃଷି ମୁଖ୍ୟ ଅଧିକାରୀ କଲ୍ୟାଣ କୁମାର ରାୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରିଣୀ ଅଦ୍ୟାଶା ରଥ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତ୍ରିଭୁବନ ଜୟସିଂହ, ଗୀତାଞ୍ଜଳି ଦାସ ପ୍ରମୁଖ ମଂଚାସୀନ ହୋଇଥିଲେ ଓ ଏତଦ ବ୍ୟତୀତ ପ୍ରତ୍ୟେକ ବ୍ଲକରୁ ଚିକିତ୍ସା ଅଧିକାରୀ, ପିଏଚଇଓ, ବିପିଏମ୍, ବିଡିଏମ, ଗାଁ କଲ୍ୟାଣ ସମିତିର ସଭ୍ୟ ତଥା ମହିଳା ଓ ଆରୋଗ୍ୟ ସମିତିର ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ ।

# ଜିଲ୍ଲାରେ ମଣ୍ଡି ବ୍ୟବସ୍ଥାର ସଂପ୍ରସାରଣ, ନିଯୁକ୍ତି, ଦରବୃଦ୍ଧି ନିୟନ୍ତ୍ରଣ ଦାବିରେ ସିପିଆଇର ଜୋନ ସମ୍ମିଳନୀ

କେନ୍ଦ୍ରାପଡା, ୨୨/୨ (ନି.ପ୍ର): - କେନ୍ଦ୍ରାପଡ଼ା ଜିଲ୍ଲାରେ ମଣ୍ଡି ବ୍ୟବସ୍ଥାର ସଂପ୍ରସାରଣ, ନିଯୁକ୍ତି, ଦରବୃଦ୍ଧି ନିୟନ୍ତ୍ରଣ ପ୍ରଭୃତି ଦାବିରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଏକ ଜୋନସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀକୁ ଉଦଘାଟନ କରି ଜିଲ୍ଲା ସାଧାରଣ ସମ୍ପାଦକ ଆଇନଜୀବୀ ରମଣୀରଞ୍ଜନ ରାଉତରାୟ କହିଲେ ଯେ ମଣ୍ଡିରେ ଧାନ ବିକ୍ରୀର ବ୍ୟାପକ ଅବ୍ୟବସ୍ଥା, ବେକାର ଯୁବତୀ/ଯୁବକମାନଙ୍କୁ ନିଯୁକ୍ତି ଓ ଦରବୃଦ୍ଧି ନିୟନ୍ତ୍ରଣ, ଜାତୀୟ ରାଜପଥ ସଂପ୍ରସାରଣ ସମୟେର ଜାତୀୟ ରାଜପଥ କର୍ତୃ ପକ୍ଷଙ୍କ ଖାମଖିଆଲି ଓ ଦାୟିତ୍ୱହୀନତା କାରଣରୁ ବାରମ୍ବାର ଦୁର୍ଘଟଣା ଘଟି ଲୋକଙ୍କ ଜୀବନହାନୀ ଘଟିବା, ଜିଲ୍ଲାର ଆଇନଶୃଙ୍ଖଳା ନିୟନ୍ତ୍ରଣ କରିବାରେ ପ୍ରଶାସନର ବିଫଳତା ପ୍ରଭୃତି ପ୍ରତିବାଦେର ଭାରତୀୟ କମ୍ୟୁନିଷ୍ଟ ପାର୍ଟି କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ବ୍ୟାପକ ଜନ ସେଚତନତା ଓ ଜନ ଅାନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଥିଲେ। ଶିକ୍ଷକେନତା ଅଜୟ ସାମଲ ପାର୍ଟିର ଲାଲ୍ ପତାକା ଉତୋଳନ କରିଥିବା ବେଳେ ସହ ସମ୍ପାଦକ ଆଦିକନ୍ଦ ରାଉଳ, ବିକାଶ ଚନ୍ଦ୍ର ବେଉରା, ଶୁକଦେବ ମଲିକ, ପ୍ରେମାଦ କୁମାର ରାଉତ, ସୁରେଶ ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଯୁବନେତା ରଞ୍ଜନ କୁମାର ମଲିକଙ୍କ ସଭାପତିତ୍ୱେର ଡେରାବିଶ ବ୍ଲକ ଅନ୍ତଗର୍ତ ଲକ୍ଷ୍ମୀନାରାୟଣପୁର ଗ୍ରାମପଂଚାୟତର ବାଘିଲୋ ଗ୍ରାମେର ଅନୁଷ୍ଠିତ ଏହି ସମ୍ମିଳନୀରେ ଆସନ୍ତା ତିନିବର୍ଷ ପାଇଁ ଏକ ୧୫ଜଣିଆ ଜୋନ କମିଟି ଗଠନ କରାଯାଇଥିଲା।

## କ୍ଷେତ୍ର ଋଣ ସଂପର୍କରେ ନାବାର୍ଡ ଲିଙ୍କଡ୍ କ୍ରେଡିଟ ପ୍ଲାନର ଜିଲ୍ଲା ସ୍ତରୀୟ ବୈଠକ

କେନ୍ଦ୍ରାପଡା, ୨୨/୨ (ନି.ପ୍ର): ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପ୍ରାଥମିକତା କ୍ଷେତ୍ର ଋଣ ଅଧୀନରେ ନାବାର୍ଡର ସମ୍ଭାବ୍ୟ ଲିଙ୍କ୍ଡ୍ କ୍ରେଡିଟ୍ ପ୍ଲାନର ଜିଲ୍ଲାସ୍ତରୀୟ ବୈଠକ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ ହଲରେ ଅନୁଷ୍ଠିତ ହୋଇଯାଇଛିଓ ଜାତୀୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ) ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଅଗ୍ରାଧିକାର କ୍ଷେତ୍ର ଲାଗି ନାବାର୍ଡ ତରଫରୁ ୫୪୧୨.୧୨ କୋଟି ଟଙ୍କାର ଋଣ ପ୍ରଦାନ ପାଇଁ ଆକଳନ କରାଯାଇଥିଲା ବେଳେ ନାବାର୍ଡର ରୂପରେଖ ପ୍ରସ୍ତୁତ କରାଯାଇଥିଲା ଓ ଜିଲ୍ଲାପାଳ ତାଙ୍କ ଭାଷଣରେ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ର ଉପରେ ଧ୍ୟାନ ଦେଇ ଅଗ୍ରାଧିକାର କ୍ଷେତ୍ରରେ ଋଣ ପ୍ରବାହ ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ ବୈଠକରେ ଡକ୍ଟର ସ୍ମିତା ଏନ. ବଡଜେନା, ଜିଲ୍ଲା ଉନ୍ନୟନ ପରିଚାଳିକା, ନାବାର୍ଡ, ମନୋଜ କେ. ପ୍ରଧାନୀ, ପ୍ରମୁଖ ଜିଲ୍ଲା ପରିଚାଳକ, କଲ୍ୟାଣ ରାୟ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ସନ୍ତୋଷ କୁମାର ଦାସ, ଡିଆରସିଏସ, କେନ୍ଦ୍ରାପଡ଼ା ଏବଂ ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

# ନେପାଳୀ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା : ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏବିଭିପିର ବିକ୍ଷୋଭ

ବଲାଙ୍ଗିର, ୨୨/୨ (ନି.ପ୍ର):- ବଲାଙ୍ଗିର ଏବିଭିପି ତରଫରୁ ଭୁବନେଶ୍ୱରର ଘରୋଇ ଅନୁଷ୍ଠାନ କିଟ୍ ବିଶ୍ୱବିଦ୍ୟାଳୟରେ ଯେଉଁଭଳି ଭାବରେ ନେପାଳୀ ଛାତ୍ରଛାତ୍ରୀଙ୍କ ଉପରେ ଅମାନୁସିକ ଅତ୍ୟାଚାର କରାଯାଇଛି ତାର ପ୍ରତିବାଦରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଏହି ଶିକ୍ଷା ଅନୁଷ୍ଠାନର ମାଲିକ ଅଚ୍ୟୁତ ସାମନ୍ତଙ୍କୁ ତୁରନ୍ତ ଗିରଫ କରି ଶିକ୍ଷାନୁଷ୍ଠାନକୁ ସିଲ କରାଯିବା ପାଇଁ ରାଜ୍ୟ ସରକାରଙ୍କ ଠାରେ ଦୃଢ ଦାବି କରାଯାଇଛି । କିଟ୍ ବିଶ୍ୱବିଦ୍ୟାଳୟର ହଷ୍ଟେଲ ରୁମ୍ ?ରେ ଗତ ରବିବାର ୨୦ ବର୍ଷୀୟା ନେପାଳୀ ଛାତ୍ରୀ ପ୍ରକ୍ରିତି ଲାମ୍‌ସଲ୍ ଆତ୍ମହତ୍ୟା କରିଥିଲେ। ଏହାକୁ ନେଇ ନେପାଳୀ ଛାତ୍ରମାନେ ବିରୋଧ କରିବା ପରେ ସେମାନଙ୍କୁ ମାଡ଼ମାରି ବିଶ୍ୱବିଦ୍ୟାଳୟ ପରିସରରୁ ବାହାର କରିଦିଆଯିବା ଘଟଣାକୁ ନେଇ ସାରା ରାଜ୍ୟରେ ଏବିଭିପି ବିକ୍ଷୋଭ ପ୍ରଦର୍ଶନ କରୁଛି। ଏହି ପରିପ୍ରେକ୍ଷୀରେ ବଲାଙ୍ଗିର ସ୍ଥିତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଫାଟକ ସମ୍ମୁଖରେ ଶୁକ୍ରବାର କିଟ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ କୁଶ ପୁତଳିକା ଦାହ କରି ବିକ୍ଷୋଭ ପ୍ରଦର୍ଶନ କରିଛି ବଲାଙ୍ଗିର ଏବିଭିପି। ଘଟଣାର ନିରପେକ୍ଷ ତଦନ୍ତ ଦାବି କରିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଛାତ୍ରୀଙ୍କ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ସେମାନେ ଦାବି କରିଛନ୍ତି। ଛାତ୍ରୀଙ୍କୁ କଲେଜ କର୍ତୃପକ୍ଷ ମାନସିକ ନିର୍ଯାତନା ଦେଉଥିବା ପ୍ରତିବାଦରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ମଧ୍ୟ କରିଛନ୍ତି। ଏହି ବିକ୍ଷୋଭରେ ବଲାଙ୍ଗିର ବିଭାଗ ସଂଯୋଜକ ସ୍ୱରାଜ ପୁରୋହିତ ନେତୃତ୍ୱ ନେଉଥିବା ବେଳେ ଏଥିରେ ଜିଲ୍ଲା ସଂଯୋଜକ ଉତମ ବରାଡ, ନଗର ସମ୍ପାଦକ ତେଜରାଜ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆୟୁଷ ଯୋଶୀ ଓ ଅନ୍ୟାନ୍ୟ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

## ସ୍ୱାସ୍ଥ୍ୟବନ୍ଧୁ କାର୍ଯ୍ୟକ୍ରମ ପାଇଁ ବୈଠକ

କେନ୍ଦ୍ରାପଡା,୨୨/୦୨ : (ନି.ପ୍ର) ଆସନ୍ତା ମହାଶିବରାତ୍ରି ଦିନ ପ୍ରଭୁ ଗୋକ୍ଷେଶ୍ୱର ମହାଦେବ ଙ୍କ ପୀଠ ଗୋପିନାଥପୁର ଶାସନ ରେ ସ୍ୱାସ୍ଥ୍ୟ ବନ୍ଧୁ କାର୍ଯ୍ୟକ୍ରମ ଫେବ୍ରୁଆରି ମାସ ୨୬ ତାରିଖ ରେ ଅନୁଷ୍ଠିତ ହେବ। ଡାକ୍ତର ଲୋକନାଥ ସାହୁ ଉପସ୍ଥିତ ରହି ରୋଗୀ ଚିକିତ୍ସା କରିବେ। ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମାଗଣା ରେ ମେଡିସିନ ବିତରଣ କରାଯିବ। ଆଜିର ପ୍ରସ୍ତୁତି ବୈଠକ ରେ ଭାଗ ନେଇଥିବା ବ୍ୟକ୍ତି ମାନେ ହେଲେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର ସଭାପତି ଶ୍ରୀଯୁକ୍ତ ଦମନ ମହାନ୍ତି, ତପନ କୁମାର ନାଥ, ହିମାଂଶୁ ସ୍ୱାଇଁ, ଇନ୍ଦ୍ରମଣି ନାଏକ, ଶୁଭମ୍ ଦାଶ, ପ୍ରଭଞ୍ଜନ ମହାପାତ୍ର, ପ୍ରମୋଦ କୁମାର ସ୍ୱାଇଁ, ରଞ୍ଜନ ଦାଶ, ଅଞ୍ଜନ ମହାପାତ୍ର, ଶୈଳବାଳା ମହାପାତ୍ର, ସାଇଶ୍ରୀ ମହାପାତ୍ର ଓ ରାଜଶ୍ରୀ ଦାଶ।

## ସାଲେପାଲି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସୁବର୍ଣ୍ଣପୁର, ୨୨/୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସମଲେଇଚୁଆଁ କ୍ଲଷ୍ଟର ସ୍ଥିତ ସାଲେପାଲି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶୁକଦେବ ମୁଣ୍ଡ୍ରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଗ୍ରାମପଂଚାୟତ ସମିତି ସଭ୍ୟ ପ୍ରବୀର ସାହୁ ମୁଖ୍ୟ ଅତିଥି, ସିଆଁସିସି ରାଧେଶ୍ୟାମ ରଥ ମୁଖ୍ୟବକ୍ତା, ବେହେରାମାଲ ସିଆଁସିସି ସୁରେନ୍ଦ୍ର ରଥ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ପଧାନ ବାର୍ଷିକ ବିବରଣୀ ପଠନ କରି ଥିବାବେଳେ ଶିକ୍ଷକ ନାରାୟଣ ଆଡବା ସଭା ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ । ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ତଥା ବିଭିନ୍ନ ସମୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା, ତଥା ପ୍ରଥମ ସମାପ୍ତିସୂଚକ ମୂଲ୍ୟାୟନରେ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହିତ ପୁରସ୍କାର ଦିଆଯାଇଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା । ସମସ୍ତ ଛାତ୍ରଛାତ୍ରୀ, ଅବିଭାବକ, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟସଭ୍ୟା, ସାଲେପାଲି ଗ୍ରାମବାସୀ ସହଯୋଗ କରିଥିଲେ ।

# ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳିତ

ସମ୍ବଲପୁର, ୨୨/୨ (ନି.ପ୍ର): ସ୍ଥାନୀୟ ଧନୁପାଲି ଶିଶୁ ବିଦ୍ୟାମନ୍ଦିର ଠାରେ ଆଜି ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ସଭାପତି ଡ଼କ୍ଟର ଦେବେନ୍ଦ୍ର ପଣ୍ଡା, ମାତୃଭାଷା ଶିକ୍ଷା ଦାନ କରୁଥିବା ଗୁରୁମା ଶ୍ରୀମତୀ ସବିତା ମହାପାତ୍ର, ମୁଖ୍ୟ ଅତିଥି ଡ଼ଃ.ଶ୍ୟାମ ସୁନ୍ଦର ଧର, ପ୍ରଧାନ ଆଚାର୍ଯ୍ୟ ବିଭୁ ପ୍ରସାଦ ମହାପାତ୍ର, ସହ ପ୍ରଧାନ ଆଚାର୍ଯ୍ୟ ଅମୃତ ପଟେଲ ପ୍ରମୁଖ ମଂଚସୀନ ଥିଲେ କ୍ଷ ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ଅମୃତ ପଟେଲ ଅତିଥି ମହୋଦୟଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଡ଼କ୍ଟର ଧର ତାଙ୍କ ଅଭିଭାଷଣରେ ଆଜିର ଶିକ୍ଷା ବ୍ୟବସ୍ଥାକୁ ଗଢି ତୋଳିବାରେ ଶିଶୁ ମନ୍ଦିରର ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରି ଓଡ଼ିଆ ଭାଷା ସମସ୍ତ ଭାଷାର ଜନନୀ ଓ ସଂସ୍କୃତି ର ବାର୍ତ୍ତାବହ ବୋଲି କାହିଥିଲେ ଏପରିକି ସମ୍ବଲପୁରୀ ଭାଷାର ମାଧୁର୍ଯ୍ୟ ବିଷୟରେ ବଖାଣି ଏହାର ସାମ୍ବିଧାନିକ ମାନ୍ୟତା ଗୁରୁତ୍ୱ ଆରୋପ କରିଥିଲେ କ୍ଷ ସଭାପତି ମହୋଦୟ ତାଙ୍କ ଅଭିଭାଷଣରେ ଭାଷାର ମାହାତ୍ମ୍ୟ ବିଷୟରେ ଅବତାରଣା କରିଥିଲେ। ମୁଖ୍ୟବକ୍ତା ଶ୍ରୀମତୀ ସବିତା ମହାପାତ୍ର ମାତୃଭାଷା ଦିବସର ତପୃର୍ଯ୍ୟ ବିଷୟରେ ଅବତାରଣା କରିଥିଲେକ୍ଷ ଏହି ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା କ୍ଷ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଭାଇଭଉଣୀ ଓ ଗୁରୁଜୀ ଗୁରମା ଅଂଶ ଗ୍ରହଣ କରିଥିଲେ ।

## ପରୀକ୍ଷାକୁ ନେଇ ଯାଉଥିବା ବୁଲେର ଦୁର୍ଘଟଣା ଗସ୍ତ

କେନ୍ଦ୍ରାପଡା, ୨୨/୨ (ନି.ପ୍ର): ମାଟ୍ରିକ ପିଲାଙ୍କୁ ନେଇ ପରୀକ୍ଷାକେନ୍ଦ୍ରକୁ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହେଲା ବୋଲେରୋ । ଫଳରେ ବୋଲେରୋରେ ଥିବା ୧୧ ପରୀକ୍ଷାର୍ଥୀ ଆହତ ହୋଇଛନ୍ତି ଘଟଣା ଘଟିଛି କେନ୍ଦ୍ରାପଡା ଜିଲା ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ଡାଙ୍ଗମାଳ- ରାଜନଗର୍ ରାସ୍ତାର କୃଷ୍ଣନଗର ଠାରେ ରାଜନଗର ବ୍ଲକ ଅନ୍ତର୍ଗତ ବିବେକାନନ୍ଦ ହାଇ ସ୍କୁଲ୍ ର ୧୧ ଜଣ ଛାତ୍ରଛାତ୍ରୀ ଙ୍କୁ ନେଇ ଏକ ବୋଲେରୋ ଡାଙ୍ଗମାଳ ସ୍ଥିତ ନାଗାନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କୁ ପରୀକ୍ଷା ଦେବାକୁ ଯାଉଥିଲା । ତେବେ କୃଷ୍ଣ ନଗର୍ ଠାରେ ବୋଲେରୋ ଟି ଏକ ସାଇକେଲ ଆରୋହୀ ଙ୍କୁ ଧକ୍କା ଦେଇ ଓଲଟି ପଡିଥିଲା ଏଥିରେ ୯ ଜଣ ପରୀକ୍ଷାର୍ଥୀ ଆହତ ହୋଇଥିବା ବେଳେ ୨ ଜଣ ଗୁରୁତର ଆହାତ ହୋଇଥିବା ଜଣାପଡିଛି । ଆହତ ଛାତ୍ର ଛାତ୍ରୀ ଡାଙ୍ଗମାଳ ସ୍ୱାସ୍ଥ୍ୟ କେନ୍ଦ୍ର ରେ ପ୍ରାଥମିକ ଚିକିତ୍ସା ପରେ ପରୀକ୍ଷା ପାଇଁ ପଠାଇ ଦିଆଯାଇଛି ।

# ଆତ୍ମହତ୍ୟା ଉଦ୍ୟମ ବେଳେ ନାବାଳିକାକୁ ବଂଚାଇଲେ ବନପାଳ

ସମ୍ବଲପୁର, ୨୨/୨ (ନି.ପ୍ର):। ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ନାଗଡ଼ିହି ଜଙ୍ଗଲରେ ନିଆଁ ପାଇଁ ଅଂଚଳ ପରିଦର୍ଶନ କରୁଥିବାବେଳେ ବନପାଳ ଏକ ନାବାଳିକାର ଜୀବନ ବଂଚାଇଥିବା ନେଇ ଅଂଚଳରେ ବନପାଳଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।ଗତ ୧୯ ତାରିଖ ମଧ୍ୟାହ୍ନରେ ବନପାଳ ସୁନିତା ନାଏକ ଜଙ୍ଗଲରେ ଲାଗିଥିବା ନିଆଁ ପାଇଁ ଅଂଚଳ ପରିଦର୍ଶନ କରୁଥିବା ସମୟରେ ନାଗଡ଼ିହି ନିକଟସ୍ଥ ଜଙ୍ଗଲରେ ଜନୈକା ନାବାଳିକାକୁ ଏକୁଟିଆ ଦେଖିବାକୁ ପାଇଥିଲେ କ୍ଷ ଝିଅଟିକୁ ଏକୁଟିଆ ଦେଖି ଜରାବଗା ବନପାଳ ସୁନିତା ନାଏକ ତାଙ୍କୁ ଅଟକାଇ ପଚରା ଉଚରା କରିବାରେ ଝିଅଟି ଘରେ ପରିବାର ସହିତ ଝଗଡା କରି ଶେଷରେ ଆତ୍ମହତ୍ୟା କରିବା ପାଇଁ କାନ୍ଦି କାନ୍ଦି କହିଥିଲା । ଏପରି ଶୁଣିବା ପରେ ନାବାଳିକା ଜଣଙ୍କ ହାତରେ ଧରିଥିବା ବିଷ ବୋତଲକୁ ବନପାଳ ଛଡାଇ ନେଇ ମହୁଲପାଲି ପୋଲିସ ଓ ଆମ୍ବୁଲାନ୍ସକୁ ଡକାଇଥିଲେ କ୍ଷ ମହୁଲପାଲି ପୋଲିସ ଘଟଣା ସ୍ଥଳରେ ପହଂଚି ତାଙ୍କ ପରିବାର ଲୋକଙ୍କୁ ଡାକି ଝିଅଟିକୁ ବୁଝାସୁଝା କରି ପରିବାର ଲୋକଙ୍କୁହସ୍ତାନ୍ତର କରିଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୩ ଫେବୃଆରୀ ୨୦୨୫
email :
rabibarachayan2015@gmail.com



......ସୁଚୟନ ସୁଚୟନ ସୁଚୟନ......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର


## ଧାରାବାହିକ ଉପନ୍ୟାସ



# ବୈଦେହୀ

### ଡ.ଭାଗବତ ବେହେରା

ଭାଗ-୮୮
(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ମହର୍ଷି ବିଶ୍ୱାମିତ୍ର ଘୋଷଣା କରୁଥାନ୍ତି, ହେ ଅଯୋଧ୍ୟାପୁରବାସୀ ଜନ ପ୍ରଜା, ତୁମେମାନେ ସମସ୍ତେ ଦେଖ, ହେ ପଞ୍ଚମହାଭୂତ, ନଭମଣ୍ଡଳର ଦେବଦେବୀ ସମସ୍ତେ ଦେଖନ୍ତୁ, ସୀତାମାତା ମୋର ଅଗ୍ନିପରୀକ୍ଷା ଦେଇ ଶୁଦ୍ଧ ସୁବର୍ଣ୍ଣ ତୁଲ୍ୟ ଜ୍ୱଳନ୍ତ ଅଗ୍ନିରୁ ବାହାରି ଆସିଛନ୍ତି । ବତ୍ସ ରାମଚନ୍ଦ୍ର ଏହାପରେ ତୁମ ଧର୍ମପତ୍ନୀଙ୍କ ଠାରୁ ଆଉ କିଛି ପରୀକ୍ଷା ନେବାର ଅଛି ତ କୁହ ?

ପ୍ରଭୁ ମୋର ହସ୍ତଯୋଡ଼ି ବିନୟ ହୋଇ ସଭିଙ୍କୁ କହିଥିଲେ, ଏ ପରୀକ୍ଷା ମୋ ସୀତାପାଇଁ ଯେତିକି କଠୋର ଥିଲା ମୋ ପାଇଁ ଥିଲା ସେତିକି ହୃଦୟ ବିଦାରକ । ଗୁରୁଦେବ ମୋର ଏହି ଧୃଷ୍ଟତା ପାଇଁ ଆପଣ ମୋତେ କ୍ଷମା କରିଦିଅନ୍ତୁ ।

ଶିଷ୍ୟ ସବୁଦିନେ କ୍ଷମାର ପାତ୍ର ରାମଚନ୍ଦ୍ର । ଆଉ କାଳବିଳମ୍ବ ନକରି ସୀତାଙ୍କୁ ନେଇ ତୁମେ ରାଜପୁରକୁ ପ୍ରବେଶ କର ।

ଜୟ ସୀତା ମାତାଙ୍କର ଜୟ, ଜୟ ରାମ ସୀତାଙ୍କର ଜୟରେ ଧ୍ୱନିତ ହେଉଥାଏ ଅଯୋଧ୍ୟାପୁର । ମୋ ସ୍ୱାମୀ ମୋ ଆଡ଼କୁ ହାତ ବଢ଼ାଇ ଦେଇ କହିଥିଲେ ଆସ ବୈଦେହୀ । ଆମେ ଏବେ ଗୃହ ମଧ୍ୟକୁ ପ୍ରବେଶ କରିବା ।

ମୋ ସ୍ୱାମୀଙ୍କ ହସ୍ତଧରି ହସହସ ବଦନରେ ଅଯୋଧ୍ୟାପୁର ମଧ୍ୟକୁ ପାଦ ବଢ଼ାଇଥିଲି ମୁଁ ।

॥ ସତର ॥

ଉତ୍ସବ ମୁଖରିତ ଅଯୋଧ୍ୟା ନଗରୀ । ରାଜନ୍ୟବର୍ଗ, ରାଜକର୍ମଚାରୀ, ଅନ୍ତଃପୁରବାସିନୀ ଲଳନାଙ୍କ ଠାରୁ ଆରମ୍ଭ କରି ପ୍ରଜା ସକଳ ସମସ୍ତେ ଭାସି ଚାଲିଥାନ୍ତି ସେ ଆନନ୍ଦ ସ୍ରୋତରେ । ସଭିଙ୍କ ତୁଣ୍ଡରେ ଗୋଟିଏ କଥା, ଗୋଟାଏ ପ୍ରସ୍ତାବନା, ରାଜକୁମାର ରାମଚନ୍ଦ୍ରଙ୍କ ଅଭିଷେକ ଉତ୍ସବ କେମିତି ମହା ସମାରୋହ, ମହା ଆନନ୍ଦରେ ପାଳିତ ହେବ । ମହର୍ଷି ବିଶ୍ୱାମିତ୍ରଙ୍କ ନେତୃତ୍ୱରେ କିଛି ସିଦ୍ଧ ମୁନିଋଷିମାନେ ମିଶି ଦିନ ଧାର୍ଯ୍ୟ କରିବା ପରେପରେ ଅଯୋଧ୍ୟାରେ ଲାଗିରହିଛି ଉତ୍ସବ ପାଇଁ ପ୍ରସ୍ତୁତି । ପ୍ରଜାମାନେ ନିଜଗୃହକୁ ସଜାଇବା ସଂଗେସଂଗେ ନିଜ ନିଜର ଗ୍ରାମ ପାଟଣା ମାନଙ୍କୁ ଉତ୍ସବ ମୁଖରିତ କରାଉଛନ୍ତି । ଏଣେ ରାଜନବରରେ ସମସ୍ତ କର୍ମଚାରୀ ଦିନ ରାତି ଲାଗି ପଡ଼ିଥାନ୍ତି ଯେ ଯାହା କାର୍ଯ୍ୟ ସମ୍ପାଦନ କରିବା ନିମିତ୍ତ । ବିଶେଷକରି ମୋର ତିନିଭଉଣୀଙ୍କ ଆନନ୍ଦ କହିଲେ ନସରେ । ଉର୍ମିଳା ଆସି ମୋ ପାଖରେ ବସି ବନବାସର କାହାଣୀ ଶୁଣୁଶୁଣୁ କହିଥିଲା ଅପା, ତୋର ଧୈର୍ଯ୍ୟକୁ ମାନିବାକୁ ପଡ଼ିବ । ତୁ କେମିତି ଏତେ ଦୁଃଖ ଯନ୍ତ୍ରଣା ସହି ଚଉଦବର୍ଷ ବଣରେ କଟାଇଲୁ ? ରାବଣ ତୋତେ ନେଇ ତା' ଅଶୋକବନରେ ରଖି କେତେ ଦୁଃଖ ନଦେଇଛି । ସେକଥା ଶୁଣିଲା ବେଳକୁ ମୋ ଦେହ ଥରିଯାଉଛି । ଉର୍ମିଳା କଥା ଶୁଣି ମୁଁ କହିଥିଲି ତୁ ମଧ୍ୟ ଏଠାରେ ରହି କିଛି କମ୍ ଦୁଃଖ ସହି ନାହୁଁ ଉର୍ମିଳା । ମୁଁ ଜାଣେ ଯେତେ ସୁଖ, ସମ୍ପଦରେ ନାରୀ ବୁଡ଼ି ରହିଥିଲେ ମଧ୍ୟ, ସ୍ୱାମୀ ବିଚ୍ଛେଦରେ ସବୁ ତୁଚ୍ଛ ହୋଇଯାଏ । ତୋର ଧୈର୍ଯ୍ୟ, ତ୍ୟାଗ ଆଗରେ ମୋର ମୁଣ୍ଡ ନଇଁ ଯାଉଛି ଉର୍ମିଳା । ଅଯୋଧ୍ୟାରେ ରହି ଶାଶୁ, ଶଶୁରଙ୍କ ସେବା କରିବାପାଇଁ ତାଙ୍କ ଦୁଃଖରେ ଦୁଃଖୀ ହେବାପାଇଁ, ତୁ ସ୍ୱାମୀର ସ୍ନେହ, ପ୍ରେମକୁ ଦୂରେଇ ଦେଇ ଏକାକୀ ଅଯୋଧ୍ୟାରେ ରହିଲୁ । ବଡ଼ ଭାବରେ ମୁଁ ଯାହା କରିପାରିଲି ନାହିଁ ତୁ ସାନ ହୋଇ ତାହା କରିପାରିଲୁ । ତୋତେ ମୁଁ କେବଳ ଧନ୍ୟବାଦ ଦେଉନାହିଁ ଉର୍ମିଳା, ତୋ ନିକଟରେ ମୁଁ ଋଣୀ । ତୋର ତ୍ୟାଗ ତୋତେ ଚିରଦିନ ପାଇଁ ଅମର କରି ରଖିବ । ଏ ଜଗତର ନାରୀମାନେ ଶିକ୍ଷା କରିବେ ତ୍ୟାଗରେ ଯେଉଁ ଆନନ୍ଦ ଥାଏ, ଭୋଗରେ ତାହା ନଥାଏ । ମୋ କଥାଶୁଣି ମୋ ପାଟିରେ ହାତଦେଇ ଉର୍ମିଳା କହିଥିଲା ଥାଉ ଅପା, ତୁମେ ଆଉ ସେ ପୁରୁଣା କଥା ଆଲୋଚନା କରନାହିଁ । ଉର୍ମିଳା ତା ଛାତିକୁ ପଥର କରି, ଅନ୍ତରର ସମସ୍ତ ଦୁଃଖକୁ ସୁଖ ମଣି ଚଉଦବର୍ଷ ଯାକ ହୃଦୟର ଲୁହ ପିଇ ବଞ୍ଚିଛି । ମୋ ଶଶୁର ମଲାବେଳେ ତୋତେ ଅନେକ ଖୋଜିଥିଲେ ଅପା । ମୋ ମଥାରେ ହାତରଖି ସେ କହି ଯାଇଥିଲେ, ମୋ ରାମ ସୀତାର ଅନୁପସ୍ଥିତିକୁ ତୁ ମୋତେ ଜାଣିବାକୁ ଦେଇନାହୁଁ ମା' ଉର୍ମିଳା । ତୋ ସେବାରେ ମୁଁ ସନ୍ତୁଷ୍ଟ । ମୁଁ ଗଲାପରେ ତୋ ଶାଶୁ ମାନଙ୍କ କଥା ତୁ ବୁଝୁଥିବୁ । ଆଉ ସୀତା ଫେରିଲା ପରେ ତାକୁ ମୋ ଅନ୍ତରର ଦୁଃଖ ଜଣାଇଦେବୁ । ତାଙ୍କ କଥା ମୁଁ ରଖିଛି ଅପା । ଶାଶୁ ମାନଙ୍କର ଯତ୍ନ ନେଇଛି । ଶ୍ରୁତକୀର୍ତ୍ତି, ମାଣ୍ଡବୀ ଏମାନେ ମଧ୍ୟ ମୋତେ ସହାୟତା କରିଛନ୍ତି । ସମସ୍ତ କାର୍ଯ୍ୟ ସରିଲା ପରେ ରାତିରେ ଶଯ୍ୟାକୁ ଗଲାବେଳକୁ ତୁମ ଦିଅର ମନେ ପଡ଼ନ୍ତି । ଫେରିଆସି ସେ କହୁଥିଲେ ଦିନଯାକ ସେ ଫଳମୂଳ ସଂଗ୍ରହ ଆଦି କାର୍ଯ୍ୟରେ ମନ ଦେଇଥାନ୍ତି । ରାତିରେ ପତ୍ରଶଯ୍ୟା ଗ୍ରହଣ କରୁକରୁ ମୋତେ ମନେପକାଇ ଅନେକ କାନ୍ଦନ୍ତି । ସେ ଅରଣ୍ୟରେ କାନ୍ଦିଲେ ମୁଁ ଅଯୋଧ୍ୟାରେ କାନ୍ଦେ ଅପା । ଏ ଚଉଦବର୍ଷରୁ ଏମିତି ଗୋଟାଏ ରାତି ନଥିବ ଯେଉଁ ରାତିରେ ଉର୍ମିଳା ନୟନରୁ ଅଶ୍ରୁ ନଝରିଛି । ଚଉଦବର୍ଷ ପରେ ତୁମ ଦେବର ଫେରିଆସି ସେ ଅଶ୍ରୁକୁ ପୋଛି ଦେଇଛନ୍ତି ଅପା । ଭୁଲ୍ କରିଛନ୍ତି କହି ମୋତେ କ୍ଷମା ମାଗିଛନ୍ତି । ଚଉଦବର୍ଷ ଚଉଦଦିନ ପରି ବିତିଯାଇଛି ଅପା । ଏବେ ସେ କଥାକୁ ମନେ ନପକାଇ ଆମେ ଜ୍ୟେଷ୍ଠଭ୍ରାତାଙ୍କ ରାଜ୍ୟାଭିଷେକ କିପରି ସୁରୁଖୁରୁରେ ହେବ, ସେଥିରେ ମନୋନିବେଶ କରିବା । ଶାଶୁମାନେ ଆମର ସେଥିପାଇଁ ମହା ଆନନ୍ଦରେ ମାତି ଯାଇଛନ୍ତି ।

ଉର୍ମିଳା ତା ମନର କଥା ମୋ ଠାରେ ବାଢ଼ିଦେଇ ଚାଲିଯାଇଥିଲା । ତା କଥା ଶୁଣୁଶୁଣୁ ମୋ ଆଖିରୁ ମୋ ଅଜାଣତରେ ବହି ଆସିଥିଲା ଧାରଧାର ହୋଇ ଅଶ୍ରୁଜଳ । ମୋ ପ୍ରଭୁ ଆସି ମୋ ଚକ୍ଷୁରେ ଅଶ୍ରୁ ଦେଖି ମୋତେ ଆତୁର ହୋଇ ପଚାରିଥିଲେ, ଦେବୀ ଜାନକୀ । କ'ଣ ହେଲା ତୁମର ? ଆନନ୍ଦ ମୁଖରିତ ଅଯୋଧ୍ୟାକୁ ତୁମେ ପୁଣି ଅଶ୍ରୁ ଜଳରେ ଭସାଉଛ କାହିଁକି ?

ତାଙ୍କ କଥା ଶୁଣି ମୁଁ କହିଥିଲି ନା ସ୍ୱାମୀ, ଉର୍ମିଳା ପାଖରୁ ତା' ମନୋବେଦନା ଶୁଣୁଶୁଣୁ ମୋ ଆଖିରେ ଲୁହ ଜକେଇ ଆସିଲା ।

ମୋ ଆଖିରୁ ଲୁହ ପୋଛିଦେଇ ମୋ ସ୍ୱାମୀ କହିଥିଲେ, ସତରେ ସୀତା ଉର୍ମିଳା ହେଉଛି ତ୍ୟାଗର ମୂର୍ତ୍ତିମନ୍ତ ଦେବୀ । ତା ତ୍ୟାଗ, ସେବା, କର୍ତ୍ତବ୍ୟନିଷ୍ଠା ନିକଟରେ ମୋ ମୁଣ୍ଡ ନଇଁ ଯାଉଛି । ସେ ଯଦି ଲକ୍ଷ୍ମଣକୁ ଆମ ସହିତ ପଠାଇ ନଥା'ନ୍ତେ ତାହେଲେ ଆମେ କ'ଣ ସ୍ୱଚ୍ଛନ୍ଦରେ ବାରବର୍ଷ ଅରଣ୍ୟରେ ବିତାଇ ପାରିଥାନ୍ତୁ । ଦୁଇବର୍ଷ ତୁମ ବିହୁନେ ଆମେ ଦୁଇଭାଇ ଅନେକ କଷ୍ଟ ପାଇଛୁ । ମୁଁ ଅନେକଥର ଭାବିଛି ଲକ୍ଷ୍ମଣକୁ ପଚାରିବି ଲକ୍ଷ୍ମଣ ! ତୋର କ'ଣ ଉର୍ମିଳାଙ୍କ କଥା ମନେପଡୁନାହିଁ । ହେଲେ ମୁଁ ପଚାରିପାରେ ନାହିଁ । ତଣ୍ଟି ମୋର ରୁନ୍ଧି ହୋଇଯାଏ ।

(କ୍ରମଶଃ)

❤ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

## ଟୀର୍ଯ୍ୟକ୍

# କନିଷ୍ଠ ଶିକ୍ଷକଙ୍କୁ ଲଡୁ

### ସୁବ୍ରତ ପଟ୍ଟନାୟକ



ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦରମା ବଢ଼ା ଯାଇଛି । ପୂର୍ବରୁ ସେମାନେ ମାସକୁ ପାଉଥିଲେ ୧୧ ହଜାର ୧ ଶହ । ଏଥିରେ ୪ ହଜାର ୯ ଶହ ଯୋଡ଼ାଯାଇ ୧୬ ହଜାରକୁ ବଢ଼ାଯାଇଛି । ଫଳରେ, ଓଡ଼ିଶାରେ ୧୩ହଜାର ୭୪୦ ଜଣ କନିଷ୍ଠ ଶିକ୍ଷକ ହେବେ ଉପକୃତ । ସମଗ୍ର ଶିକ୍ଷା କାର୍ଯ୍ୟକ୍ରମରେ ଏହି ବର୍ଦ୍ଧିତ ଦରମା ଯୋଗୁ ରାଜ୍ୟ ରାଜକୋଷକୁ ବାର୍ଷିକ ୮୯କୋଟି ୧୫ଲକ୍ଷ ଟଙ୍କା ଅଧିକ ଖର୍ଚ୍ଚ ବହନ କରିବାକୁ ପଡିବ । କେବଳ ସେତିକି ନୁହେଁ, କନିଷ୍ଠ ଶିକ୍ଷକଙ୍କ ଇପିଏଫ୍ ପରିମାଣ ୧୪୪୩ ଟଙ୍କାରୁ ୧୯୫୦ ଟଙ୍କାକୁ ବଢ଼ାଯାଇଛି । ୨୦୨୫ ଜାନୁଆରୀ ୧୫ ତାରିଖରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । କନିଷ୍ଠ ଶିକ୍ଷକଙ୍କ ଦରମା ବଢ଼ା ଯାଇଥିବାରୁ ଆମେ ମୁଖ୍ୟମନ୍ତ୍ରୀ ମୋହନ ଓ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ପଣ୍ଡାଙ୍କୁ ଧନ୍ୟବାଦ ଜଣାଉଛୁ । ଶିକ୍ଷକତାରୁ ରାଜନୈତିକ ଜୀବନ ଆରମ୍ଭ କରିଥିବା ମୁଖ୍ୟମନ୍ତ୍ରୀ କନିଷ୍ଠ ଶିକ୍ଷକଙ୍କ ଦରମା ପ୍ରାୟ ୫୦ ପ୍ରତିଶତ ବୃଦ୍ଧି କରାଇବା କିଛି କମ୍ କଥା ନୁହେଁ ।

ଶିଶୁମାନଙ୍କର ଶିକ୍ଷାର ମୂଳଦୁଆ ଆରମ୍ଭ ହୁଏ ପ୍ରାଥମିକ ସ୍ତରରୁ । ତେଣୁ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଗାଁ ଗଣ୍ଡାରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ କଥା ବିଚାର କରାଯାଉ । ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ପ୍ରାଥମିକ ବିଦ୍ୟାଳୟରେ ୫ଟି ଶ୍ରେଣୀଗୃହ, ଅଫିସ ଗୃହ, ରୋଷେଇ ଘର, ପାଇଖାନା, ପିଇବା ପାଣି, ବିଦ୍ୟୁତ୍ ଯୋଗାଣ ଇତ୍ୟାଦି ଠିକ୍ ମୁତାବକ ଅଛି କି ? ପ୍ରତି ସ୍କୁଲରେ ଆବଶ୍ୟକ ସଂଖ୍ୟାରେ ଶିକ୍ଷକ ନିଯୁକ୍ତ ଅଛନ୍ତି କି ? ଯଦି ଅଛନ୍ତି, ସେମାନେ ରେଗୁଲାର୍ ବା ନିୟମିତ ନା ଅନିୟମିତ ? ଆଗକୁ ପ୍ରାଥମିକ ସ୍କୁଲ ସହିତ ଅଙ୍ଗନୱାଡ଼ି କେନ୍ଦ୍ର ଗୁଡ଼ିକ ମଧ୍ୟ ସଂଶ୍ଳିଷ୍ଟ କରାଯିବ । ଆମେ ଅଙ୍ଗନୱାଡ଼ି କେନ୍ଦ୍ର କଥାକୁ ଆଲୋଚନା କରୁନାହିଁ । କେବଳ ପ୍ରାଥମିକ ଶିକ୍ଷକଙ୍କ ହାଲଚାଲ୍ ବଖାଣୁଛୁ । ଜଣେ ନିୟମିତ ଶିକ୍ଷକ ଅର୍ଥାତ୍ ଯେଉଁମାନଙ୍କର ସର୍ଭିସ୍ ବୁକ୍ ଖୋଲାଯାଇଛି, ମାସକୁ ୩୦ କିମ୍ବା ୪୦ ହଜାର ଟଙ୍କା ଦରମା ପାଉଥିବାବେଳେ ଶଙ୍କଠୁ ଅଧିକ ଶିକ୍ଷାଗତ ଯୋଗ୍ୟତା ଥିବା ଶିକ୍ଷା ସହାୟକ, ଚୁକ୍ତିଭିତ୍ତିକ ଶିକ୍ଷକ ୧୦ କିମ୍ବା ୧୫ ହଜାର ଟଙ୍କା ଦରମା ପାଆନ୍ତି । ଚାକିରି କାଳ ସରିଲେ ନିୟମିତ ଶିକ୍ଷକ ପେନ୍ସନ୍ ପାଇବେ । ମାତ୍ର ଅନ୍ୟ ଶିକ୍ଷକଙ୍କ ଲାଗି ସେସବୁ ସାତ ସପନ । ଫଳରେ ନିୟମିତ ଓ ଅନିୟମିତ ଶିକ୍ଷକଙ୍କ ମଧ୍ୟରେ ଛିଡ଼ା ହେଉଛି ବିରାଟ ପାଚେରୀ । ପ୍ରଧାନ ଶିକ୍ଷକ ବା ଶିକ୍ଷୟିତ୍ରୀ ନିୟମିତ ଦରମା ପାଉଥିଲେ, ଅନ୍ୟ ଅନିୟମିତ ଶିକ୍ଷକ ତାଙ୍କୁ ପାଠପଢ଼ା ଓ ଅନ୍ୟାନ୍ୟ କାର୍ଯ୍ୟରେ ଅସହଯୋଗ କରୁଛନ୍ତି । ନିଜ ନାମକୁ ଗୋପନ ରଖିବା ସର୍ତ୍ତରେ ଆମ ଅଞ୍ଚଳର କେତେକ ଶିକ୍ଷକ ଏହି ସ୍ତମ୍ଭକାରକୁ କହିଛନ୍ତି- ଯିଏ ଆମଠୁ ଦୁଇ ତିନିଗୁଣା ଅଧିକ ଦରମା ପାଉଛନ୍ତି, ସେ ଅଧିକ ଶ୍ରେଣୀରେ ପାଠ ପଢ଼ାନ୍ତୁ । ଆମେ ସେମାନଙ୍କଠୁ ଅଧା ଦରମା ବି ପାଉନାହୁଁ । ତେଣୁ ଗୋଟିଏ ଶ୍ରେଣୀରେ ପଢ଼ାଇବୁ । ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦଙ୍କ କାନରେ ଏଭଳି ଖବର ପଡ଼ିଛି କି ନା, ଆମେ ଜାଣୁନା । ଉଚ୍ଚ ଯୋଗ୍ୟତା ସମ୍ପନ୍ନ ଶିକ୍ଷକଙ୍କୁ କମ୍ ପରିମାଣରେ ଦରମା ଦିଆଗଲେ, ଏଭଳି ପରିସ୍ଥିତି ସୃଷ୍ଟି ହେବା ସ୍ୱାଭାବିକ । ଏହାକୁ ମାମୁଲି ଘଟଣା ବୋଲି ଭାବିଲେ, ଠିକ୍ ହେବ ନାହିଁ। ଓଡ଼ିଶାରେ ଅଣ କୁଶଳୀ ଶ୍ରମିକର ଦୈନିକ ମଜୁରୀକୁ ଯଦି ଗଣତି କରାଯାଏ, ତାହା ଅନିୟମିତ ଶିକ୍ଷକଙ୍କ ପାରିଶ୍ରମିକଠୁ ବି ଢେର୍ ଅଧିକ ହେବ । ଆମର କହିବାର ଅର୍ଥ- ଶିକ୍ଷା ତାଲିମପ୍ରାପ୍ତ ଡିଗ୍ରୀଧାରୀ ଶିକ୍ଷକମାନଙ୍କୁ ନିୟମିତ କରାଯାଇ ସେମାନଙ୍କୁ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ କରାଯାଉ ।

୨୦୨୬ ମସିହାରେ ଅଷ୍ଟମ ବେତନ କମିଶନ ସୁପାରିସ୍ ଲାଗୁ ହେବାକୁ ଯାଉଛି । ବେତନ କମିଶନଙ୍କ ନିର୍ଦ୍ଦେଶକୁ ସବୁ ରାଜ୍ୟପାଳନ କରିବାକୁ ବାଧ୍ୟ ନୁହନ୍ତି । ମାତ୍ର, ଓଡ଼ିଶାରେ ଯେହେତୁ ଡବଲ୍ ଇଞ୍ଜିନ୍ ବିଜେପି ସରକାର ରାଜୁତି କରୁଛି, ଏଠାରେ ତାହା ଲାଗୁହେବା ଅନେଶତ ପ୍ରତିଶତ ଉଜ୍ଜଳ । ଏହା ଲାଗୁ କରାଗଲେ, ନିୟମିତ ଓ ଅନିୟମିତ ସରକାରୀ କର୍ମଚାରୀଙ୍କ ଦରମାରେ ଆକାଶ- ପାତାଳ ପ୍ରଭେଦ ରହିବ । କେବଳ ମୋଟା ଅଙ୍କର ଦରମା ପାଉଥିବା କର୍ମଚାରୀ ଲାଭବାନ ହେବେ । ଅନ୍ୟମାନେ ଜଳକା ପାଲଟିବେ । ଓଡ଼ିଶାରେ ବେତନ କମିଶନଙ୍କ ସୁପାରିଶ ଲାଗୁ ହେଲେ ଯେତେ ଜଣ ଉପକୃତ ହେବେ, ତାଠୁ ଛଅଗୁଣା କର୍ମଚାରୀ ବେତନ ବୃଦ୍ଧିରୁ ବଞ୍ଚିତ ରହିବେ ।

ଶିକ୍ଷାର ମୂଳଦୁଆକୁ ଅଧିକ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାରଙ୍କୁ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ହେବ । ଶିକ୍ଷାନୁଷ୍ଠାନରେ ଠିକା ଭିତ୍ତିକ, ଶିକ୍ଷା ସହାୟକ, ପାରା ଶିକ୍ଷକ, ଚୁକ୍ତି ଭିତ୍ତିକ ଆଦି ଗଣ୍ଡା ଗଣ୍ଡା ଗଠନକୁ ବନ୍ଦ କରାଯିବା ଉଚିତ । ସମାନ କାମକୁ ସମାନ ଦରମା ଦିଆଯିବାକୁ ସର୍ବୋଚ୍ଚ ନ୍ୟାୟାଳୟ ବା ସୁପ୍ରିମ କୋର୍ଟ ମତ ଦେଇଛନ୍ତି । ମାତ୍ର ଏହି ନିର୍ଦ୍ଦେଶକୁ ସରକାର ପାଳିବାରେ ହେଳା କରୁଛନ୍ତି । ଗୋଟିଏ ବିଦ୍ୟାଳୟରେ ଉଚ୍ଚ ଦରମାପ୍ରାପ୍ତ ଶିକ୍ଷକ ଓ ସର୍ବନିମ୍ନ ଦରମା ପ୍ରାପ୍ତ ଶିକ୍ଷକ ରହିଲେ, ସୁସମ୍ପର୍କ ତିଷ୍ଠିବା କଷ୍ଟକର । ଏଥିଯୋଗୁଁ କେବଳ ପ୍ରାଥମିକ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବିଘ୍ନ ଘଟୁନାହିଁ, ଗରିବ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପରିବାରବର୍ଗ ମଧ୍ୟ ହନ୍ତସନ୍ତ ହେଉଛନ୍ତି। ଅନିୟମିତ ଶିକ୍ଷକଙ୍କ ଦାବି, ଆନ୍ଦୋଳନ, ବିକ୍ଷୋଭ ଆଦିକୁ ବନ୍ଦ କରିବା ଉଦ୍ଦେଶ୍ୟରେ ଯଦି ସରକାର ଚାଲାକି କରୁଥାନ୍ତି, ତାହେଲେ ଓଡ଼ିଶା ଭଳି ଗରିବ ରାଜ୍ୟର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ଭୁଶୁଡ଼ି ପଡ଼ିବ । ପାଠପଢ଼ାକୁ ଦୁର୍ବଳ କରିବ । ରାଜ୍ୟ ସରକାର ଅଧିକ କାଳ ବିଳମ୍ବ ନକରି ଶିକ୍ଷକଙ୍କ ବେତନ ହାର ଘୋଷଣା କରନ୍ତୁ । ଶିକ୍ଷକ, ଛାତ୍ର, ଅଭିଭାବକଙ୍କ ମୁହଁରେ ହସ ଫୁଟୁ । ହେଉ, ଆଜି ଏତିକି । ଜୟ ଜଗନ୍ନାଥ ।

❤ ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪

## କବିତା...



### ଦୁଇଟି କବିତା
### ମୂଳ ହିନ୍ଦୀ : ଭାରତ ଭୂଷଣ ଆର୍ଯ୍ୟ
### ଅନୁବାଦ : ଶୈଳବାଳା ମହାପାତ୍ର



॥ ଏକ ॥

<u>ଦରଜର ଜହ୍ନରେ</u>

ଦରଜର ଜହ୍ନ ଆଲୁଅରେ
ଉଦାସ ରାତି
ଲୁହରେ ଲେଖିଛି
କବିତାଟିଏ
ଛୋଟ, ଖୁବ୍ ସଂକ୍ଷିପ୍ତ

ଓଦା ଅଛି ଏବେ
ଏକଦମ ଓଦା

...... ଯଦି କେବେ ଶୁଖିଯାଏ
ତମକୁ ଶୁଣେଇବି ନିଶ୍ଚୟ !

॥ ଦୁଇ ॥

<u>ପ୍ରଶ୍ନ</u>

ଜାଣିଛି :
ତମେ ମାପି ପାରିଛ
ଶହେ ପର୍ବତର ଉଚ୍ଚତା

ଲଂଘି ପାରିଛ ସାତ ସମୁଦ୍ର
ଡେଇଁ ଯାଇଛ
ହଜାର ମରୁଭୂମିର ବିସ୍ତୀର୍ଣ୍ଣତା

ତେବେ ବନ୍ଧୁ
ଏତେ ଟିକିଏ
ଅନ୍ଧାରୁଆ
ସେ ଅହଂ ରେଖା ..... ?

❤ ଶୀଳାଚିନ୍ମୟ, ମଧୁବନ ଷଷ୍ଠ ଗଳି
ଟିକରପଡ଼ା ରୋଡ, ପୁରୀ -୨
(ମୋ) ୭୦୦୮୫୮୬୫୦୧

### ଗାଁ ଧାନ ବିଲ ଅସୁମାରୀ କ୍ଷେତ...
### ଅଶ୍ୱିନୀ ଦାଶ



ରାଣ୍ଡିପୁଅ ଜଣେ ହଉ
ଧାନ ଗୌଣିକ ପଣେ ହଉ
ହରି ବୋଲି.... ହରିହରି ବୋଲ....

ତାଳ ଖୁକୁଣ୍ଡି, ଗଜାମୁଗ, ଦୁବ ସିନ୍ଦୂର
ଗୁଆ ଅରୁଆ ଶାଳପତ୍ର ଠେଲାରେ ଠୋଲେଇ
ଦୀନା ସାଇ ବିଲକୁ ଯାଏ ତ
ଧାନଫୁଲର ଗର୍ଭାଶୟରେ କ୍ଷୀର ଲାଗି ହୁଏ
ସ୍ୱପ୍ନ ସବୁ ମଞ୍ଜରୁ ଥାଏ ପୁଟୁଳି ପୁଟୁଳି ଧାନରେ
ଚଷା ବୋହୂର ଗୁଣ୍ଡ ଗୁଣ୍ଡ ଝୋଟି ଚିତାରେ
ଉଲୁସୁଥାଏ ନକ୍ଷ୍ମୀପାଦ
ବେଉଷୁଥାଏ ଶଙ୍ଖ ହୁଳହୁଳି ନାଦରେ ।
ଜାଡ଼ ଥରଥର କାକର ବୋଳା ସକାଳ ଖରା
କଅଁଳୁ ଥାଏ ତ

ଚହଟା ମାରୁଥାଏ
ମାଣେ କୋଣେ ବିଲପନ୍ତାରେ
ଢେଉ ଢେଉକା ଖୁସି ।

ଧାନ କୁଇଣ୍ଟାଲକ ଏକତ୍ରିଶ' ମୂଲକୁ
କଟ୍‌ନି ଛଟ୍‌ନି ବନ୍ଦ୍ ।

ମଲାଗଲା ସଂସାରକୁ ଦଇବସାହା ନାରାରେ
ପ୍ରତିଶ୍ରୁତି ସବୁ ଫୁଲ ହେଇ ଫୁଟେ ତ
ଜୀବନ ମୁଦାରୁ ଉଚ୍ଛୁଳୁଥାଏ
ଭାଟ କୁମ୍ଭାଟୁଆ ସକାଳ ଖରାର ଉଷ୍ମତା

ଲକ୍ଷ୍ମୀ ତ ଲକ୍ଷ୍ମୀ ।
ସୁଭଦ୍ରା ମା'ଙ୍କ ବିରଜମାନରେ ଉବୁଟୁଥାଏ
ସାତ ସମୁଦର ତେଏର ନଇ ।

ସତେ ଯେମିତି
ରାଜାରାଜୁଡ଼ା ନଅଙ୍କ କାଳର କରାଳ ଛାୟାରେ
ଛଟପଟ ହେଇ ମାରିବାଠୁଁ
ସୁଭଦ୍ରା ମା'ଙ୍କ ଇଜିଲାସରେ
ଭୋକ ମାରି ବଞ୍ଚିବା ଶ୍ରେୟସ୍କର ।

❤ ନୂଆପଡ଼ା
ମୋ: ୭୮୫୪୮୮୩୫୯୮



### ହଜିବାକୁ ଭଲ ଲାଗେ
### ପ୍ରଦେଶ ପ୍ରତ୍ୟୁଷ

ଜୀବନ ବି ଜୀବନକୁ ଖୋଜେ ...
ଏମିତି ସମୟ ବି ସମୟକୁ ଡାକେ
ଟିକେ ଗପିବାକୁ ଫୁରସତରେ –
ଅତୀତକୁ ମନେପକାଇ
ବର୍ତ୍ତମାନକୁ ସଜାଡିବାକୁ ।

ମୁହୂର୍ତ୍ତ ବି ମୁହୂର୍ତ୍ତକୁ ମନେପକାଏ...
ଏମିତି ଅବସରରେ ଅବଶେଷକୁ ସାଉଁଟି
ସ୍ୱପ୍ନ ସବୁ ସତ ପାଲଟିବାକୁ –
ତୋର ସାନିଧ୍ୟତା ଲୋଡ଼ା ମୋର
ସବୁଥିରେ ସବୁ ଜନ୍ମରେ ।

ତୋ ଭିତରେ
ହଜିବାକୁ ଭଲ ଲାଗେ ବୋଲି
ମୁଁ ନିତି ନିଜକୁ ହଜେଇ ଦିଏ ...
ନିଜକୁ କିନ୍ତୁ ଖୋଜୁଥାଏ
ସବୁବେଳେ ତୋ ଭିତରେ ।

ତୋର ପ୍ରୀତିର ବଂଶୀ
ହୃଦୟେ ନୂଆ ସୁର ତୋଳେ
କେବେ କେବେ ଗଳ୍ପର ନଈରେ
ପହଁରିବାକୁ ଇଚ୍ଛା ହୁଏ
କେତେବେଳେ କବିତାର ପର୍ବରେ
ଶବ୍ଦର ଉତ୍ସବ ପାଳେ... ।

❤ କୁରୁମଟାଙ୍ଗର
ମହୁଲପଡ଼ା, ଢେଙ୍କାନାଳ
(ମୋ) : ୭୦୦୮୪୩୧୨୫୭

### ଝିଅରେ...
### ଦୀପ୍ତି ମିଶ୍ର



ତୁ ଏ ବିଶ୍ୱ ଜୀବନ ଶାଖାର
ସୁନ୍ଦର ସବୁଜିମା....
ତୋତେ ପାଇ ଏ ସୃଷ୍ଟି ଧନ୍ୟ
ଧନ୍ୟ ପୁଣି ଏହି ମର୍ତ୍ତ୍ୟର ଦେବୀ ଓ ଦେବତା
ଯାହା ପାଇଁ ଏଇ ଧରା ସ୍ୱର୍ଗ ହୁଏ,
ଏ ଆକାଶ ପାଲଟି ଯାଏ
ଆନନ୍ଦର ଅନ୍ତରୀକ୍ଷ....

ହାତେ ମାପି ଚାଖଣ୍ଡେ ଚାଲି ଯା',
ସମୟର ଚହଲା ପାଣିରେ
ଖୁବ୍ ସାବଧାନତାରେ ପହଁରି ଯା' ଆଗକୁ...
ତୋ ପାଇଁ ଅନୁକୂଳ ପ୍ରତିକୂଳର
କିଛି ବି ଫରକ୍ ନାହିଁରେ....
ବାୟୁ ତ ବହୁଛି ବହିବ,
କଦାଚିତ୍ କେମିତି ତୁ ଥକି ଯାଇପାରୁ,
ଅବା ଭଉଁରୀ ଭିତରେ ହଜିଯାଇ
କଠିନତାକୁ ସାମ୍ନା କରି
ନିଜ ପରିଚୟକୁ ଆହୁରି ଉଜ୍ଜ୍ୱଳ କରିପାରୁ,
କାରଣ ତୁ ଝିଅ ନା !!!

ମନେ ରଖିବୁ ଗୋଟେ କଥା
ଏଠି ଖୋଲା ମନରେ ହସିବା
କେବେ କେବେ ଅଭିଶାପ ପାଲଟି ଯାଏ....
ସ୍ୱପ୍ନର ବାଲିଘର କେତେବେଳେ
ସାଗରର ଉତ୍ତାଳ ତରଙ୍ଗରେ
ଧୋଇ ହୋଇଯାଏ....
ଜାଣି ହୁଏନା ଏହାର କାରଣ କି ଅବଧି,
ଆଉ ପରେ ପରେ ନୂତନ ସମୟ
ଜୀବନର ଅନ୍ୟ ଏକ ପୃଷ୍ଠାରେ
ଖଞ୍ଜିଦିଏ ସମ୍ଭାବନାର ଫୁଲକଳି
ଯାହାକୁ ନେଇ ପୁଣି ଥରେ ସ୍ୱପ୍ନ ଦେଖାରେ
ମଜ୍ଜିଯିବାକୁ ହୁଏ ଏଠି ।

ମନର ନୀଳକଇଁ ପାଖୁଡ଼ା ମେଲିବ...
ରଙ୍ଗୀନ ସ୍ୱପ୍ନ ମାନେ
ଶୁଆଇ ଦେବେନି ରାତିରେ...
ଜାଣିଥାରେ ଝିଅ ...
ଏ ମିଛ ଖୁସିର ସମୟରେ
ବାଟବଣା ହୁଅନ୍ତି ସଭିଏଁ,
ଏ କଥା ପାସୋରି ନ ଦେଉ ଯେମିତି ।
ଚନ୍ଦ୍ରରେ କଳଙ୍କ ପରି କାଳିମା
ନ ଲାଗୁ ତୋ' ଠାରେ,
ନୋଚେତ୍ ଖୁସିଟା ଅକାରଣେ
ଅଟକିଯିବ ଆସୁ ଆସୁ ଅଧା ବାଟେ,
ଆଉ ତୁ ପାଲଟିଯିବୁ ପଥପ୍ରାନ୍ତ
ନାଟକର ଲୁହଭିଜା ନାୟିକା ।

ଭାବନାର ସୁଖ ସରହଦରେ ବୁଡିଯିବା,
କଳ୍ପନାର ସାମ୍ରାଜ୍ୟରେ ସାମ୍ରାଜ୍ଞୀ ବନିବା,
ଏଠି ପାପ ବୋଲି
ବିବେଚନା କରାଯାଏ ...
ତୋତେ ଜୀବନ ଯେତେ
ଅଡୁଆ ତଡୁଆ ଲାଗିଲେ ବି
ତୁ ଲକ୍ଷ୍ୟ କେବେ ହାରିବୁନିରେ ମା'
ଲକ୍ଷ୍ମଣର ତିନିଗାର ଏ ପାଖରେ ରହି
ସମୟର ସାଦା କାଗଜରେ
ସତ୍ୟର ସ୍ୟାହିରେ ଲେଖିଯିବୁ
ତୋ ସଫଳ ପରୀକ୍ଷଣର ନିବନ୍ଧ
ଯାହା ଖୋରାକ୍ ଯୋଗାଇବ
ଆଗାମୀ ପିଢ଼ିଙ୍କୁ ।

❤ ବାରିପଦା
(ମୋ) ୯୪୩୮୪୦୪୩୦୮

# ଲେଖକ ନିଜ ଲେଖାଦ୍ୱାରା ନିଜକୁ ଗୋଟେ ପୁରସ୍କାରରେ ପରିଣତ କଲେ, ଅନ୍ୟ ପୁରସ୍କାରକୁ ସେ ଅନାଇବ ନାହିଁ : ବିଷ୍ଣୁ ସାହୁ

**ବିଷ୍ଣୁ ସାହୁ**
ଓଡଆ ସାହିତ୍ୟ ଜଗତରେ ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ଜଣେ ସାର୍ଥକ କଥାଶିଳ୍ପୀ ଭାବରେ କେବଳ ଗଳ୍ପ ନୁହେଁ; କବିତା, ଶିଶୁ ସାହିତ୍ୟ, ନିବନ୍ଧ ଓ ନାଟକ ରଚନା କରି ସେ ଦେଖାଇ ସାରିଛନ୍ତି ନିଜର କରିସ୍ମା ଓ ସ୍ୱତଃସ୍ଫୂର୍ତ୍ତ ପରାକାଷ୍ଠା । ଅତୀତ ଓ ଗ୍ରାମ୍ୟ ପଟ୍ଟଭୂମିରେ ଚମତ୍କାର ଚରିତ୍ର ନିର୍ମାଣ, ସମ୍ଭ୍ରାନ୍ତ ଶୈଳୀ, ମାନବୀୟ ମୂଲ୍ୟବୋଧ ପ୍ରଭୃତି ତାଙ୍କ ଗଳ୍ପକଳାର ମୁଖ୍ୟ ଓ ନିଜସ୍ୱ ବୈଶିଷ୍ଟ୍ୟ, ଯାହା ତାଙ୍କୁ ଅନ୍ୟମାନଙ୍କ ଠାରୁ ଅଲଗା କରି ଚିହ୍ନାଏ । ତାଙ୍କ ସହ ଏଥରର ଆଳାପ...



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ କେମିତି ଥିଲା ଆପଣଙ୍କର ସୃଜନର ଆଦ୍ୟ ସ୍ଫୁରଣ ?

■■ ନାନା କୌତୂହଳ ଓ ବିସ୍ମୟାଦି ପରିପୂର୍ଣ୍ଣ ମୋ କୈଶୋର ହିଁ ଥିଲା ମୋ ସୃଜନର ଆଦ୍ୟ ସ୍ଫୁରଣର ସମୟ। ସେଭଳି ବିସ୍ମୟର ଅନ୍ତର୍ଭୁକ୍ତ ଥିଲା, ମୋ ବାପାଙ୍କର ରାମାୟଣ, ମହାଭାରତ ଆବୃତ୍ତିଗତ ପ୍ରାଞ୍ଜଳତା ଓ ତନ୍ମୟତା, ବୋଉର ଛାନ୍ଦ ଚଉତିଶା ଗାନ କରିବାର ଚମତ୍କାରିତା, ଆମ ଗ୍ରାମରେ ଅନୁଷ୍ଠିତ ହେଉଥିବା ରାମଲୀଳାରୁ ଆହରିତ ବିଚିତ୍ର ଅଭିଜ୍ଞତା ସବୁ । ସେଇ ସବୁ ପ୍ରଭାବରେ ମୋ ଭିତରେ ସୃଜନର ବୀଜ ଅଙ୍କୁରିତ ହୋଇଥିଲା। ଏହାର ଠିକ୍ ପରେ ପରେ ଆକାଶବାଣୀ କଟକ କେନ୍ଦ୍ରର କାର୍ଯ୍ୟକ୍ରମ ସବୁ ମୋତେ ଏତେ ପ୍ରଭାବିତ କରିଥିଲା ଯେ ୧୯୭୦ ମସିହାରେ ମ୍ୟାଟ୍ରିକ୍ ପାଶ୍ କରିଲା ପରେ ପରେ ଲେଖିଥିଲି ଗୀତାନାଟ୍ୟ 'ଏକଲବ୍ୟ' । ଏବଂ ୧୯୭୩ ମସିହାରେ ତାହା ସ୍ୱର୍ଗତ ଗୋପାଳ ଛୋଟରାୟଙ୍କ ଗୀତିନାଟ୍ୟ ସହିତ ଆକାଶବାଣୀ ନାଟକ ସପ୍ତାହରେ ତାହା ପ୍ରଚାରିତ ହୋଇଥିଲା। ସେଇ ୧୯୭୩ରୁ ୨୦୨୫ ସୁଦୀର୍ଘ ୫୨ବର୍ଷ ଧରି ସେ ନାଟକ ରେଡ଼ିଓରୁ ପ୍ରଚାରିତ ହୋଇ ଆସୁଛି ।

■ ଆପଣଙ୍କ ଲେଖକ ଜୀବନର ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ଗ୍ରହଣ କରନ୍ତି ?

■■ ମୋର ବାପା, ବୋଉ ଓ ଆକାଶବାଣୀ କଟକ କେନ୍ଦ୍ରର ପ୍ରସାରିତ କାର୍ଯ୍ୟକ୍ରମମାନ ।

■ ବର୍ତ୍ତମାନ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ?

■■ ପ୍ରବୀଣ କିମ୍ବା ସମସାମୟିକ ଲେଖକମାନଙ୍କୁ କୌଣସି ଦିଗ୍‌ଦର୍ଶନ ଦେବାର ସାମର୍ଥ୍ୟ ମୋର ନାହିଁ । କେବଳ ନବୀନମାନଙ୍କୁ ଏତିକି କହିବି ଯେ ସେମାନେ ଆମ ଭାଷାର ଶାସ୍ତ୍ରୀୟତାକୁ ଗୁରୁତ୍ୱ ଦିଅନ୍ତୁ । ଶବ୍ଦ ଶୁଦ୍ଧି ସହିତ ସେମାନେ ବାକ୍ୟନିର୍ମାଣ ଶୈଳୀକୁ ଗୁରୁତ୍ୱ ଦେବାକୁ ଚେଷ୍ଟା କରନ୍ତୁ୧। ପ୍ରତ୍ୟେକ ଲେଖକ ମୃତ୍ୟୁ ପର୍ଯ୍ୟନ୍ତ ବାକ୍ୟ ଗଢ଼ିବା କୌଶଳ ଶିଖୁଥାଏ । ଶୁଦ୍ଧ ଓ ଭାବମୟ ବାକ୍ୟ ହିଁ ଲେଖକୀୟ ଶୈଳୀର ନିର୍ମାତା। ଏହାଦ୍ୱାରା ଲେଖକୀୟ ସାମର୍ଥ୍ୟ ଶକ୍ତିଶାଳୀ ହେବ । କଳାକାରିତା ଆକର୍ଷଣୀୟ ହେଲେ ସମାଜର ବିଭିନ୍ନ ସମସ୍ୟା ତାକୁ ଜଳଜଳ ଦେଖାଯିବ। ବର୍ତ୍ତମାନ ସମୟରେ ସବୁଠାରୁ ଉତ୍କଟ ହେଉଛି ଶୁଦ୍ଧଲିଖନର ସମସ୍ୟା ।

■ ତୁଳନାତ୍ମକ ଭାବେ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟାରେ ଗଳ୍ପ ଲେଖାଯାଉଥିଲେ ମଧ୍ୟ ସାଧାରଣ ପାଠକଙ୍କ ସଂଖ୍ୟା ସେହି ପରିମାଣରେ ବୃଦ୍ଧି ପାଉ ନଥିବା ଅଭିଯୋଗ ହୁଏ । ଏ ବାବଦରେ କଣ କହିବେ ? କଣ କଲେ ଏ ସମସ୍ୟାର ସମାଧାନ ହେଇପାରିବ ?

■■ ଦେଖନ୍ତୁ, ସାଧାରଣ ପାଠକସବୁ ସାଧାରଣ ଦର୍ଶକରେ ପରିଣତ ହୋଇଗଲେଣି । ସେ କ୍ରିକେଟ୍ ହେଉ, ସିନେମା ହେଉ, ଅନ୍ୟ କୌଣସି ମନୋରଞ୍ଜନ କାର୍ଯ୍ୟକ୍ରମ ହେଉ କିମ୍ବା ମୋବାଇଲ ମହାପ୍ରଭୁ ହୁଅନ୍ତୁ; ବର୍ତ୍ତମାନ ପଠନ ନୁହେଁ, ଦର୍ଶନ କରିବା ହେଉଛି ମୁଖ୍ୟ କାର୍ଯ୍ୟ । ଆମ ସଭ୍ୟତାର ଏହି ଯୋଉ ବ୍ୟାବସାୟିକ ଇଲେକ୍ଟ୍ରୋନିକ ଅବଦାନର ସୁନାମି, ଏହା ଭିତରେ କି ଛାତ୍ର, କି ଶିକ୍ଷକ, କି ବୁଦ୍ଧିଜୀବୀ, କି ସ୍ଥପତି, କି ଚିତ୍ରକର, କି ଲେଖକ, କି ସଂଗୀତଜ୍ଞ ସମସ୍ତେ ଝାସ ଦେଇ ସାରିଲେଣି । ଏଥିରୁ କାହାର ବି ନିସ୍ତାର ନାହିଁ- ଯେଉଁ ମୁଷ୍ଟିମେୟ ପାଠକ ଥିଲେ ସେମାନେ ମଧ୍ୟ ସେହି ସ୍ରୋତରେ । ଗଳ୍ପ ଅଧିକ ଲେଖା ଯାଉଛି ବୋଲି ଯେଉଁ ଆକଳନ, ତାହା ସଂଖ୍ୟା ଦୃଷ୍ଟିରୁ ସିନା, ଗୁଣବତ୍ତା ଦୃଷ୍ଟିରୁ ତାହା କେତେ ସୁସ୍ଥ ଓ ବଳଶାଳୀ ତାହା ଅନୁଧ୍ୟାନର ବିଷୟ । ଲେଖାର ଲକ୍ଷ୍ୟ ଏବେ ପାଠକ ନୁହେଁ, ସମ୍ବର୍ଦ୍ଧନା ଓ ପୁରସ୍କାର ହିଁ ସମସ୍ତଙ୍କର ଲକ୍ଷ୍ୟ । ଭଲ ଲେଖକଙ୍କ ସଂଖ୍ୟା ଯେମିତି ସ୍ୱଳ୍ପ, ଭଲ ପାଠକଙ୍କ ସଂଖ୍ୟା ମଧ୍ୟ ଆହୁରି ସ୍ୱଳ୍ପ । ଏହା ଏକ ଜାଗତିକ ପ୍ରକ୍ରିୟା । ନିକଟ ଭବିଷ୍ୟତରେ ଏ ସମସ୍ୟାର ସମାଧାନ, ଏ ଲେଖକକୁ ଦିଶୁନାହିଁ । ସାହିତ୍ୟ, ଚିତ୍ର, ସଂଗୀତ, ଭାସ୍କର୍ଯ୍ୟ, ସ୍ଥାପତ୍ୟ ସବୁର ମାନ ହ୍ରାସ ହୋଇ ଚାଲିଛି । କେବଳ ଲୁପ୍ତ ହେବାକୁ ଅପେକ୍ଷା । ଆମର ସାମାଜିକ ଓ ବୌଦ୍ଧିକ ଚେତନାକୁ ଧ୍ୱଂସ କରିବା ପାଇଁ ସ୍ମାର୍ଟ ମୋବାଇଲ ଗୋଟେ ମହାମାରୀର ଭୂମିକା ନିର୍ବାହ କରି ଚାଲିଛି । ଏହାକୁ ରୋକିବା କାଠିକର ପାଠ । ଆମେ ସମସ୍ତେ ଊଣା ଅଧିକ ସେଇ ମହାମାରୀରେ ଆକ୍ରାନ୍ତ । କେବଳ ସାହିତ୍ୟ ନୁହେଁ, ଶିକ୍ଷା ମଧ୍ୟ ଭୟଙ୍କର ଭାବରେ କ୍ଷତିଗ୍ରସ୍ତ । ଏ ଦୁର୍ବିପାକକୁ କେବଳ ଈଶ୍ୱର ଭରସା । କୌଣସି ପ୍ରଚେଷ୍ଟା, ପରାମର୍ଶ କାଟୁ କରିବ ନାହିଁ, କାରଣ ମଣିଷର ଚେତନା ଜଗତ ଅନ୍ତଃସାରଶୂନ୍ୟ ହୋଇ ଚାଲିଛି। ଶେଷରେ କହିବି, ଯେତିକି ପାଠକ ଅବଶିଷ୍ଟ ଅଛନ୍ତି, ସେମାନଙ୍କୁ ଉତ୍ସାହିତ କରିବାକୁ ହେଲେ ସେମାନଙ୍କୁ ଚିହ୍ନଟ କରି ପୁରସ୍କୃତ କରାଯାଉ, ସମ୍ବର୍ଦ୍ଧିତ କରାଯାଉ । ସେମାନଙ୍କୁ ନେଇ ବିଭିନ୍ନ ସ୍ଥାନରେ ସାହିତ୍ୟ ସଂସଦ ଭଳି, ପାଠକ ସଂସଦ ଗଢ଼ାଯାଉ । ସରକାରୀ ସ୍ତରରେ ପାଠକମାନଙ୍କୁ ସାହିତ୍ୟିକର ମର୍ଯ୍ୟାଦା ଦିଆଗଲେ, ପ୍ରୋତ୍ସାହନ ଦିଆଗଲେ ସ୍ଥିତାବସ୍ଥାର କିଛିଟା ପରିବର୍ତ୍ତନ ହୋଇ ପାରିବ ହୁଏତ । ସ୍ମାର୍ଟ ମୋବାଇଲ ନାମକ ଯନ୍ତ୍ରଟି ଡାଇନୋସର୍‌ର ବଂଶ ପରି କୌଣସିମତେ ଲୋକ ପାଇଯାଆନ୍ତା କି ? ସମସ୍ତେ ସୁଧୁରି ଯାଆନ୍ତେ । କ୍ଷମା କରିବେ, ଏ ଲେଖକର ଏଭଳି ଅପ୍ରୀତିକର ବକ୍ତବ୍ୟ ଲାଗି ।



ପ୍ରାଣପ୍ରିୟା ପତ୍ନୀ ମୀନୁଙ୍କ ସହ ବିଷ୍ଣୁ ସାହୁ...

■ ଅକ୍ଷରେ ବିଷ୍ଣୁ ସାହୁ



ପିତା: ଶ୍ରୀ ଗନ୍ଧର୍ବ ସାହୁ
ମାତା: ଶ୍ରୀମତୀ ରାଧାମଣି ଦେବୀ
ଜନ୍ମ : ୨୧ ଜାନୁଆରୀ ୧୯୫୬ ମସିହା
ଜନ୍ମସ୍ଥାନ : ନବାପାଟଣା, ଜଗତସିଂହପୁର
ବର୍ତ୍ତମାନର ଠିକଣା : ବିଷ୍ଣୁଲୋକ, ଦେଉଳି ଗ୍ରାମେଶ୍ୱର ଜଗତସିଂପୁର ଟାଉନ, ଜଗତସିଂହପୁର
(ମୋ) ୭୦୦୮୩୭୭୯୬୭

**ପ୍ରକାଶିତ ପୁସ୍ତକ:**

**ଗଳ୍ପ**
୧-ବିଷ୍ଣୁ ସାହୁଙ୍କ କଥା ଓ କାହାଣୀ
୨- ଚମ୍ପାବଣ
୩- ଅସୁସ୍ଥ ପୃଥିବୀ
୪-ମୁନ୍ନା ପାଇଁ ପ୍ରାର୍ଥନା
୫- ବିଷ୍ଣୁସାହୁଙ୍କ ପ୍ରେମଗଳ୍ପ
୬- ଜହ୍ନରାତିର ହୃଦୟ
୭- ଦେହାଗ୍ନି
୮- ପାପର ଦୈର୍ଘ୍ୟ ପ୍ରସ୍ଥ
୯- ଗୋଟିଏ ବାଳିକାର ବର୍ଣ୍ଣନା
୧୦- ଜଣେ ସୁନ୍ଦରୀଙ୍କ ସମ୍ପର୍କରେ
୧୧- ଗୋଟିଏ ଗାଁର ଚିତ୍ରପଟ୍ଟ
୧୨- ଦୁଃଖର ଚାରିକାନ୍ଥ
୧୩- ଶେଷ ସଂଧ୍ୟାର ସଂଗୀତ
୧୪- ଗୋଟିଏ ଲଣ୍ଠନର ପ୍ରେମ କାହାଣୀ
୧୫- କାହାଣୀ ଓ କାଠଚମ୍ପା
୧୬- ବିଷ୍ଣୁ ସାହୁଙ୍କ ଶ୍ରେଷ୍ଠ ଗଳ୍ପ-

**କବିତା ଓ ଗୀତି କବିତା**
୧-ପାରୁଲର ପ୍ରେମିକ
୨- ସଙ୍ଗୀତାୟନ
୩- ଦେହପଦ୍ମ
୪-ଯେଉଁ ପୃଥିବୀ ମୁଁ ଛାଡିଯାଉଛି
୫- ଗୁଣୁଗୁଣୁ ଜହ୍ନରାତି

**ନାଟକ**
କୋଡିଏଟି ବେତାର ନାଟକ
ପନ୍ଦରଟି ନୃତ୍ୟନାଟିକା
ଦଶଟି ଅପେରା ନାଟକ
ସାତଟି ଗୀତିନାଟ୍ୟ ଓ ଅନ୍ୟାନ୍ୟ

**ଶିଶୁ କବିତା**
୧- ବାବୁଲା ହୋଇବ ଜଗତଜିତା
୨- ଲାଲ ଟୁକଟୁକ୍ ଝିଅ
୩- କୁନା ପାଇଁ ନାନାବାୟା ଗୀତ
୪- ପିଲାଙ୍କ ପାଇଁକି ପପଲ୍ ପୁଁ
୫- ପୁପୁନ୍ ହାତରେ ପେଁକାଳି

**ନିବନ୍ଧ-** ମୁଖ୍ୟ ପ୍ରସଙ୍ଗ

■ କୁହାଯାଉଛି, ମାତୃଭାଷା ଏବେ ସଂକଟରେ, ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ କେବଳ ମାତୃଭାଷା କାହିଁକି, ଏ ସମାଜ ମଧ୍ୟ ଘୋର ସଂକଟରେ । ସେଇକଥା ତ କହୁଥିଲି । ତେବେ ଯେଉଁମାନେ ମାତୃଭାଷା ସହିତ ତଥାପି ଜଡ଼ିତ ଅଛନ୍ତି, ସେମାନେ ପ୍ରଥମେ ଭାଷାକୁ ଶୁଦ୍ଧ କରନ୍ତୁ । ବର୍ଣ୍ଣର ଶୁଦ୍ଧତା, ବ୍ୟାକରଣର ଶୁଦ୍ଧତା, ବଚନର ଶୁଦ୍ଧତା ପ୍ରତି ସମସ୍ତେ ସତର୍କ ନହେଲେ ଶାସ୍ତ୍ରରେ ମର୍ଯ୍ୟାଦା ଲାଭ କରିଥିବା ଆମ ଭାଷାର ଅଧୋଗତି ଲାଗି ରହିବ । ପ୍ରଥମେ ଭାଷା, ତା' ପରେ ସାହିତ୍ୟ । ଯେଉଁମାନେ ଭାଷାକୁ ନେଇ ସେମାନଙ୍କର କାରବାର ଏ ଦୁଃସମୟରେ ବି ଜାରି ରଖିଛନ୍ତି- ସେମାନଙ୍କୁ ଶବ୍ଦର ଶୁଦ୍ଧତା ବିଷୟରେ ଦିଗ୍‌ଦର୍ଶନ ଦେବା ପାଇଁ, ସରକାରୀ ସ୍ତରରେ, ଅନ୍ତତଃ ରାଜ୍ୟର ଭାଷା ପ୍ରତିଷ୍ଠାନ ଆନୁକୂଲ୍ୟରୁ ସର୍ବଜନଗ୍ରାହ୍ୟ ଅଭିଧାନଟିଏ ପ୍ରସ୍ତୁତ କରାଯାଉ ଏବଂ ପ୍ରତି ଛାତ୍ର ପାଇଁ ବାଧ୍ୟତାମୂଳକ ଭାବେ ଏହାକୁ ସବୁ ସ୍ତରରେ ଉପଲବ୍ଧ କରାଯାଉ। ସାହିତ୍ୟ ପଢ଼ିଲେ ସିନା ସାହିତ୍ୟକୁ ଅଧାର କରି ଭାଷାକୁ ବଞ୍ଚାଇ ହେବ ! ପ୍ରାଥମିକ ଶିକ୍ଷା ସ୍ତରରୁ ଶବ୍ଦର ସୁସ୍ଥ ପ୍ରୟୋଗ କରିବା ପାଇଁ ସରକାରଙ୍କର ଦୃଷ୍ଟିକୋଣ କଠୋର ହେଉ । ଶବ୍ଦ ସୁସ୍ଥ ହେଲେ, ଭାଷା ସୁସ୍ଥ ହେବ ଏବଂ ଭାଷା ସୁସ୍ଥ ହେଲେ ସାହିତ୍ୟ ସୁସ୍ଥ ହେବ ।

■ ସମାଜରେ ଯେଉଁ ଯେଉଁ ଅବ୍ୟବସ୍ଥା ଦେଖାଯାଉଛି, ଲେଖକଟିଏ ଚାହିଁଲେ, ସେସବୁ ପରିବର୍ତ୍ତନ କରିପାରିବ ବୋଲି ଆପଣ କେତେ ଆଶାବାଦୀ ?

■■ ଆଶାବାଦୀ ବୋଲି କହିବାରେ କୌଣସି ଅସୁବିଧା ନାହିଁ। କାରଣ ଏହା ଏକ ସହଜ ବକ୍ତବ୍ୟ। କିନ୍ତୁ ସେ ଆଶାର କି ଅର୍ଥ ଅଛି ? କେହି ପଢ଼ିଲେ ସିନା, ସାହିତ୍ୟ କିଛି କରିବ, ନ ପଢ଼ିଲେ କଣ ହେବ ? ଔଷଧ ନ ଖାଇଲେ ରୋଗ ଭଲ ହେବ କି ? ଏ ଲେଖକ ଯାହା ଲେଖିଲା, ତାହା କେତେ ବା ପଢ଼ିବେ ? ଯେତିକି ପଢ଼ିବେ, ତାହା ତାଙ୍କୁ ପ୍ରଭାବିତ କରିବ କି ? ହୁଏତ ନୁହେଁ । ଏହା ଏ ଲେଖକର ନକରାତ୍ମକ ଚିନ୍ତାଧାରା ନୁହେଁ- ଏହା ପ୍ରକୃତରେ ନିଷ୍ଠୁର ବାସ୍ତବତା । ଏ ଅବସ୍ଥାର ପରିବର୍ତ୍ତନ ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରିବା ବ୍ୟତୀତ ଉପାୟ କିଛି ନାହିଁ ।

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ଆପଣ କେତେ ଆଶାବାଦୀ ?


■■ ଏ ଲେଖକ ଆଶାବାଦୀ ଯେ, ମୁଷ୍ଟିମେୟ ଲୋକଙ୍କ ଭିତରେ ଓଡ଼ିଆ ସାହିତ୍ୟ ନିଶ୍ଚୟ ବଞ୍ଚି ରହିବ। କାରଣ ରାମାୟଣ, ମହାଭାରତ, ଗୀତା, ଭାଗବତ ଆମର ସାର୍ବଜନୀନ ସମ୍ପଦ। ଏହା ବିଭୁପ୍ରେରିତ ସାହିତ୍ୟ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତା ସମସ୍ତଙ୍କ ପାଖକୁ ଯାଉ ବୋଲି ଆଶା କରିବେ ।

■■ ଏହା ଏକ ଚମତ୍କାର ପ୍ରସଙ୍ଗ । ପୁରସ୍କାର ସ୍ରଷ୍ଟାଠାରୁ କ୍ଷୁଦ୍ର । ଉପଯୁକ୍ତ ସ୍ରଷ୍ଟା ଯଦି ପୁରସ୍କାର ପାଏ, ତେବେ ସେ ପୁରସ୍କାର ମହିମାନ୍ୱିତ ହୁଏ, ଅନୁପଯୁକ୍ତ ସ୍ରଷ୍ଟା ଯଦି ଭଲ ପୁରସ୍କାର ବି ପାଏ, ତେବେ ସେ ପୁରସ୍କାରର ଅବମୂଲ୍ୟାୟନ ଘଟିଥାଏ । ସ୍ରଷ୍ଟା ପୁରସ୍କାରକୁ ନେଇ ବଞ୍ଚେ ନାହିଁ, ପୁରସ୍କାର ସ୍ରଷ୍ଟାକୁ ନେଇ ତାର ମହିମା ବିସ୍ତାର କରେ । ସାରଳା ଦାସ, ବଳରାମ ଦାସ, ଭୀମ ଭୋଇ, କବିସୂର୍ଯ୍ୟ ବଳଦେବ ରଥ, ଜଗନ୍ନାଥ ଦାସ, ଉପେନ୍ଦ୍ର ଭଞ୍ଜ, ଅଭିମନ୍ୟୁ, ଫକୀରମୋହନ, କେଉଁ ପୁରସ୍କାର ପାଇଥିଲେ ? କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓ ରାମକୃଷ୍ଣ ନନ୍ଦଙ୍କର ଆହେ ଦୟାମୟ ବିଶ୍ୱ ବିହାରୀ ଯେପରି ଓଡ଼ିଶାର ଲୋକମୁଖରେ ପ୍ରତି ମୁହୂର୍ତ୍ତରେ ଉଚ୍ଚାରିତ ହେଉଛି, ତା' ସହ କେଉଁ ପୁରସ୍କାର, ଯେତେ ବଡ଼ ହେଉ ପଛକେ, ସରି ହେବ କି ? ଏସବୁ ସ୍ରଷ୍ଟାଗଣ ନିଜକୁ ନିଜେ ଗୋଟେ ଗୋଟେ ପୁରସ୍କାରରେ ପରିଣତ କରିଥିଲେ । ଏଣୁ ମୁଁ ବାର୍ତ୍ତା ଦେବାକୁ ଅତ୍ୟନ୍ତ ଅଭାଜନ। ମୁଁ ଏତିକି ବୁଝେ ଯେ, ସ୍ରଷ୍ଟା ନିଜ ଲେଖାଦ୍ୱାରା ନିଜକୁ ନିଜେ ଗୋଟେ ପୁରସ୍କାରରେ ପରିଣତ କରିପାରିଲେ ଯାଇ, ପୁରସ୍କାର ପାଇଁ ଯେଉଁ ମୋହ ଲେଖକମାନଙ୍କର ରହିଛି, ତା'ର ମୃତ୍ୟୁ ଘଟିବ । ଏହା ମୋର ଗଭୀର ଅବବୋଧ ।♥♥



ସୁଖୀ ପରିବାର : କବି ଓ କଥାକାର ବିଷ୍ଣୁ ସାହୁଙ୍କ ପତ୍ନୀ ଓ ଦୁଇ କନ୍ୟାରତ୍ନ......



ଗୋଟିଏ ସାହିତ୍ୟ ସଭାରେ କବି କଥାକାର ବିଷ୍ଣୁ ସାହୁ...........

# ମୋ ଝର୍କାରୁ ଆମେରିକା...

## ପ୍ରଥମ ବିଦେଶ ଯାତ୍ରା

ଭାଗ-୧୦

ନନ୍ଦିତା ମହାନ୍ତି



**କେତେ କେତେ ଲୋକ ପ୍ଲାଟଫର୍ମ ଉପରେ କତରା ଘୋଡେଇ ହୋଇ ଶୋଇଥାନ୍ତି । ଛିଣ୍ଡା ଜାମାପଟା ପିନ୍ଧି ଛୋଟ ଛୋଟ ପିଲାମାନେ ଭିକ ମାଗୁଥାନ୍ତି । ଅନ୍ଧ ଲୋକଟିଏ ଦାଶକାଠିଆ ବଜେଇ ସୁଲଳିତ କଣ୍ଠରେ ଗୀତ ବୋଲୁଥାଏ । ଗଲାଅଇଲା ଲୋକେ, ତା ସାମ୍ନାରେ ବିଛା ହୋଇଥିବା ଛିଣ୍ଡା ଗାମୁଛା ଉପରେ ପାଂଚ ପଇସି, ଦଶପଇସି ପକେଇ ଦେଇ ଯାଉଥାନ୍ତି । ପଇସା ପଡିଲା ମାତ୍ରେ ଲୋକଟି ପଇସାକୁ ଉଠେଇ ଗାମୁଛା ତଳେ ରଖି ଦେଉଥାଏ ।**

ନୂତନର ଆକର୍ଷଣ ଯେତେ ଲୋଭନୀୟ ହୋଇଥାଉ ନା କାହିଁକି , ଅତୀତର ସେଇ ସବୁ ପୁରାତନ ସ୍ମୃତି କେବେ କଣ ପିଛା ଛାଡନ୍ତି ମଣିଷର ।

ଝିଅର ଧାରା ବିବରଣୀ ଶୁଣୁ ଶୁଣୁ ସମ୍ମୋହିତ ହେଉଥିଲି ମୁଁ ।

ଆମେରିକା ପୃଥିବୀର ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ର । ଆମେରିକା ତାର ବିବିଧତା , ନବନିର୍ମାଣ ଓ ସାଂସ୍କୃତିକ ଐତିହ୍ୟ ପାଇଁ ଜଣାଶୁଣା । ଏହା ଏକ ପୁଞ୍ଜିବାଦୀ ଦେଶ । ଏଠାରେ ଅଧିକାଂଶ ସଂସ୍ଥା ବ୍ୟକ୍ତିଗତ ମାଲିକାନା ଅନ୍ତର୍ଭୁକ୍ତ । ତେଣୁ ସେଇ ଦେଶ ଆଜି ସମୃଦ୍ଧିର ଶୀର୍ଷ ଦେଶରେ । ହଲିଉଡର ସିଲଭର ସ୍କ୍ରିନ ଠାରୁ ଆରମ୍ଭ କରି ସିଲିକନ ସିଟିର ଟେକ୍ନୋଲୋଜି ଯାଏଁ ସବୁ କ୍ଷେତ୍ରରେ ଆମେରିକା ତାର ଜୟଯାତ୍ରା ଜାରି ରଖିଛି । ଯେଉଁଥିପାଇଁ ସାରା ପୃଥିବୀରୁ ପ୍ରତିବର୍ଷ ଲକ୍ଷାଧିକ ଲୋକ ଛୁଟି ଆସନ୍ତି ଏଠାକୁ ନିଜର ଭାଗ୍ୟ ପରୀକ୍ଷା କରିବା ପାଇଁ । ପରିସଂଖ୍ୟାନ ଅନୁସାରେ ୨୦୨୨ ମସିହାରେ ପ୍ରାୟ ୨୬ ଲକ୍ଷ ପ୍ରବାସୀ ଭିନ୍ନ ଭିନ୍ନ ଦେଶରୁ ଆମେରିକାକୁ ଆସିଥିଲେ କର୍ମସଂସ୍ଥାନ ପାଇଁ । କେବଳ ଭାରତରୁ ପ୍ରତି ବର୍ଷ ପାଖାପାଖି ୧୪୫୦୦୦ ଲୋକ ଆମେରିକା ଆସିଥାନ୍ତି । ସେଥିରୁ ସିଂହ ଭାଗ କାମ କରନ୍ତି ଆଇଟି ସେକ୍ଟରରେ । ତେଣୁକରି ସୁନେଲି ଭବିଷ୍ୟତ ପାଇଁ ଅଧିକାଂଶ ଯୁବକଙ୍କର ପ୍ରଥମ ପସନ୍ଦ ହେଉଛି ଆମେରିକା । ଆଉ ଏଠାକାର ବିବିଧ ବୈଭବ ଭିତରୁ ଯାହା ସବୁଠାରୁ ଆକର୍ଷଣୀୟ ତାହା ହେଲା ଆମେରିକାର ଦେଶ, କାଳ, ପାତ୍ର ନିର୍ବିଶେଷରେ ସମସ୍ତଙ୍କୁ ଉଷ୍ମ ଆଲିଙ୍ଗନରେ କୋଳାଗ୍ରତ କରିବାର ପ୍ରବଣତା । ବ୍ୟକ୍ତି ସ୍ୱାଧୀନତା ଏଠାକାର ଆଉ ଏକ ମହାନ ବିବଭ ।

ଆମେ ଜର୍ଜ ୱାସିଂଟନ ବ୍ରିଜ ପାର କରି ଯାଇଥିଲୁ । ଏହି ବ୍ରିଜ ନ୍ୟୁୟର୍କକୁ ଅଲଗା କରେ ନ୍ୟୁଜର୍ସି ଠାରୁ । ଏହା ଏକ ସସପେନସନ ବ୍ରିଜ । ମଝିରେ ପିଲାର ନ ଥାଇ କେବଳ କେବୁଲ ଦ୍ୱାରା ଏହା ଝୁଲି ରହିଛି ହଡସନ ନଦୀ ଉପରେ । ଏହା ଫୋର୍ଟ ୱାସିଂଟନ ଓ ଫୋର୍ଟ ଲୀ' କୁ ସଂଯୋଗ କରୁଥିବା ଏକ ଦ୍ୱିତଳ ବ୍ରିଜ । ଏହାର ଉପର ଭାଗରେ ଆଠ ଗୋଟି ଓ ତଳ ଭାଗରେ ଛଅ ଗୋଟି, ଏମିତି ସମୁଦାୟ ଚଉଦଟି ଲେନ ରହିଛି ସବୁ ଦିଗକୁ ଯାନବାହନ ଯିବା ପାଇଁ । ଆମେରିକାର ପ୍ରଥମ ରାଷ୍ଟ୍ରପତି ଜର୍ଜ ୱାସିଂଟନ ଯାହାଙ୍କୁ ଆଧୁନିକ ଆମେରିକାର ଜନକ ବୋଲି କୁହାଯାଏ, ତାଙ୍କରି ନାମାନୁସାରେ ଏହାକୁ ନାମିତ କରାଯାଇଛି । ଏହା ହେଉଛି ପୃଥିବୀର ସବୁଠାରୁ ବ୍ୟସ୍ତବହୁଳ ଯାନବାହନ ଚଳାଚଳ କରୁଥିବା ବ୍ରିଜ। କୁହାଯାଏ ଏଇ ବ୍ରିଜ ଦେଇ ପ୍ରତି ବର୍ଷ ଦଶ କୋଟିରୁ ଅଧିକ ଯାନବାହନ ଚଳାଚଳ କରିଥାଏ।

କାରର କାଚ ଝରକା ଆର ପାଖେ ଧୀରେ ନଇଁ ଆସୁଥିଲା ସନ୍ଧ୍ୟା । ଚାରିଆଡେ ଜଳି ଉଠିଥିଲା ଆଲୋକମାଳା । ଆଲୋକମାଳାରେ ସଜେଇ ହୋଇ ଜର୍ଜ ୱାସିଂଟନ ବ୍ରିଜ ଅପରୂପ ଦିଶୁଥିଲା । ଝିଅ କହୁଥିଲା ଦିନ ଓ ରାତିରେ ଏହି ବ୍ରିଜର ସୌନ୍ଦର୍ଯ୍ୟ ଭିନ୍ନ ଭିନ୍ନ ।

ମୋ ସାମ୍ନାରେ ଧୀରେ ଖୋଲି ଖୋଲି



ଯାଉଥିବା ନବଦିଗନ୍ତର ହାତ ଧରି ମୁଁ ପଛକୁ ଫେରୁଥିଲି । ପଛକୁ ..... ଆହୁରି ପଛକୁ । ଫେରୁଥିଲି ମୋ ପିଲାଦିନକୁ ।

ଛୋଟ ବେଳେ ଆମେ ବର୍ଷକୁ ଦୁଇ / ତିନି ଥର ନିଶ୍ଚିତ ଭାବରେ ଗାଁକୁ ଯାଉଥିଲୁ । ରଜ ସଂକ୍ରାନ୍ତି, ମକର ସଂକ୍ରାନ୍ତିରେ ଗାଁକୁ ଯିବାଟା ଥିଲା ଥୟ । ଆମ ଗାଁକୁ ଯିବାକୁ ହେଲେ ପ୍ରଥମେ ଟ୍ରେନ ଯୋଗେ ରାଉରକେଲାରୁ ଟାଟାନଗର ଆଉ ଟାଟାନଗରରୁ ଗାଁକୁ ଯିବାକୁ ପଡୁଥିଲା । ଆମେ ସନ୍ଧ୍ୟା ବେଳେ ଘରୁ ବାହାରି ରାଉରକେଲା ରେଳ ଷ୍ଟେସନରୁ ଧରୁଥିଲୁ ଟାଟାନଗର ପାଇଁ ଟ୍ରେନ । ଟ୍ରେନ ଟାଟାନଗରରେ ରାତି ଏଗାରଟା/ ବାରଟା ସୁଦ୍ଧା ପହଂଚି ଯାଉଥିଲା । କିନ୍ତୁ ସେଠାରୁ ଗାଁକୁ ଟ୍ରେନ ଥିଲା ପରଦିନ ସକାଳେ । ତେଣୁକରି ରାତି ଆମକୁ ଟାଟାନଗର ଷ୍ଟେସନରେ ହିଁ କାଟିବାକୁ ପଡୁଥିଲା । ମାଆ ଘରୁ ଷ୍ଟେସନରେ ରାତି କଟେଇବା ପାଇଁ ସବୁ ବ୍ୟବସ୍ଥା କରିକି ଯାଉଥିଲେ । ଷ୍ଟେସନରେ ପହଞ୍ଚିଲା ମାତ୍ରେ ଏକ ଅପେକ୍ଷାକୃତ ନିରୋଳା ସ୍ଥାନ ଦେଖି ବାବା ସାଙ୍ଗରେ ଆଣିଥିବା ସତରଞ୍ଜିକୁ ତଳେ ବିଛେଇ ଦେଉଥିଲେ । ଆମେ ସମସ୍ତେ ଗୋଲାକାରରେ ବସି ପଡୁଥିଲୁ ତା ଉପରେ । ଏବେ ମାଆ ସାଙ୍ଗରେ ଆଣିଥିବା ଏକ ପ୍ଲାଷ୍ଟିକ କ୍ୟାନବୁଣା ବ୍ୟାଗରୁ କାଢୁଥିଲେ ବଡ ଚାରି ଥାକିଆ ଟିଫିନ କ୍ୟାରିଅର । ବାହାର କରୁଥିଲେ ସେଥିରୁ ପୁରି, ରାଗୁଆ ଆଳୁକଷା ଆଉ ତେଲଦିଆ ଆମ୍ବ ଆଚାର । ଟିଫିନ ଡବା ଉପର ଢାଙ୍କୁଣୀରେ ସମସ୍ତଙ୍କ ପାଇଁ ବାଢି ଦେଉଥିଲେ । ବେଳେ ବେଳେ ଖରାଦିନେ ମାଆ କଂଚା ଆମ୍ବକୁ କୋଇଲାଆଂଚରେ ପୋଡି, ସେଥିରୁ ରସ କାଢି, ତା ସହିତ ଲୁଣ, ଚିନି ଆଉ ଗୋଲମରିଚ ଗୁଣ୍ଡ ପକେଇ, ସରବତ ତିଆରି କରି ତାକୁ ବଡ ହରଲିକ୍ସ ବୋତଲରେ ପୁରେଇ ସାଙ୍ଗରେ ନେଉଥିଲେ । ଖାଇ ସାରିଲା ପରେ ସମସ୍ତଙ୍କୁ ସେଇ ସରବତ ପିଇବାକୁ ମିଳୁଥିଲା । କହିବାକୁ ଗଲେ, ତାହା ଆମ ପାଇଁ ଯାତ୍ରା କମ ଥିଲା, ଅଧିକ ଥିଲା ପିକନିକ୍ । ଆଉ ସେଇଥିପାଇଁ ଆମେ ବଡ ଆଗ୍ରହରେ ଚାହିଁ ରହୁଥିଲୁ ଏହି ଯାତ୍ରାକୁ ।



ଖାଇ ସାରିଲା ପରେ ବାବା ଟିକେ ଏପଟ ସେପଟ ବୁଲାବୁଲି କରୁଥିଲେ, ଅନ୍ୟମାନେ ବସି ବସି ଘୁମଉଥିଲେ । ମୁଁ ବାବାଙ୍କ ହାତ ଧରି ବୁଲୁଥିଲି ଷ୍ଟେସନରେ । ସେଇ ସମୟରେ ମୁଁ ଅନୁଭବ କରୁଥିଲି, ଷ୍ଟେସନ ଯେମିତି ଏକ ଜାଗ୍ରତ ପ୍ରହରୀ । ଦିନ ଢଳେନା କେବେ ହେଲେ ସେଠି । ଦିନରାତିର ଫରକ ନ ଥାଏ । ସବୁବେଳେ ଚଳଚଂଚଳ, ଗହଳଚହଳ। ପ୍ଲାଟଫର୍ମରେ ଟ୍ରେନ ଲାଗୁଥାଏ, ଛାଡୁଥାଏ । ଲୋକମାନେ ଓହ୍ଲାଉଥାନ୍ତି , ଚଢୁଥାନ୍ତି । ଟ୍ରେନର ଆସିବା –ଯିବା ବିଷୟରେ ମାଇକରେ ଘୋଷଣା କରା ଯାଉଥାଏ । ମୁଁ କାନାଏ ସେଇ ସ୍ୱରକୁ । ହିନ୍ଦୀ ଓ ଇଂଗ୍ଲିସରେ ଉଦଘୋଷଣା କରା ଯାଉଥାଏ । ମୁଁ ଭାବେ ସେ ଲୋକଟାକୁ ବି କଣ ଆମ ପରି ନିଦ ମାଡେନା ରାତିରେ ! ମୋତେ ସେଇ ଲୋକଟିକୁ ଦେଖିବାକୁ ଭାରି ଇଚ୍ଛାହୁଏ ।

କେତେ କେତେ ଲୋକ ପ୍ଲାଟଫର୍ମ ଉପରେ କତରା ଘୋଡେଇ ହୋଇ ଶୋଇଥାନ୍ତି । ଛିଣ୍ଡା ଜାମାପଟା ପିନ୍ଧି ଛୋଟ ଛୋଟ ପିଲାମାନେ ଭିକ ମାଗୁଥାନ୍ତି । ଅନ୍ଧ ଲୋକଟିଏ ଦାଶକାଠିଆ ବଜେଇ ସୁଲଳିତ କଣ୍ଠରେ ଗୀତ ବୋଲୁଥାଏ । ଗଲାଅଇଲା ଲୋକେ, ତା ସାମ୍ନାରେ ବିଛା ହୋଇଥିବା ଛିଣ୍ଡା ଗାମୁଛା ଉପରେ ପାଂଚ ପଇସି, ଦଶପଇସି ପକେଇ ଦେଇ ଯାଉଥାନ୍ତି । ପଇସା ପଡିଲା ମାତ୍ରେ ଲୋକଟି ପଇସାକୁ ଉଠେଇ ଗାମୁଛା ତଳେ ରଖି ଦେଉଥାଏ । ଅନ୍ଧ ଲୋକଟିର ଚାଲାକି ଦେଖି ମୋତେ ହସ ମାଡ଼େ । ନାଲି ରଙ୍ଗର ଜାମା, ଗାଢ ନୀଳ ରଙ୍ଗର ହାଫ ପ୍ୟାଂଟ ପିନ୍ଧା କୁଲିମାନେ ଲୋକମାନେ ମୁଣ୍ଡରେ ଲୋକଙ୍କର ବାକ୍ସବସ୍ତାନୀ ମୁଣ୍ଡେଇ ଦଉଡୁଥାନ୍ତି ପ୍ଲାଟଫର୍ମ ଉପରେ, ଯେମିତି ଆଉ ମିନିଟିଏରେ ଛାଡି ଦେବ ତାଙ୍କର ଟ୍ରେନ ପ୍ଲାଟଫର୍ମରୁ । ପ୍ଲାଟଫର୍ମର ଗୋଟିଏ ପଟେ ଟାଟାନଗରର ଷ୍ଟିଲ ପ୍ଲାଂଟ ସମ୍ବନ୍ଧିତ ଏକ ମଡେଲ କାଚ ଫ୍ରେମ ମଧ୍ୟରେ ସଜା ହୋଇଥାଏ। ସେଥିରେ ଖଣିରୁ ଲୁହାପଥର ଉତ୍ତୋଳନ ଠାରୁ ଆରମ୍ଭ କରି ପ୍ଲାଣ୍ଟରେ ଲୌହଇସ୍ପାତର ପ୍ରସ୍ତୁତି ବିଷୟରେ ସବିଶେଷ ବିବରଣୀ ଥାଏ । ତା ଭିତରେ ନାଲି, ନେଳି ଲାଇଟ ଲାଗିଥାଏ । ମୁଁ ସେଇ ମଡେଲ ପାଖରେ ଛିଡା ହୋଇ ତାକୁ ଅନେକ ସମୟ ଯାଏଁ ଦେଖେ ଓ ମନେ ମନେ ଭାବେ ଆମ ଘରେ ଥିବା ଏକ ସାଧାରଣ କଟୁରି, ହେମଦସ୍ତା କିମ୍ବା ଲୁହାକଂଟାଟିଏର ପସ୍ତୁତି କେତେ ଜଟିଳ ସତେ ।

ଏମିତି ଏମିତି ରାତି ପାହିଯାଏ ।

ସକାଳୁ ସକାଳୁ ଟାଟାନଗରରୁ ଆମ ଗାଁ ପାଇଁ ଟ୍ରେନ ଛାଡେ । ଟାଟାନଗର ବାଦାମପାହାଡ ନେରୋଗଜ ଟ୍ରେନ ।

ଆମେମାନେ ପ୍ଲାଟଫର୍ମରେ ଥିବା ପାଣିକଳ ପାଖକୁ ଯାଇ ଦାନ୍ତ ଘଷି ମୁହଁ ଧୋଇପକାଉ । ମାଆ ପୁଣି ଖୋଲନ୍ତି ତାଙ୍କର ଯାଦୁର ପେଟେରା, ସେଇ ପ୍ଲାଷ୍ଟିକ କ୍ୟାନବୁଣା ବ୍ୟାଗ । ସେଥିରେ ଥାଏ ବିସ୍କୁଟ, ଘରତିଆରି କଳାଜୀରା ପକା ନିମକି, ନଡିଆ ଲଡୁ । ମାଆ ସେଇଥିରୁ ଆମକୁ କିଛି ଖାଇବାକୁ ଦିଅନ୍ତି । ବାବା ପ୍ଲାଟଫର୍ମର ବୁଲାବିକାଳିଙ୍କ ଠାରୁ କିଣି ଆଣନ୍ତି ଶାଗୁଆ ଚୋପା ଥିବା ବଡ ବଡ ଭୂଷାବଳ କଦଳୀ । ସେଇଥିରୁ ଗୋଟିଏ ଖାଇଲେ ପେଟ ଭରିଯାଏ ।

ଟାଟାନଗର ବାଦାମପାହାଡ ଟ୍ରେନ ଟାଟାନଗରରୁ ହିଁ ଛାଡେ । ତେଣୁ ପ୍ଲାଟଫର୍ମରେ ଠିଆ ହୋଇଥାଏ ଟ୍ରେନ । ତାହା ହିଁ ଆମ ଗାଁକୁ ଯିବା ପାଇଁ ଏକମାତ୍ର ଟ୍ରେନ । ସେତେବେଳେ ତାହା ପେସେଞ୍ଜର ଟ୍ରେନ ଥିଲା । ଏବେ କିନ୍ତୁ ତାହା ମେମୋ ହୋଇଯାଇଛି । ସେତେବେଳେ ତାହା କୋଇଲା ଚାଳିତ ଥିଲା । ଆମେ ତାକୁ ଛୁକ ଛୁକ ଟ୍ରେନ କହୁଥିଲୁ । କାରଣ ତାହା କଳା ଧୂଆଁ ଛାଡି ଛୁକ୍ ଛୁକ୍ ଶବ୍ଦ କରି ନେରୋଗଜ ଟ୍ରାକ ଉପରେ ଦଉଡୁଥିଲା । ଟାଟାନଗର ଠାରୁ ଆମ ଗାଁ ଷ୍ଟେସନ ଗୋରୁମହିଷାଣୀର ଦୂରତା ଥିଲା ପ୍ରାୟ ୧୦୮ କିଲୋମଟର । ଆଉ ସେତିକି ଦୂରତା ଅତିକ୍ରମ କରିବାକୁ ଟ୍ରେନକୁ ଲାଗୁଥିଲା ପାଖାପାଖି ସାଢେ ଚାରି ଘଣ୍ଟା ସମୟ ।

ବାବା ଦେଖି ଦେଖି ଭିଡ ନଥିବା ଗୋଟିଏ ଡବାରେ ଆମକୁ ଉଠେଇ ଦେଉଥିଲେ । ଆମେ ସମସ୍ତେ ନିଜ ନିଜ ପାଇଁ ବାଛି ନେଉଥିଲୁ ଗୋଟେ ଗୋଟେ ସିଟ ବସିବା ପାଇଁ । ମୁଁ ସବୁବେଳେ ଝରକା ପାଖ ସିଟରେ ବସୁଥିଲି । ଝରକାପାଖ ସିଟ ପ୍ରତି ମୋର ଥିଲା ଅହେତୁକ ଦୁର୍ବଳତା । ସେଥିପାଇଁ ବାବା ସବୁବେଳେ ମୋ ପାଇଁ ଗୋଟେ ଝର୍କା ପାଖ ସିଟ ରଖୁଥିଲେ । ମୁଁ ଝରକା ପାଖ ସିଟରେ ବସିପଡି ନିଜକୁ ହଜେଇ ଦେଉଥିଲି, ଟ୍ରେନର ଗତି ସହିତ ତାଳ ଦେଇ ମୁହୂର୍ମୁହୁ ବଦଳି ଯାଉଥିବା ଝରକା ଆରପାଖର ପୃଥିବୀରେ।


(ଆରଥରକୁ)

❤ ମଧୁସୂଦନ ନଗର ପୋଷ୍ଟ ଅଫିସ, ଭୁବନେଶ୍ୱର- ୭୫୧୦୨୨
(ମୋ) ୮୨୪୯୪୩୭୨୭୬

---

## ପଢିବା ପରେ...

# ଅନ୍ତିମ ଦୃଶ୍ୟ...




ବର୍ତ୍ତମାନ ସମୟର ଜଣେ ସୁନାମଧନ୍ୟ ଯୁବ ଗାଳ୍ପିକା ତଥା ଔପନ୍ୟାସିକା ଓ ବିନ୍ଧାଣୀ ଲେଖିକା ଶ୍ୱେତପଦ୍ମା ପାଢ଼ୀ ତ୍ରିପାଠୀଙ୍କ ରଚିତ ଅନେକ ଗଳ୍ପ ଓ ଉପନ୍ୟାସର ମୁଁ ଜଣେ ପ୍ରଶଂସକ । ଗତ ଥର ତାଙ୍କ ରଚିତ ସଖି କଣ୍ଢେଇ ପଢ଼ିବା ପରେ ମୁଁ ଅପେକ୍ଷା କରିଥିଲି ପୁଣି ଥରେ ଗୋଟିଏ ରହସ୍ୟ ରୋମାଞ୍ଚ ଭରା ଉପନ୍ୟାସ ପାଇଁ । ଆଉ ପରିଶେଷରେ ଅପେକ୍ଷାର ଅନ୍ତ ଘଟେଇ ଆସିଲା ଅନ୍ତିମ ଦୃଶ୍ୟ । ଅନ୍ତିମ ଦୃଶ୍ୟ ଦୁଇଟି ଭିନ୍ନ ଭିନ୍ନ କାହାଣୀ ଉପରେ ପର୍ଯ୍ୟବେସିତ । ଗୋଟିଏ ପର୍ଯ୍ୟଟନ ସ୍ଥଳୀ ଏବଂ ଦୁଇଟି ମନୋବିଜ୍ଞାନ ବିଷୟବସ୍ତୁ ଉପରେ ଆଧାରିତ 'ଭ୍ରମାତ୍ମକ ଅସ୍ୱୀକାର' ଓ କ୍ରାଇମ୍ ଥ୍ରିଲାର୍ 'ପାଉଁଶ ତଳର ନିଆଁ' ସତରେ ଗୋଟିଏ ପାଠକକୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବ ବୋଲି କୌଣସି ସନ୍ଦେହ ନାହିଁ ।


ଗୋଟିଏ ହତ୍ୟାକାଣ୍ଡ, କିଏ କରିଛି ହତ୍ୟା, ଅନେକ ସନ୍ଦେହୀ କିନ୍ତୁ କାରଣ କ'ଣ ? ଯଦି ହତ୍ୟାକରି ହତ୍ୟା କରିଲା ତେବେ ସେ କାହିଁକି ନିଜେ ମାନିନେଲା ତା'ର ଦୋଷ ? ଏହା ଆପଣଂକ ମନରେ ସୃଷ୍ଟି କରିବ ମେଞ୍ଚାଏ ପ୍ରଶ୍ନ । ତେଣୁ ନିଶ୍ଚିତ ଭାବରେ ପଢ଼ିବେ ଅଭ୍ରମାତ୍ମକ ଅସ୍ୱୀକାରଅ । କାହାଣୀର ମୁଖ୍ୟ ଚରିତ୍ର ନିର୍ବେଦ ଜୀବନକୁ ନେଇ ତା'ର ଭୟ ରହୁଥାଏ । ଏବଢ ବା ତୃତୀୟ ଲିଙ୍ଗକୁ ଆଜି ପର୍ଯ୍ୟନ୍ତ ମଧ ସମାଜ ସଂପୂର୍ଣ୍ଣ ଭାବରେ ସ୍ୱୀକୃତି ଦେଇ ପାରି ନାହିଁ । ହୁଏତ ସେଥିପାଇଁ ତା'ର ସେହି ଲାଲ ବିନ୍ଦିକୁ ନିଜର ଅସ୍ତିତ୍ୱ ବୋଲି ଗ୍ରହଣ କରି ପାରୁ ନଥିଲା । ଭୂତ ବୋଲି ମନରେ ଥିବା ଭୟକୁ ସେ ସର୍ବ ସମ୍ମୁଖରେ ଉପସ୍ଥାପନା କରି ନିଜର ବର୍ତ୍ତମାନ ଠାରୁ ଦୂରେଇ ଯିବା ପାଇଁ ସେ ଶତ ଚେଷ୍ଟା ଚଳେଇଥିଲା ।



ସମୟ ସହିତ ତା ଜୀବନରେ ଆସିଥିବା ଅନେକ ଚରିତ୍ରମାନେ ତାକୁ ବୁଝିବାକୁ ଚେଷ୍ଟା କରିଥିଲେ ।ପିତାମାତାଙ୍କ ଠାରୁ ସେ ପ୍ରେମ, ସହାୟତା ଲୋଡ଼ିବା ପାଇଁ ଏହି କଥାଟି ଜଣେଇବା ବେଳେ ସମାଜରେ ନିନ୍ଦା, ଲୋକ ଲଜ୍ୟା ଭୟରେ ସେମାନେ କିନ୍ତୁ ନନ୍ଦିନୀକୁ ବିବାହ ଦେବାର ବିକଳ୍ପ ଚୟନ କରିଲେ । ଯାହାର ଫଳ କେତେ ଭୟାବହ ଥିଲା ତାହା ପାଠକ ପଢ଼ିଲେ ଅବଶ୍ୟ ଜାଣି ପାରିବେ । ଠିକ୍ ସେହି ଭଳି ଲଳିତା, ଗୋପୀନାଥନ, ଅଙ୍ଗଦ ସମସ୍ତଂକ ଚରିତ୍ର ଉପନ୍ୟାସ ରେ ଗୋଟିଏ ଅଲଗା ରୋମାଞ୍ଚ ସୃଷ୍ଟି କରିଛି । ହାମ୍ପିର ବର୍ଣ୍ଣନା ଅତ୍ୟନ୍ତ ଚମତ୍କାର ହୋଇଛି । ଦକ୍ଷିଣ ଭାରତୀୟ ଲୋକଙ୍କ ଚରିତ୍ର ଚିତ୍ରଣ ଚମତ୍କାର ହୋଇଛି । ସର୍ବୋପରେ ଅଛି ଜଣେ ରହସ୍ୟମୟ ଚରିତ୍ର ଯାହାକୁ ଜାଣିବା ପାଇଁ ଅବଶ୍ୟ ପଢିବାକୁ ହେବ ଶେଷ ପୃଷ୍ଠା ପର୍ଯ୍ୟନ୍ତ । ମୁଁ କିନ୍ତୁ ଭାବି ରହିଗଲି ଏହି ହତ୍ୟା କରିଛି କିଏ ଯାହାର ଖୁଲାସା ଶେଷ ପୃଷ୍ଠାରେ ହୋଇଛି ଓ ମୁଁ ବାଜି ମାରି କହି ପାରିବି ଆପଣ ମଧ ଜାଣି ପାରିବେ ନାହିଁ ହତ୍ୟା କରିଥିଲେ କିଏ ? ଏହାହିଁ ହେଉଛି ରଚନା ଶୈଳୀ । ଖୁବ୍ ସୁନ୍ଦର୍ ଭାବରେ ବର୍ଣ୍ଣନା କରି ରହସ୍ୟକୁ ଜାରି ରଖି ପାରିଛନ୍ତି ଶ୍ୱେତାପଦ୍ମା ।

ଅନ୍ୟ ସ୍ଥଳରେ 'ପାଉଁଶ ତଳର ନିଆଁ' ନାରୀ ମନର ଅକୁହା କଷ୍ଟ । ରହସ୍ୟ, ରୋମାଞ୍ଚ, ପ୍ରେମ, ପ୍ରତାରଣା ଓ ଅପରାଧ ସବୁର ଗୋଟିଏ ଭରପୁର ମିଶ୍ରଣ । ଅପରାଧ ଭିତ୍ତିକ କାହାଣୀ ଲେଖିବା ଖୁବ୍ କଷ୍ଟ । ଜଣେ ଲେଖିକା ହିସାବରେ ମୁଁ ଜାଣେ ପାଠକକୁ ଅନ୍ତ ସବୁବେଳେ ରୋମାଞ୍ଚରେ ଭରା ଦରକାର । ସମାନ ସ୍ଥଳରେ ଲେଖିକା କିନ୍ତୁ ଠିକ୍ ଭାବରେ ତାକୁ ଗୁନ୍ଥି ନପାରିଲେ କାହାଣୀ ଫ୍ଲପ । କିନ୍ତୁ ଏହି ସବୁରେ ମାହିର ହେଲେ ଲେଖିକା ଶ୍ୱେତାପଦ୍ମା । ଆଦୌ ଭୁଲ ନହେବାକୁ ଦେଇ ଗୋଟିଏ ଅଗ୍ନି କାଣ୍ଡରୁ ଆରଂଭ ଏହି କାହାଣୀର ଅନ୍ତ କିନ୍ତୁ ଚମତ୍କାର ଭାବରେ କରିଛନ୍ତି ସେ । ଏହି ଉପନ୍ୟାସରେ ମୋର ପ୍ରିୟ ଚରିତ୍ର ହେଲେ ଇନ୍ସପେକ୍ଟର ଅଜୟ । ତା ବ୍ୟତୀତ ନନ୍ଦିନୀ, ମାନସ, ତାଙ୍କ ପରିବାର, ଏକାଂଶ ସମସ୍ତେ ଏକକୁ ବଳି ଆରେକ । ପରିଶେଷରେ ଏତିକି କହିବି ନାରୀ ପାଇଁ ଖୁବ୍ ସୁନ୍ଦର୍ ଗୋଟିଏ ବାର୍ତ୍ତା ଦେଇଛି ଏହି ଉପନ୍ୟାସ । ନାରୀ କେବେ ମଧ ଭୁଲିବା କଥା ନୁହେଁ ସେ ହିଁ ପାର୍ବତୀ ଓ ତା'ର ସମ୍ମାନ ଉପରେ ଆସିଲେ ସେହିଁ ମହାକାଳୀ । ଆଶା କରୁଛି ଉପନ୍ୟାସଟି ଅଜସ୍ର ପାଠକୀୟ ସ୍ୱୀକୃତି ସାଉଁଟି ପାରୁ ।

ବହିଟିରେ ପୃଷ୍ଠାସଂଖ୍ୟା ୧୧୦ଥିବାବେଳେ ଏହାର ମୂଲ୍ୟ - ୧୩୯ ଟଙ୍କା ରଖାଯାଇଛି ଓ ଏହାକୁ ପ୍ରକାଶ କରିଛନ୍ତି ପଶ୍ଚିମା ପବ୍ଲିକେଶନ୍ ।



ସମୀକ୍ଷା :
ଅମ୍ବୁଜା ମହାନ୍ତି

---

# ସମୂହ ବିକାଶଧାରାରେ ଆଜିର ଶିକ୍ଷା

କିଶୋର୍ ଚନ୍ଦ୍ର ଜେନା



ଶିକ୍ଷା ଶବ୍ଦଟି ଶିକ୍ଷ ଧାତୁରୁ (ଶିକ୍ଷ-ଅ-ଆ)ରୁ ଆସିଅଛି । ଏହାର ଅର୍ଥ ହେଲା ଶିଖିବା, ଅଧ୍ୟୟନ ବା ବିଦ୍ୟାଭାସ ବା ଜ୍ଞାନାର୍ଜନ । ଶିକ୍ଷାର ମୂଳ ଉଦ୍ଦେଶ୍ୟ ହେଲା ଜାଗୃତି ଯାହା ଶିକ୍ଷାର ଅନ୍ତର୍ନିହିତ ଗୁଣମାନଙ୍କୁ ପରିପୁଷ୍ଟ, ଉଜାଗର ଏବଂ ବିକଶିତ କରିବାରେ ସହାୟକ ହୁଏ । ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ- 'ଯେଉଁ ଶିକ୍ଷା ଉତ୍ତମ ଚରିତ୍ର ଗଠନରେ ସହାୟକ ହୁଏ, ମନର ଶକ୍ତିକୁ ସମୃଦ୍ଧ କରାଏ, ବୁଦ୍ଧିମତାକୁ ପ୍ରସାରିତ ଓ ରଶ୍ମିମନ୍ତ କରାଏ ଓ ନିଜ ଗୋଡ଼ରେ ଠିଆ ହେବାର ସାହସ ଦିଏ ତାହାହିଁ ପ୍ରକୃତ ଶିକ୍ଷା । ଯେଉଁ ଶିକ୍ଷା ଶିକ୍ଷାର୍ଥୀର ଅନ୍ତର୍ନିହିତ ଗୁଣର ସମୂହ ବିକାଶ ଓ ସୃଜନ ଶକ୍ତି ବିକାଶର ପରିପନ୍ଥୀ, ସେ ଅଶିକ୍ଷା ।''

ଆଜିର ଶିକ୍ଷା କେବଳ ବ୍ୟବସାୟିକ, ପ୍ରୟୋଗାତ୍ମକ ଭାବେ ଉଭା ହୋଇଛି । ଏହାର ମୂଳ ଉଦ୍ଦେଶ୍ୟ ଜୀବିକାନିର୍ବାହ, ଜ୍ଞାନାର୍ଜନ ବା ଜୀବନ ଉପଯୋଗୀ ନୁହେଁ । ଆମର ବୌଦ୍ଧିକ ଶିକ୍ଷା ପଦ୍ଧତିଠାରୁ ବହୁ ଊର୍ଦ୍ଧ୍ୱରେ । ପାଶ୍ଚାତ୍ୟ ଶିକ୍ଷାର ମୋହଜାଲରେ ଆମେ ବିମୋହିତ । ଆମେ ସମସ୍ତ ପାଶ୍ଚାତ୍ୟର ବାସ୍ତୁବାଦୀ ମାନସିକତାର ନଗ୍ନ ସଭ୍ୟତା ପ୍ରତି ଆକୃଷ୍ଟ ଯାହାଫଳରେ ଆମେ ଆମର ଉନ୍ନତ ଐତିହ୍ୟପୂର୍ଣ୍ଣ ସଂସ୍କୃତିସମ୍ପନ୍ନକୁ ସମ୍ପୂର୍ଣ୍ଣଭାବେ କୁଠାରାଘାତ କରିଛେ ଯାହାଫଳରେ ବାସ୍ତୁବାଦିକ ଶିକ୍ଷାର ବିରାଟ ଦ୍ରୁମ ଆଜି ତାହାର ଶାଖା ପ୍ରଶାଖା ପ୍ରସାରିତ କରି ତାହାର ବାସ୍ତୁବାଦିକତା ରୂପକୁ ଶିଥିଳ ଛାୟାରେ ବିମୋହିତ କରିଛି । ମାନବିକତା ଆଜି ସାତ ସପନରେ ପରିଣତ ହୋଇଛି । ବର୍ତ୍ତମାନ ବଜାରରେ ଉଦାରୀକରଣ ପ୍ରଭାବରେ ଜ୍ଞାନ ଏବଂ ଶିକ୍ଷାର ଉଦାରସ୍ୱରୂପ ଜ୍ଞାନ ଏକ ବସ୍ତୁର ରୂପ ଧାରଣ କରିଛି । ଯାହାର ବିନିମୟ ମୂଲ୍ୟ ନିର୍ଦ୍ଧିତ ଶୁଳ୍କ ମାଧ୍ୟମରେ ନିର୍ଦ୍ଧାରଣ କରାଯାଉଅଛି । ମା' ମାଟି, ମାତୃଭୂମିର ମୋହକୁ ଭୁଲିଯାଇ ଆମର ପିଲାମାନେ ଆଜି ବିଦେଶର ଚାକଚକ୍ୟ ମୋହରେ ବିମୋହିତ । ଯାହାଫଳରେ ଗ୍ରାମବହୁଳ ଐତିହ୍ୟ ସମ୍ପନ୍ନ ସଂସ୍କୃତିଭରା ମାତୃଭୂମି ସବୁ ପ୍ରଗତିଶୀଳ ଦେଶମାନଙ୍କ ପଛରେ । ମାଗିଆଣିବା ତୁଅଣ ସଡ଼କେ ବା ସବୁଥାଇ ଅନ୍ୟ ପାଖରେ ଆଜି ଆମକୁ ହାତ ପାତିବାକୁ ପଡୁଛି । ଆଜି ଆମର ଉନ୍ନତ ମସ୍ତିଷ୍କ ମାନଙ୍କର ସ୍ୱଦେଶ ପ୍ରତି ବିମୁଖତା ମୂଳରେ ରହିଛି ନୈତିକ ଓ ଆଧ୍ୟାତ୍ମିକ ମୂଲ୍ୟବୋଧ ଶିକ୍ଷାର ଅଭାବ । ଏହାର ମୂଳ କାରଣ ହେଉଛି ଶିକ୍ଷାର ବ୍ୟବସାୟୀକରଣ । ଶିକ୍ଷା ଆଜି ବସ୍ତୁଭାବରେ ବଜାରରେ ବିକ୍ରି ହେଉଛି। ପ୍ରତିଦ୍ୱନ୍ଦ୍ୱିତାମୂଳକ, ନୀତିହୀନ, ବ୍ୟବସାୟିକ ବ୍ୟୟବହୁଳ ଘରୋଇ ଶିକ୍ଷାନୁଷ୍ଠାନ ଆଜି ଛତୁଫୁଟିଲା ପରି ସହର ଏବଂ ଗ୍ରାମର କୋଣ ଅନୁକୋଣରେ ସେମାନଙ୍କର ପସରା ମେଲେଇଛନ୍ତି । ଶିକ୍ଷାର ଘରୋଇକରଣ ଭଲ ହୋଇପାରେ କିନ୍ତୁ ଏହାର ବ୍ୟବସାୟୀକରଣ ନିଶ୍ଚିତ ଭାବରେ ଆଜି ସଂସ୍କୃତି ସମ୍ପର୍ଣ୍ଣ, ବୈଦିକ ଶିକ୍ଷା ଓ ସଂସ୍କୃତିର ପରିପନ୍ଥୀ । ଆମ ଶିକ୍ଷାର ମୂଳ ଉଦ୍ଦେଶ୍ୟ 'ସା ବିଦ୍ୟା ଯା ବିମୁକ୍ତୟେ' ଠାରୁ ବହୁତ ଦୂରରେ । ଆମର ପିଲାମାନେ ଆଜି ଘୋଷା ବଳଦ ପାଲଟି ପାଶ୍ଚାତ୍ୟ ଦେଶର ଶିକ୍ଷାରେ ବେଙ୍ଗଳା ପକେଇବାରେ ବ୍ୟସ୍ତ । ଘରୋଇ ଶିକ୍ଷା ଅନୁଷ୍ଠାନ ସଂଖ୍ୟାଧିକ ପିଲା କିପରି ଅଧିକ ନମ୍ବର ରଖିବେ, ସେଥିପାଇଁ ବିଭିନ୍ନ ପ୍ରକାର ଅସାଧୁ ପନ୍ଥା ଅବଲମ୍ବନ କରୁଛନ୍ତି । ଶିକ୍ଷାନୁଷ୍ଠାନ ମାନଙ୍କର ମାଲିକମାନେ ଆଜି ଶିକ୍ଷା ଆକାଶରେ ଜଣେ ଜଣେ ଉଜ୍ଜ୍ୱଳ ଜ୍ୟୋତିଷ୍କ ଭାବରେ ଉଭା ହୋଇଛନ୍ତି । ଶିକ୍ଷା କ୍ଷେତ୍ରରେ ବିଶିଷ୍ଟ ଶିକ୍ଷାବିଦ୍ ଭାବରେ ନିଜକୁ ପ୍ରତିବାଦିତ କରିବାରେ ବ୍ୟସ୍ତ । ସରକାରୀ ବ୍ୟବସ୍ଥା ମଧ୍ୟ ସେମାନଙ୍କୁ ଅଧିକ ପ୍ରୋତ୍ସାହନ ଦେବାରେ ବ୍ୟସ୍ତ । ପଇସା ଆଜି ସମସ୍ତଙ୍କୁ ମୋହଗ୍ରସ୍ତ କରି ଦେଇଛି । 'ଆବେ ପରଶୁ, ଯାବେ ପରଶୁ, ବାବୁ ପରଶୁରାମ, ପଇସା କ୍ୟା ନ କରେ କାମ । ଏ ପ୍ରକାର ଭୂତ ଆଜି ପିଲାମାନଙ୍କର ଉର୍ବର ମସ୍ତିଷ୍କକୁ ଗ୍ରାସକରିଗଲାଣି । ଯେଉଁ ସମୟରେ ପିଲାମାନେ ନିଜର ଉତ୍କର୍ଷତା ଓ ଦକ୍ଷତା ଓ ସୃଜନ ଶକ୍ତିର କ୍ଷମତାକୁ ଆଗେଇ ନେବାର କଥା, ସେହି ସମୟରେ ଆମର ପିଲାମାନେ ବିରାଟ ବିରାଟ ଶିକ୍ଷାନୁଷ୍ଠାନରେ ବସି ନିଜର ମେଧାଶକ୍ତି ଓ ଉତ୍କର୍ଷତାକୁ ହରେଇବାରେ କେବଳ ମୋଟା ଅଙ୍କର ପଇସା ଦେଇ ସାର୍ଟିଫିକେଟ୍ କିଣିବାରେ ।

ଯେଉଁ ଶିକ୍ଷା ମଣିଷ ମନରେ ଆତ୍ମସନ୍ତୋଷ ଓ ସ୍ୱାବଲମ୍ବୀ ହେବାର ମାର୍ଗ ଦେଖାଇପାରୁନି, ଭଲ ନେତୃତ୍ୱ ଦେବାରେ ବିଫଳ, ମାନବଧର୍ମୀ ଓ ଆବେଗତାବିହୀନ, ଆତ୍ମଶୃଙ୍ଖଳା ଜ୍ଞାନ ଦେବାରେ ବିଫଳ, ସେ ଶିକ୍ଷା ପ୍ରକୃତରେ ଅଶିକ୍ଷା ବା ଅନ୍ତଃସାରଶୂନ୍ୟ । ଶିକ୍ଷା ସବୁବେଳେ ମାନବଧର୍ମୀ ହେବା ଉଚିତ ଓ ବିକାଶଧାରା, ପ୍ରୟୋଗାତ୍ମକ, ନିର୍ଭୀକ, ଉଚ୍ଚମନା, ସାହସୀ, ସତ୍ୟବାନ, ସହନଶୀଳତା, ଧୈର୍ଯ୍ୟ, କର୍ମକୁଶଳତା, ସମୟାନୁବର୍ତ୍ତିତା, ଚରିତ୍ରବାନ, ସତ୍ୟନିଷ୍ଠ ଆଦି ଗୁଣର ଜାଗୃତିକରଣର ମାଧମ ହେବା ଦରକାର । ଏହା ଉପର ଲିଖିତ ଗୁଣମାନଙ୍କର ଜାଗତିକରଣ ପରିବର୍ତ୍ତେ କେବଳ ଯନ୍ତ୍ର-ମାନବ ସୃଷ୍ଟି କରୁଛି ଯାହା ସଂକୀର୍ଣ୍ଣତା, ଚରିତ୍ରହୀନତା, ଧନମାଦକତା, ଅସାମାଜିକତା ଆଦି ଗୁଣମାନଙ୍କୁ ପରିପୁଷ୍ଟ କରିବାରେ ବ୍ୟସ୍ତ ।

୨୦୨୩ରେ ବିୟାଣ୍ଡସ୍ ବେସିକ୍ସ ଦ୍ୱାରା ସର୍ବେକ୍ଷଣ ତଥ୍ୟ ଅନୁସାରେ ସିଭିଲ ସୋସାଇଟି ସଙ୍ଗଠନ ଦ୍ୱାରା ୧୪ରୁ ୧୮ବର୍ଷୀୟ ଗ୍ରାମୀଣ ପିଲାମାନଙ୍କୁ ନେଇ କରାଯାଇଥିବା ରିପୋର୍ଟରୁ ତଥ୍ୟ ମିଳିଲା ଯେ ଏମାନଙ୍କ ମଧ୍ୟରୁ ଅଧାରୁ ଅଧିକ ପିଲା ଗଣିତରେ ବହୁତ ଦୁର୍ବଳ। ୨୬ ରାଜ୍ୟରୁ ୨୮ ଜିଲ୍ଲାରେ କରାଯାଇଥିବା ସର୍ବେକ୍ଷଣରେ ମୋଟ୍ ୩୪,୭୪୫ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମୂଳରୁ ଅଙ୍କ ଗଣିତୀୟ କ୍ଷମତାର ଆକଳନ କରାଗଲା । ଏହି ଆକଳନ ଅନୁସାରେ ଅନ୍ୟାନ୍ୟ ନିଷ୍କର୍ଷ ମଧ ସାମ୍ନାକୁ ଆସିଲା । ଏହି ଆୟବର୍ଗ ମଧ୍ୟରୁ ୨୫ ପ୍ରତିଶତରୁ ଅଧିକ ପିଲାମାନେ ଦ୍ୱିତୀୟ ଶ୍ରେଣୀର ନିଜ ମାତୃଭାଷାକୁ ମଧ ପଢ଼ିପାରୁ ନାହାଁ । ୧୪ ରୁ ୧୮ ବର୍ଷର ଆୟୁ ବର୍ଗରୁ ମଧ ୮୬.୮ ପ୍ରତିଶତ ଛାତ୍ରଛାତ୍ରୀ କୋଉଠି ନା କୋଉଠି ଶିକ୍ଷାନୁଷ୍ଠାନରେ ନାମାଙ୍କିତ । କିନ୍ତୁ ଏମାନେ ବଡ଼ ହେବାପରେ ଏମାନଙ୍କର ଅପାରଗତା ଓ ଦୁର୍ବଳତା ଧୀରେଧୀରେ ପଦାକୁ ଆସୁଛି । ୧୪ବର୍ଷର ୩୯ ପ୍ରତିଶତ ଛାତ୍ରଛାତ୍ରୀ କୌଣସି ସ୍ଥାନରେ ନାମାଙ୍କିତ ନୁହନ୍ତି। କିନ୍ତୁ ୧୮ ବର୍ଷୀୟ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଏହା ୨୫.୬ ପ୍ରତିଶତ। ୨୦୨୨ ତଥ୍ୟାନୁସାରେ ଶିକ୍ଷା କ୍ଷେତ୍ରରେ ବିଶ୍ୱରେ ଭାରତ ୫୩ତମ ସ୍ଥାନରେ ଅଛି । ତେଣୁ ଏଥିରୁ ଅନୁମେୟ ଯେ ଆମ ଦେଶର ଶିକ୍ଷା ବିକାଶଧାରାର ଗତି, ନୀତି ଓ ସ୍ଥିତି କେତେ ସୁଦୃଢ଼ । କଥାରେ ଅଛି ଶ୍ରଦ୍ଧାବାନ୍ ଲଭତେ ଜ୍ଞାନଂ- ଶ୍ରଦ୍ଧାରେ ଆମେ କାମ କଲେ, ସିଦ୍ଧି ନିଶ୍ଚିତ । ତେଣୁ ଶ୍ରଦ୍ଧାର ସହିତ ଜ୍ଞାନ ଅର୍ଜନ କଲେ ଏବଂ ଶ୍ରଦ୍ଧାର ସହିତ ଜ୍ଞାନ ଆହରଣ କଲେ, ତାହା ଜ୍ଞାନର ପ୍ରାଚୁର୍ଯ୍ୟ ଏବଂ ଜ୍ଞାନର ମହତାକୁ ପ୍ରତିପାଦିତ କରିଥାଏ । ତେଣୁ ଆମ ସରକାର ଶ୍ରଦ୍ଧାର ସହିତ ଶିକ୍ଷାର ପ୍ରଚାର ଓ ପ୍ରସାର କରିବା ଉଚିତ୍। ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ପର୍ଯ୍ୟନ୍ତ ମାତୃଭାଷାର ପ୍ରଚଳନ ଏବଂ ଯେ ପର୍ଯ୍ୟନ୍ତ ଏହି ପ୍ରାଥମିକ ଓ ମାଧମିକ ଶିକ୍ଷା ଠିକ୍ ଭାବରେ ଛାତ୍ରଛାତ୍ରୀଙ୍କୁ ଦିଗ୍‌ଦର୍ଶନ ନ ଦେଇଛି, ସେ ପର୍ଯ୍ୟ' ଶିକ୍ଷା ଦୁର୍ବଳ ଓ ରୁଗ୍ଣ ହୋଇ ରହିବା ନିଶ୍ଚିତ । ଆଜିର ଉଚ୍ଚଶିକ୍ଷା ଜ୍ଞାନବର୍ଦ୍ଧକ ପ୍ରକ୍ରିୟା ପରିବର୍ତ୍ତେ, ବ୍ୟକ୍ତିକୈନ୍ଦ୍ରିକ ହୋଇପଡ଼ିଛି । ଶିକ୍ଷାରେ ଦିଗହରା ବାରିଣି ସ୍ରୋତର ପରିବର୍ତ୍ତନ ହିଁ ମାନବିକ ମୂଲ୍ୟବୋଧର ବାଧକ ସାଜିଛି । ଯେ ପର୍ଯ୍ୟନ୍ତ ପ୍ରଚଳିତ ଶିକ୍ଷାକୁ ବ୍ୟବସ୍ଥା ସୁସଂଗଠିତ, ସୁସଂହତ ସୁମାର୍ଜିତ, ସର୍ବଜନବିଦିତ, ସମବ୍ୟବସ୍ଥିତ ଲକ୍ଷ୍ୟକୁ ହାସଲ ନ କରିପାରିଛି, ସେ ପର୍ଯ୍ୟନ୍ତ ଶିକ୍ଷା ଜ୍ଞାନାର୍ଜନ ପରିବର୍ତ୍ତେ କେବଳ ସାର୍ଟିଫିକେଟ ହାସଲ କରିବାର ପରିଧିରେ ହିଁ ସୀମିତ ରହିବ । ସେଥିପାଇଁ ସରକାରଙ୍କ ସହିତ ସମାଜରେ ପ୍ରତ୍ୟେକ ବ୍ୟକ୍ତିଙ୍କର ଯୋଗଦାନ ନିତାନ୍ତ ଆବଶ୍ୟକ । ସେଥିପାଇଁ ଶିକ୍ଷକ ସମାଜ ମଧ୍ୟ ସେମାନଙ୍କର ମନୋଭାବ, କର୍ତ୍ତବ୍ୟବୋଧ, ମାନସିକତା, ସମୟାନୁବର୍ତ୍ତିତା, ଜ୍ଞାନ ଅର୍ଜନ ଓ ଜ୍ଞାନ ଅର୍ପଣର ସମଭାବତା ନିତାନ୍ତ ଜରୁରୀ ଏବଂ ବର୍ତ୍ତମାନର ଆବଶ୍ୟକତା । ତେବେ ଯାଇଁ ସର୍ବେ ଭବନ୍ତୁ ସୁଖିନଃ, ସର୍ବେସନ୍ତୁ ନିରାମୟର ଧାରା ପୃଥିବୀପୃଷ୍ଠକୁ ଜାଜ୍ଜ୍ୱଲ୍ୟମାନ କରିବ ।

❤ ଜଗନ୍ନାଥ ନଗର, ରୋଡ଼ ନଂ-୬, ଭୁବନେଶ୍ୱର
(ମୋ) : ୯୪୩୭୦୪୧୩୦୦

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୩ ଫେବୃଆରୀ ୨୦୨୫

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



# ପ୍ରୀତିମୟ ରୀତିଯୁଗର ବିଦଗ୍ଧ କବି : ଅଭିମନ୍ୟୁ ସାମନ୍ତ ସିଂହାର



ଉତ୍କଳୀୟ ସାହିତ୍ୟର ଶତାବ୍ଦୀ ପୃଷ୍ଠାରେ ରୀତିଯୁଗ ହିଁ ଥିଲା ସ୍ୱର୍ଣ୍ଣିମ ଯୁଗ । ଏହି ଯୁଗୀୟ କାବ୍ୟମାନଙ୍କରେ ବହୁଳ ଅଳଙ୍କାର ପ୍ରୟୋଗ, ଅଦ୍ଭୁତ ଶବ୍ଦ ସଂଯୋଜନା ଏଂବ ଅଭିନବ ସାଙ୍ଗୀତିକତା



ଡ. ଶରତ ଚନ୍ଦ୍ର ମିଶ୍ର

ପ୍ରଭୃତି ଥିଲା ବହୁଧା ପରଦୃଷ୍ଟ । ତେବେ ଏ ସମୟର ଯୁଗଜୟୀ ସ୍ରଟାମାନଙ୍କ ମଧ୍ୟରେ କବୀ ସମ୍ରାଟ ଉପେନ୍ଦ୍ର ଭଂଜ, କବିସୂର୍ଯ୍ୟ ବଳଦେବ ରଥ, ଭକ୍ତକବି ମଧୁସୂଦନ ରାଓ, ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର ପ୍ରମୁଖ ଥିଲେ । ସେମାନେ ଥିଲେ ରୀତି ଧର୍ମ କାବ୍ୟ କବିତାର ଚିରନ୍ତନ ତଥା ଚିରସବୁଜ ସ୍ରଷ୍ଟା । ରସ ଓ ରସିକତାର ପରିଚର୍ଯ୍ୟା ହିଁ ଥିଲା ଏହି କାବ୍ୟକାର ମାନଙ୍କର କାବ୍ୟିକ ବିଳାସ ଭାବର ଭିନ୍ନତମ ପରମ୍ପରା । ପୁଣି ଚଉପଦୀ, ଚଉତିଶା, ଚମ୍ପୁ, ଭଜନ, ଜଣାଣ ଓ ବୋଲି ପ୍ରଭୃତି ମାଧ୍ୟମରେ ପ୍ରାଚୀନ ଗୀତି କବିତାର ଅତିନ୍ୱେଷ ଘଟିଥିଲା ଏହି ଋତୁପର୍ଣ୍ଣା ରୀତିଯୁଗରେ ।

ସେହି ରୀତି ସାହିତ୍ୟାକାଶରେ ଜଣେ ଉଜ୍ଜ୍ୱଳ ନକ୍ଷତ୍ର ହେଉଛନ୍ତି ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର ମହାପାତ୍ର । ସେ ଥିଲେ ଅସାମାନ୍ୟ କବିତ୍ୱର ଅଧିକାରୀ । ରୀତିଯୁଗର ଏହି ଯୋଗଜନ୍ମା କାବ୍ୟ ପୁରୁଷ ଜନ୍ମଲଭ କରିଥିଲେ ଅଧୁନା ଯାଜପୁର ଜିଲ୍ଲା ଅନ୍ତର୍ଗତ ବରି ବ୍ଲକର 'ଗୋଳକୁଣ୍ଡ' ଅଞ୍ଚଳର 'ବାଲିଆ' ନାମକ ଅଖ୍ୟାତ ପଲ୍ଲୀରେ । ମାତ୍ର ସେମାନଙ୍କର ଆଦ୍ୟ ଜନ୍ମସ୍ଥାନ ଜୟପୁର ଅନ୍ତର୍ଗତ 'ଭାବଙ୍ଗର' । ଏମାନେ ଖୋର୍ଦ୍ଧା ଭୋଇବଂଶୀୟ ରାଜାଙ୍କ ଠାରୁ 'ବାଲିଆ'କୁ ଜମିଦାରୀ ପ୍ରାପ୍ତ ହୋଇଥିଲେ । 'ସାମନ୍ତସିଂହାର' ହେଉଛି ତାଙ୍କ ବଂଶର ରାଜାଦତ୍ତ ଉପାଧି । ପିତା ଇନ୍ଦ୍ରଜିତ ସାମନ୍ତ ଥିଲେ ସେ ଅଂଚଳର 'ସାମନ୍ତ ରାଜା' ।ପତ୍ନୀ ତୁଳସୀ ଦେବୀ ଥିଲେ ଉଦୟପୁର ଜମିଦାର ବିଖ୍ୟାତ ବଛନାୟକ ବଂଶର କନ୍ୟା । ପିତା ଇନ୍ଦ୍ରଜିତ ଓ ମାତା ତୁଳସୀଙ୍କର ଦୀର୍ଘ ପ୍ରତୀକ୍ଷା ଓ ତପସ୍ୟା ଫଳରେ ଜନନୀଙ୍କ ଅଙ୍କରେ ଜନ୍ମିଥିଲେ କୁଳନନ୍ଦନ ଅଭିମନ୍ୟୁ । ସେଦିନ ଥିଲା ୧୭୫୭ ମସିହା ଫେବୃଆରୀ ମସ ୨୩ ତାରିଖ ରବିବାର । ଯୋଗକୁ ସେ ଦିନଟି ଥିଲାପବିତ୍ର 'ମାଘ ସପ୍ତମୀ' ।

ବୈଷ୍ଣବ କବି ତଥା ଶିକ୍ଷକ ସାଧୁଚରଣ ଦାସ (ସଦାନନ୍ଦ କବି ସୂର୍ଯ୍ୟ ବ୍ରହ୍ମା) ଥିଲେ ଅଭିମନ୍ୟୁଙ୍କର ବାଲ୍ୟଗୁରୁ । ତାଙ୍କର ତତ୍ତ୍ୱାବଧାନରେ ତଥା ମାର୍ଗ ଦର୍ଶନରେ ସେ କାବ୍ୟ, କବିତା, ଅଳଙ୍କାର, ବ୍ୟାକରଣ, ଅମରକୋଷ, ଜ୍ୟୋତିଷଶାସ୍ତ୍ର, ସଂସ୍କୃତ ଶାସ୍ତ୍ରଗ୍ରନ୍ଥ, ଭାଗବତ, ପଦ୍ମପୁରାଣ, ବ୍ରହ୍ମ ବୈବର୍ତ୍ତ ପୁରାଣ ସହ ଅନେକ ପୁରାଣ ବି ଅଧ୍ୟୟନ କରିଥିଲେ । ଫଳରେ ପୁରାଣର ଅନେକ ଚରିତ୍ର ସହ ଅବଗତ ହୋଇଥିଲେ । ଶିକ୍ଷକ ସାଧୁଚରଣ ଜଣେ ବହୁଚର୍ଚ୍ଚିତ ବେଦ, ଉପନିଷଦ ଆଦି ଗ୍ରନ୍ଥ ସମ୍ବନ୍ଧରେ ଶ୍ରବଣ କରି ଅନେକ ଉପାଦେୟ କଥା ଜାଣିବାରେ ସକ୍ଷମ ହୋଇଥିଲେ । ଜମିଦାରୀ ପରିବାରର ଅହଙ୍କାରୀ ବାତାବରଣ ଠାରୁ ନିଜକୁ ଦୂରେଇ ରଖି ସର୍ବଦା ନିମଜ୍ଜି ରହୁଥିଲେ ରାଧା-ଗୋବିନ୍ଦଙ୍କ ଅର୍ଚ୍ଚନା ଓ ଆରାଧନାରେ ।

ଜୀବନର ପୂର୍ବାହ୍ନରେ ମାତ୍ର ଚଉଦ ବର୍ଷ ବୟସରେ ବିବାହ କରିଥିଲେ କେନ୍ଦ୍ରାପଡାର ଜମିଦାର ସଦାଶିବ ଜେନାଙ୍କ ଭଗ୍ନୀ ବିମଳାଙ୍କୁ । ବିମଳା ଏବଂ ଅଭିମନ୍ୟୁଙ୍କର ବୈବାହିକ ଜୀବନ ଥିଲା ବେଶ୍ ସୁଖମୟ । ପତ୍ନୀ ବିମଳା ଥିଲେ ପତିଗତାପ୍ରାଣା ଓ ସ୍ୱାଧ୍ୱୀ । ତାଙ୍କର ପତିପ୍ରାଣ ହୃଦୟକୁ ପରୀକ୍ଷା ଦେବାକୁ ଯାଇ ପତି ହୋଇଥିଲେ ପରାସ୍ତ ଓ ଆଜୀବନ ମର୍ମାହତ; ମାତ୍ର ପତ୍ନୀ ବିମଳା ନିଜର ପତିଭକ୍ତାର ପ୍ରାମାଣିକ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିଲେ । ହେଲେ ଘଟଣାଟି ଥିଲା ଅପ୍ରତ୍ୟାଶିତ ଓ କୌତୁହଳପୂର୍ଣ୍ଣ । ମାତ୍ର ପରିଣତି ଥିଲା ଅତି ଚରମ, ନିଷ୍ଠୁର, ହୃଦୟ ବିଦାରକ ତଥା ଅସହ୍ୟ । ଏକଦା ଅଭିମନ୍ୟୁ ଜଙ୍ଗଲରେ ଥାଆନ୍ତି ନାପିତ 'ହରିଆ' ସହ । ପତ୍ନୀ ବିମଳାଙ୍କର ପତିପ୍ରାଣ ହୃଦୟକୁ ପରୀକ୍ଷା କରିବାକୁ ଯାଇ ତା' ହାତରେ ନିଜର ମୁଦ୍ରିକା ଓ କଟାରି ଦେଇ କହିଲେ ଯାଇ ସାଆନ୍ତାଣୀଙ୍କୁ କାନ୍ଦି କାନ୍ଦି କହିବୁ- 'ସାଆନ୍ତଙ୍କୁ ଜଙ୍ଗଲରେ ବାଘ ମାରିଦେଲା ।' ସ୍ୱାମୀଙ୍କର ଘରକୁ ଫେରିବାର ବିଳମ୍ବ ହେବାରୁ ପତ୍ନୀ ଘରର ଚାଳ ବତାକୁ ଧରି ସାଆନ୍ତଙ୍କ ବାଟକୁ ଚାହିଁ ରହିଥାନ୍ତି । ହଠାତ୍ ହରିଆ ବାରିକ ଆସି ସାଆନ୍ତଙ୍କ ନିର୍ଦ୍ଦେଶମତେ କାନ୍ଦି ଅଭିନୟ କରି ସାଆନ୍ତାଣୀଙ୍କୁ ମୁଦି ଓ କଟାରୀ ଦେଖାଇ ସାଆନ୍ତଙ୍କୁ ବାଘ ମାରିଦେବା କଥା କହିଲା । ବିମଳା ଘଟଣା ସମ୍ବନ୍ଧରେ ବାରମ୍ବାର ପ୍ରଶ୍ନ କଲେ ବି ବାରିକ କାନ୍ଦି କାନ୍ଦି ନିରୁତ୍ତର ରହିଲା । ପବିତ୍ରା ନାରୀ ସେ । ପତିଙ୍କ ମୃତ୍ୟୁ ଖବର ଶୁଣି ସେହିଠାରେ ଟଳି ପଡ଼ିଲେ ।

ଥଟ୍ଟା ଯୋଗୁଁ ଯୌବନରେ ଅଭିମନ୍ୟୁ ହେଲେ ପତ୍ନୀହରା, ଏହି ଘଟଣା ତାଙ୍କ ଜୀବନକୁ ଯନ୍ତ୍ରଣାରେ ଜର୍ଜରିତ କରିଦେଲା । ସେ ସାଂସାରିକ ଭୋଗବିଳାସରୁ ନିଜକୁ ଦୂରେଇ ରଖି 'ରାଧା-ମୋହନ'ଙ୍କଠାରେ ସନ୍ୟାସୀ ଜୀବନ ବିତାଇଲେ । ମାତ୍ର ହୃଦୟ କନ୍ଦରରେ ସର୍ବଦା ଅନୁରଣିତ ହେଉଥିଲା ବ୍ୟଥା, ବେଦନା, ବିରସ ଓ ପତ୍ନୀ ବିମଳାଙ୍କର ବିଚ୍ଛେଦ ଯନ୍ତ୍ରଣା । କୃତକର୍ମର ଫଳ ସ୍ୱରୂପ ସେହି ଦଗ୍ଧୀଭୂତ ପ୍ରାଣରୁ ଝରିପଡ଼ିଥିଲା ଅନେକ ସାରସ୍ୱତ ସୃଷ୍ଟି ସହ ଅନ୍ତିମ ବିଧୂରିତ ପ୍ରେମଫର୍ଦ୍ଦ 'ବିଦଗ୍ଧ ଚିନ୍ତାମଣି' । ଏହା ରାଧା-କୃଷ୍ଣଙ୍କର ଲୀଳାମୃତର ରସାଣିତ ମଣିସମ । କବିଙ୍କର ଶ୍ରେଷ୍ଠ ସୃଷ୍ଟି 'ବିଦଗ୍ଧ ଚିନ୍ତାମଣି'କୁ ଭାବାତ୍ମକ ଦୃଷ୍ଟିରୁ ଦେଖିଲେ ଜଣାଯାଏ ତାଙ୍କର ଭାବ ଜଗତ ଥିଲା ପ୍ରେମମୟ, ପନ୍ଥାଥିଲା ପ୍ରେମ ମାର୍ଗ ଓ ପିପାସା ଥିଲା ପ୍ରେମରସ । କାବ୍ୟଟି ଥିଲା ପ୍ରେମ ସର୍ବସ୍ୱ । ତାଙ୍କର ମନ ଥିଲା ପ୍ରେମ ଜଡ଼ିତ, ପ୍ରାଣଥିଲା ପ୍ରେମାଭିଭୂତ, ଧର୍ମର ଥିଲା ପ୍ରେମ ପ୍ରବର୍ତ୍ତନ ଓ ଆକାଂକ୍ଷାରେ ଥିଲା ପ୍ରେମର ଆସ୍ୱାଦନ । ହେଲେ କବି ନଥିଲେ ଜଣେ ଉଦ୍‌ଭ୍ରାନ୍ତ ପ୍ରେମ ପାଗଳ, ସେଥିରେ ବୈଷ୍ଣବୀୟ ପ୍ରେମ-ଧର୍ମର ଜଣେ ନିଗୂଢ଼ ତତ୍ତ୍ୱଦର୍ଶୀ ଦାର୍ଶନିକ । ପ୍ରେମ ମାର୍ଗରେ ସେ ପୋଡ଼ି ଯାଇଛି ଅନେକ ମାର୍ଗଦର୍ଶୀସ୍ତମ୍ଭ ।

ମାତ୍ର ନ'ବର୍ଷ ବୟସରେ ସେ ସୃଷ୍ଟି କରିଥିଲେ 'ବାଘଗୀତ' 'ଚଢ଼େଇଗୀତ' ଓ ଅତି ପରିଚିତ 'ମୋର ହୁଁ ଗୋ' ରୀତି ଯୁଗରେ ଶିଶୁ ସାହିତ୍ୟ ରଚନା ଅଭିମୁନ୍ୟୁଙ୍କର ଏକ କାଳଜୟୀ ପ୍ରଚେଷ୍ଟା ନିଶ୍ଚୟ । ତାଙ୍କର ଶିଶୁଗୀତ ଗୁଡ଼ିକ ବେଶ୍, ସରଳ, ତରଳ ଓ ସାବଳୀଳ । ପୁଣି ପଲ୍ଲୀ ବର୍ଣ୍ଣନା ସହ, ବିଭୁପ୍ରେମ ଓ ଶବ୍ଦ ସଂଯୋଜନା ବି ବେଶ୍ ସହୃଦୟସ୍ପର୍ଶୀ।

ଓଡ଼ିଆ ଭାଷାର କାବ୍ୟ ସମ୍ଭାରରେ ଅଭିମନ୍ୟୁଙ୍କର ଅନ୍ୟ କେତୋଟି ସୃଷ୍ଟି ବେଶ ପ୍ରଣିଧନ ଯୋଗ୍ୟ। ଯେମିତି କି କାବ୍ୟ 'ରସବତୀ' । ଯାହାକି ମାନବ ରାଜା ଓ ରସବତୀ'ର ପ୍ରେମ କାହାଣୀ ।

ପରିଶେଷରେ କବିଙ୍କର ସମ୍ପର୍କରେ ଏତିକି କୁହାଯାଇ ପାରେ କବିଙ୍କର ପରମ ଆରାଧ୍ୟ ଇଷ୍ଟଦେବ 'ରାଧାମୋହନ'ଙ୍କ ଜନ୍ମ ମଥୁରାରେ । ଲୀଳା ଗୋପ ଓ ବୃନ୍ଦାବନରେ ଏବଂ ରାଜତ୍ୱ ଓ ଦେହାବିସନ ଦ୍ୱାରାବତୀରେ। ଅନୁରୂପ ଭାବେ କବିଙ୍କ ଜନ୍ମ 'ବାଲିଆ'ରେ ଓ ଦେହାବସାନ ହରିପୁର ନାମକ ସୁଦୃଶ୍ୟ ପଲ୍ଲୀରେ, କବିଙ୍କର ଧରାବତରଣ 'ମାଘ ସପ୍ତମୀ'ରେ ଓ ସ୍ୱର୍ଗାରୋହଣ 'ଜ୍ୟେଷ୍ଠର ଶୁଦ୍ଧପୂତ ସପ୍ତମୀ' ତିଥିରେ, ସେଦିନ ଥିଲା ୧୮୦୬ ମସିହାର ଜୁନ୍ ମାସ ଆଠତାରିଖ, ରବିବାର । ତାଙ୍କ ଅବର୍ତ୍ତମାନରେ ନିଷ୍ପ୍ରଭ ହୋଇ ପଡ଼ିଛି 'ରୀତି ସାହିତ୍ୟ'ର ଯୁଗ । ତଥାପି ତାଙ୍କ ଜୀବନର ଅନେକ ଚମଳପ୍ରଦ ଓ ଅମ୍ଳାନ ସୃଷ୍ଟି ତାଙ୍କୁ ଆଜିବି ଅମର କରି ରଖିଛି ଓ ରଖିବ କାଳ କାଳକୁ । ତାଙ୍କର ଜନ୍ମଦିନରେ ତାଙ୍କ ପ୍ରତି ଆମର କୋଟି କୋଟି ପ୍ରଣାମ ଓ ବିନମ୍ର ଶ୍ରଦ୍ଧାଞ୍ଜଳି ।

❤ ବସନ୍ତ ବିହାର, ଶୋଭାରାମପୁର, ବାଲେଶ୍ୱର-୭୫୬୦୦୧
ମୋ: ୮୮୯୫୯୮୮୮୮୪

# ସୁରେନ୍ଦ୍ର ମହାନ୍ତି : କୃଷ୍ଣଚୂଡ଼ାର କଥାକାର

ବାଦଲ ଭୂୟାଁ





ଏବେ ସୁରେନ୍ଦ୍ର ମହାନ୍ତି ଶତାବ୍ଦୀ ପୁରୁଷ । ତାଙ୍କର ସ୍ମୃତି ଶତାବ୍ଦୀର ସ୍ମୃତି । ବିଂଶ ଶତାବ୍ଦୀର ତୃତୀୟ ଦଶକର ଆରମ୍ଭରେ ଉଦୟ ହୋଇ, ଶେଷ ଦଶକରେ ଅସ୍ତ ହୋଇଥିଲେ ସେ । କିନ୍ତୁ ତାଙ୍କ ସାହିତ୍ୟର ସହସ୍ରାଂଶୁ ଗତ ଶତାବ୍ଦୀକୁ ବି ଯେଉଁପରି ଦୀପ୍ତିମାନ କରି ରଖିଥିଲା, ଚଳିତ ଶତାବ୍ଦୀକୁ ବି ସେହିପରି ଦୀପ୍ତିମାନ କରି ରଖିଛି । ସେ ପ୍ରଚଣ୍ଡ ମାର୍ତ୍ତଣ୍ଡଙ୍କର ଅସ୍ତ ନାହିଁ । ସୁରେନ୍ଦ୍ର ମହାନ୍ତି ମଧ ଆମ ସାହିତ୍ୟର ନାଗାଧିରାଜ ହିମାଳୟ ।

ଯାତ୍ରୀ ହିଁ ତାଙ୍କର ଜୀବନ। ପଥ ହିଁ ତାଙ୍କର ପୃଥିବୀ। ଗତି ହିଁ ତାଙ୍କର ଲକ୍ଷ୍ୟ। କେଉଁଠି ସୁନା ପଞ୍ଜୁରି ଭିତରେ ଶୁଆ ହୋଇ ରହିବାର, କେଉଁ ଗୋଲାପ ବଣରେ ବୁଲବୁଲ ହୋଇ ଅଟକିଯିବାର ଅଭିଳାଷ ତାଙ୍କ ଯାତ୍ରାପଥରେ ପୂର୍ଣ୍ଣଚ୍ଛେଦ ଟାଣିପାରି ନାହିଁ। ଅନ୍ୱେଷା ହିଁ ତାଙ୍କର ଅଭୀପସା, ସନ୍ଧାନ ହିଁ ତାଙ୍କ ସ୍ୱଧର୍ମ। ସେ ଉଡନ୍ତା ଚଢ଼େଇ.. ପାନ୍ଥ ପ୍ରଜାପତି...ମୁକ୍ତ କପୋତ। ସାହିତ୍ୟରେ ଗୋଷ୍ଠୀହୀନ ବେସାଲିସୀ ମଣିଷ, ରାଜନୀତିରେ ଯାଯାବର ଘୂର୍ଣ୍ଣି। ତେଣୁ ତାଙ୍କର ମୂଲ୍ୟାୟନ ପାଇଁ ମନୁଷ୍ୟବତ୍ତା ଓ ହୃଦୟବତ୍ତାର ସମାଧିଶିଳା ଉପରେ ଭୁଲ ଆଉ ଠିକ୍ର ଫେଡ଼ାଣ- ମିଶାଣ ଲୋଡ଼ାପଡ଼େ ନାହିଁ, ସତ୍ୟ ଓ ଆଦର୍ଶ ହରଣ ଗୁଣନ ମଧ୍ୟରେ ତ୍ରୁଟି ଆଉ ବିଚ୍ୟୁତିର ଭାଗଫଳ ଖୋଜି ବସିବା ପ୍ରୟୋଜନ ହୁଏନାହିଁ। ଫ୍ରେମବନ୍ଧା ଫଟୋ, ରଙ୍ଗଛଡ଼ା ଆଲବମ୍ ଓ କିଛି କିଛି କାଗଜବିଡ଼ାର ସ୍ତୂପତଳୁ ତାଙ୍କର ପ୍ରକୃତ ପରିଚୟ ପାଇବା ପାଇଁ ଗଳଦଘର୍ମ ଚେଷ୍ଟା ଲୋଡ଼ା ହୁଏନାହିଁ।

ସିଦ୍ଧ, ସାଧନା ଓ ସ୍ୱୀକୃତିର ଊର୍ଦ୍ଧ୍ୱରେ ଏହି ସାରସ୍ୱତ ପ୍ରବାଦପୁରୁଷ ଅର୍ଦ୍ଧଶତାବ୍ଦୀ ବ୍ୟାପୀ ସାଧନାରେ ସମୃଦ୍ଧ କରି ଆସିଛନ୍ତି ଓଡ଼ିଆ ସାହିତ୍ୟକୁ ବହୁ ଉପନ୍ୟାସ, ଚରିତ ଉପନ୍ୟାସ ଓ ଗଳ୍ପ ସଂକଳନ ଜରିଆରେ। ଓଡ଼ିଶାରେ ଏପରି କ୍ୱଚିତ ସାକ୍ଷର ହୁଏତ ଥିବେ, ଯେଉଁମାନେ ସୁରେନ୍ଦ୍ର ମହାନ୍ତିଙ୍କର ସାହିତ୍ୟ ପଢ଼ି ନାହାନ୍ତି, ସୁରେନ୍ଦ୍ର ଶୈଳୀ ଓ ନାନୁକରଣୀୟ ଶବ୍ଦର ସାୟରୀରେ ମନ୍ତ୍ରମୁଗ୍ଧ ପାଲଟି ନାହାନ୍ତି। 'ନୀଳଶୈଳ', 'ନୀଳାଦ୍ରି ବିଜୟ', 'କୃଷ୍ଣାବେଣୀରେ ସନ୍ଧ୍ୟା', 'ମରାଳର ମୃତ୍ୟୁ', 'ଅନ୍ଧ ଦିଗନ୍ତ', 'କୁଳବୃଦ୍ଧ' ଓ ନିଜର ଜୀବନସ୍ମୃତି 'ପଥ ଓ ପୃଥିବୀ' ତାଙ୍କର ଦୀର୍ଘ ନିରଳସ ନିଷ୍ଠାପର ସାଧନାର କତିପୟ ଉଜ୍ଜ୍ୱଳ ଇସ୍ତାହାର। ଏଥିପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ, ଶାରଳା ପୁରସ୍କାର ସମିତି, ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ଆହୁରି ବହୁ ବହୁ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ପୁରସ୍କୃତ ଏବଂ ସମ୍ବର୍ଦ୍ଧିତ।

ଆଜି ହୁଏତ ଅନେକେ ବିଶ୍ୱାସ କରିବେ ନାହିଁ ଯେ ଓଡ଼ିଆ ସାହିତ୍ୟର ଏହି ମୁକୁଟବିହୀନ ସମ୍ରାଟଙ୍କୁ ଏକଦା ଜୀବିକା ନିର୍ବାହ ପାଇଁ ରାଜପଥର ଯାଯାବର ଜୀବନ କାଟିବାକୁ ପଡ଼ିଥିଲା। ୧୯୪୩ ମସିହା ଶେଷ ଆଡ଼କୁ ସୁରେନ୍ଦ୍ର ବାବୁ ଆପଣେଇ ନେଇଥିଲେ ଟ୍ରାଭେଲିଂ ଏଜେଣ୍ଟର ଜୀବିକା, ବୁଲି ବୁଲି ଲୁଧିଆନାର ଗୋଟିଏ ସିଲକ ଶାଢ଼ୀ କମ୍ପାନୀ ପାଇଁ ଅର୍ଡ଼ର ସଂଗ୍ରହ କାର୍ଯ୍ୟ, ଜୀବନସ୍ମୃତି ପଥ ଓ ପୃଥିବୀରେ ଏହି ସମ୍ପର୍କୀୟ ତାଙ୍କର ଅନୁଭୂତି ଯେତିକି କରୁଣ, ଦୁଃସ୍ଥିତି ଓ ଦୁର୍ଦ୍ଦିନ ଭିତରେ କାଳ କାଟୁଥିବା ତରୁଣ ପିଢ଼ିର ସାହିତ୍ୟକମାନଙ୍କ ପାଇଁ ସେତିକି ଉତ୍ସାହପ୍ରଦ। ତା ପରର ଜୀବନ ଜନତା ସଂପାଦକଙ୍କର ଜୀବନ।

ଏବେ ସୁରେନ୍ଦ୍ର ମହାନ୍ତି ଶତାବ୍ଦୀ ପୁରୁଷ। ତାଙ୍କର ସ୍ମୃତି ଶତାବ୍ଦୀର ସ୍ମୃତି। ବିଂଶ ଶତାବ୍ଦୀର ତୃତୀୟ ଦଶକର ଆରମ୍ଭରେ ଉଦୟ ହୋଇ, ଶେଷ ଦଶକରେ ଅସ୍ତ ହୋଇଥିଲେ ସେ। କିନ୍ତୁ ତାଙ୍କ ସାହିତ୍ୟର ସହସ୍ରାଂଶୁ ଗତ ଶତାବ୍ଦୀକୁ ବି ଯେଉଁପରି ଦୀପ୍ତିମାନ କରି ରଖିଥିଲା, ଚଳିତ ଶତାବ୍ଦୀକୁ ବି ସେହିପରି ଦୀପ୍ତିମାନ କରି ରଖିଛି। ସେ ପ୍ରଚଣ୍ଡ ମାର୍ତ୍ତଣ୍ଡଙ୍କର ଅସ୍ତ ନାହିଁ। ସୁରେନ୍ଦ୍ର ମହାନ୍ତି ମଧ ଆମ ସାହିତ୍ୟର ନାଗାଧିରାଜ ହିମାଳୟ। ତାଙ୍କ ସାହିତ୍ୟର ଅନେକ ଶୃଙ୍ଗ। ଯେତେ ଦିନ ଓଡ଼ିଆ ଭାଷା ସାହିତ୍ୟ ଥିବ, ସେତେ ଦିନ ସେ ଶୃଙ୍ଗସବୁ ଚିର ଉନ୍ନତ ଓ ଚିର ଅମ୍ଳାନ ହୋଇ ରହିଥିବ।

ଆକାଶ ଓ ସମୁଦ୍ରକୁ ନ ଦେଖିବା ଯାଏ ଯେପରି ବୁଝି ହୁଏନାହିଁ ବ୍ୟାପ୍ତି ଓ ଗଭୀରତାର ପରିଭାଷା, ସୁରେନ୍ଦ୍ର ମହାନ୍ତିଙ୍କୁ ନ ପଢ଼ିଲେ ସେହିପରି ଜାଣି ହୁଏନାହିଁ ଓଡ଼ିଆ ସାହିତ୍ୟର ପ୍ରାଚୁର୍ଯ୍ୟ ଓ ସୁରେନ୍ଦ୍ରଶୈଳୀର ନାନ୍ଦନିକତା। ସେ ନିଜେ ହିଁ ନିଜର ଷ୍ଟାଇଲ। ଉତ୍ତର ଷାଠିଏର ଶାରୀରିକ ଦୌର୍ବଲ୍ୟ ଭିତରେ ବି ଶେଷ ପର୍ଯ୍ୟନ୍ତ ତାଙ୍କର ଲେଖନୀ କର୍ମଚଞ୍ଚଳ ଥିଲା। ସାହିତ୍ୟ ପରି ସୁରେନ୍ଦ୍ର ମହାନ୍ତିଙ୍କ ବ୍ୟକ୍ତିଗତ ଜୀବନ ମଧ୍ୟ ପ୍ରଚୁର ଉତ୍ତେଜନାରେ ଭରପୂର, ଯେ କୌଣସି ସଫଳ ଫିଲ୍ମର କାହାଣୀ ପରି।

❤ ୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭-ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର
(ମୋ) : ୯୨୦୪୬୫୨୦୬୫

# ଆଜିକାଲିକାର ବୋହୂ, କହନି କହନି ଆଉ



କାଳିକିଙ୍କର



ମୃତ୍ୟୁପରେ ଆତ୍ମା ବଞ୍ଚିଥାଏ ବୋଲି କୁହାଯାଏ । କେବଳ ଦେହ ବା ପିଣ୍ଡ ଛାଡି ପ୍ରାଣ ଚାଲିଯାଏ । କେହି କେହି ବିଦ୍ୱାନ କହନ୍ତି ସେ ଆତ୍ମା ପୁଣି ରୂପ ନିଏ ମଣିଷ ଓ ପଶୁପକ୍ଷୀ ଆଦିଙ୍କ ରୂପରେ । କେହି କେହି ବିଦ୍ୱାନ ମଧ କହନ୍ତି ଯେ ପୃଥିବୀରେ ଅନେକ ଆତ୍ମା ଶରୀର ବା ପିଣ୍ଡ ଛାଡ଼ିଲାପରେ ମଧ ଏ ପୃଥିବୀରେ ରହନ୍ତି । ଭୁତ ପ୍ରେତ ଆଦିର ଆତ୍ମା ବା ଭୁତାତ୍ମା ଓ ପ୍ରେତାତ୍ମା କଥା ମଧ କୁହାଯାଏ । ମଣିଷ ମଲାପରେ ହିନ୍ଦୁ ଧର୍ମରେ ଯେଉଁ ଶ୍ରାଦ୍ଧ, ଜପ, ତପ ଆଦି ହୁଏ ସେଥିରେ ବ୍ରାହ୍ମଣ ମୃତ ମଣିଷକୁ ପ୍ରେତ ବୋଲି ସମ୍ବୋଧନ ମଧ କରିଥାନ୍ତି ।

ପ୍ରେତ ଲୋକର ଅନେକ କାହାଣୀ ମଧ ଶୁଣିବାକୁ ମିଳେ । ଏଠାରେ ସେମିତି ଦୁଇ ପ୍ରେତଙ୍କର କଥୋପକଥନ ସମ୍ବନ୍ଧରେ କିଛି ଜାଣିବା ।

ପ୍ରଥମ ପ୍ରେତ ଜଣକ ଜଣେ ମହିଳା ଅର୍ଥାତ ଜଣେ ଭୁତୁଣୀ । ସେ ତାଙ୍କ ଜୀବନରେ ସବୁବେଳେ ଭଲ ବୋହୂ ହେବାର ସମସ୍ତ ଚେଷ୍ଟା କରିଛନ୍ତି ଓ ସଫଳତା ମଧ ପାଇଛନ୍ତି । ତାଙ୍କ ସଂସାରର ସମସ୍ତ ଦୁଃଖ ଦୈନ୍ୟ ସବୁ ଦୂର ହୋଇ ଯାଇଥିଲା । ତାଙ୍କର ଶାଶୁ, ଶଶୁରଙ୍କର ସେ ଏମିତି ସେବାଯତ୍ନ ସେମାନଙ୍କ ମୃତ୍ୟୁ ପର୍ଯ୍ୟନ୍ତ କଲେ ଯେ ସେମାନେ ସୁଖରେ ଶାନ୍ତିରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

ତାଙ୍କର ମନେ ପଡି ଯାଉଛି କେମିତି ତାଙ୍କର ବାହାଘର ହେଲା ଓ ସେ ଶାଶୁଘରକୁ ବୋହୂ ହୋଇ ଆସିଲେ ।

ଷୋହଳ ବରଷ ନ ପୂରୁଣୁ ଘରକୁ ତାଙ୍କର ବାହାଘର ପ୍ରସ୍ତାବ ଆସିଲା । ଲୋକେ ତାଙ୍କୁ ଦେଖିବାକୁ ବାରମ୍ବାର ଆସିଲେ । ସେ ପ୍ରଥମେ ସେତେବେଳେ ଶାଢି ପିନ୍ଧିଲା । ମୁଣ୍ଡ ତଳକୁ ପୋତି ଧୀର ପାଦରେ ତାଙ୍କୁ ଦେଖିବାକୁ ଲୋକଙ୍କ ଆଗକୁ ଗଲା । ଆଣ୍ଠୁ ମୋଡ଼ି ସମସ୍ତଙ୍କ ଉଦ୍ଦେଶ୍ୟରେ ପ୍ରଣାମ ଜଣେଇଲା । ଦେଖିବାକୁ ଆସିଥିବା ଲୋକଙ୍କ ଭିତରୁ କିଏ ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତି ତାଙ୍କୁ ବସିବାକୁ କହିଲାରୁ ସେ ବସିଲା । ତାପରେ ଆଜିକାଲିର ଚାକିରୀ ପାଇଁ ଯେମିତି ସାକ୍ଷାତକାର ହୁଏ ଓ ଜଣେ ପରେ ଜଣେ ପ୍ରଶ୍ନ ପଚାରନ୍ତି ବ୍ୟକ୍ତି ଜଣଙ୍କୁ ସେମିତି ଆସିଥିବା ଭଦ୍ରବ୍ୟକ୍ତିମାନେ ଜଣେ ପରେ ଜଣେ ପ୍ରଶ୍ନ କଲେ ।

ସେ ସବୁ ପ୍ରଶ୍ନ ଥିଲା ଏମିତି- ତୁମ ନାଁ କଣ ମାଆ- କେତେ କ୍ଲାସଯାଏଁ ପାଠ ପଢିଛ- କେଉଁ କେଉଁ ରୋଷେଇ ଶିଖିଛ- ଧାନ ଉଷୁଆଁ, ମୁଢି ଭାଜିବା, ପିଠାପଣା ଆଦି ଜାଣିଛ ନା- କେଉଁ କେଉଁ ତରକାରୀରେ ହଳଦୀ ପଡେ ଓ ପଡେନା- କେଉଁ ଶାଗ କେମିତି ରନ୍ଧା ହୁଏ- କେଉଁ ତରକାରୀରେ ଶୋରିଷ ପଡେ ଓ ପଡେନା- ଏମିତି କେତେ ପ୍ରଶ୍ନ ।

ତାପରେ କାଗଜ କଲମ ଦିଆ ହୁଏ ନାଁ, ଗାଁ ଠିକଣା ସହ ସ୍ୱାମୀ ପାଖକୁ ଚିଠି ଲେଖିବାପାଇଁ । ଏଇ ଚିଠି ଲେଖା କାମ ମୋ ପାଇଁ ଅସୁବିଧା ଥିଲା । ସ୍ୱାମୀ କିଏ ମୁଁ ଜାଣି ନ ପାରି ମୋ ସାଙ୍ଗ ତୁଳଁ ପାଖକୁ ଚିଠି ଲେଖିଦେଲି । ସେ ଚିଠି ପଢି ଯେତେବେଳେ ନମ୍ବର ଦେବାକଥା ଆସିଲା ସେ ପରୀକ୍ଷକ ପଚାରିଲେ ତୁମେ ସ୍ୱାମୀଙ୍କୁ ଚିଠି ନ ଲେଖି ଏ ତୁଳଁ କିଏ ଯେ ତାକୁ ଚିଠି ଲେଖିଲ ? ମୁଁ ହଡ଼ବଡେଇ ଗଲି ଓ ପଚାରି ପକାଇଲି କଥାଟିଏ ଯାହାକୁ ଶୁଣି ସମସ୍ତେ ହସିଲେ । ମୋତେ କାନ୍ଦ ଲାଗିଲା ଓ ମୁଁ ଭେଁ ଭେଁ ହୋଇ ସେଇଠି ବସି କାନ୍ଦିଲି ।

ଜେଜେମାଆ ହସି ହସି ମୋତେ ଉଠେଇ ନେଇଯାଉଥିବା ବେଳେ ମୋ ପ୍ରଶ୍ନକୁ ନେଇ କହିଲେ- ମୋ ନାତୁଣୀ ସ୍ୱାମୀର ମାନେ ଜାଣେନାହିଁ ତେଣୁ ଯଦି ପଚାରିଦେଲା ସ୍ୱାମୀ କଣ, କେଉଁଠୁ ମିଳେ ତେବେ ଏଥିରେ ହସିବାର କଣ ଅଛି ଯେ ।

ଯାହାହେଉ, ବାହାଘର ହେଲା, ସେଇ ସାକ୍ଷାତକାର ପରେ । ମାଆ, ଜେଜେମାଆ, ଖୁଡି, ବଡ଼ମା ସବୁ ମୋତେ ଅନେକ ଦିନ ବୁଝେଇଲେ ଯେ ସ୍ୱାମୀ କଣ ବା କିଏ- ଶାଶୁ ଶଶୁର କଣ ବା କିଏ -ଶାଶୁଘର କଣ ବା କେମିତି -ଏମିତି ଅନେକ କଥା । ମୋତେ ରୀତିମତ କିଛିଦିନ ସବୁ ରୋଷେଇ କରିବା, ତରକାରୀ ରାନ୍ଧିବା, ପିଠାପଣା କରିବା, ଠାକୁର ପୂଜା କରିବା, ଶାଶୁ ଶଶୁର, ସ୍ୱାମୀଙ୍କୁ ପ୍ରତି ସଂଜ ସକାଳେ ପ୍ରଣାମ କରି ଆଶିର୍ବାଦ ନେବା, କୌଣସି କଥାରେ ଧୀରେ ଉତ୍ତର ଦେବା, ରାଗରେ କେହି କିଛି କହିଲେ ତାର ଉତ୍ତର ନ ଦେବା ଆଦି ଅନେକ କଥା ମୋତେ ଶାଶୁଘରକୁ ଯିବା ଆଗରୁ ବୁଝେଇ କୁହାଗଲା ।

ମାଆ ବାହାଘର ପୂର୍ବଦିନ ରାତିରେ ମୋ ବିଛଣା ପାଖକୁ ଆସି ମୋ ପାଖରେ ବସିଲେ । ମୁଁ ଉଠି ବସିଲି । ଦେଖିଲି ମାଆ କାନ୍ଦୁଛନ୍ତି । ମୋତେ କୋଳକୁ ଟାଣି ନେଇ କହିଲେ ମାଆରେ, କାଲି ତୋର ବାହାଘର । ତୁ ତୋର ସଂସାର ଗଢିବାକୁ ଯାଉଛୁ । ଶାଶୁଘର ତୋର କାଲିଠାରୁ ନିଜର ଘର ହୋଇଯିବ । ଆମେ ତୋର ପର ହୋଇଯିବୁ । ତେବେ ନିଜର ଘରକୁ ତୁ କେମିତି ସମସ୍ତଙ୍କୁ ସାଥିରେ ନେଇ ଚଳିବୁ ମୋର ସେଇ ଚିନ୍ତା । ଏଠି ତୁ ଯେତେ ଭୁଲ କଲେ ଆମେ ତୋତେ ନିମଷକରେ କ୍ଷମା କରି ଦେଉଥିଲୁ କିନ୍ତୁ ସେଠାରେ ଭୁଲ କଲେ ତୋର କ୍ଷମା ନାହିଁ । ସେଠାରେ ତୋତେ ଦଣ୍ଡ ମିଳିପାରେ ଏବଂ ତୁ ତାକୁ ନ ସହିଲେ ତୋର ଘର ଭାଙ୍ଗିଯିବ ।

ସେଠାରେ ତୋର ଯେଉଁ ଶାଶୁ ଶଶୁର ସେମାନେ କାଲିଠାରୁ ତୋର ନିଜର ବାପାମାଆଙ୍କଠାରୁ ଅଧିକ ନିଜର ବୋଲି ମନେ କରିବୁ । ତାଙ୍କ ସେବାଯତ୍ନରେ କେବେ କମ କରିବୁ ନାହିଁ । ଯିଏ ଯାହା କହିବେ ତାକୁ ଶୁଣିବୁ, ମୁହଁ ବନ୍ଦ ରଖିବୁ । କାହାମନରେ ଦୁଃଖ ଦେଲା ଭଳି କଥା କହିବୁନି । ସବୁ ସହିଯିବୁ । ସ୍ତ୍ରୀର ଅନ୍ୟନାମ ସର୍ବଂସହା । ସବୁ ସହିବୁ ଓ କାମ କରିଯିବୁ । ଆମସହ ବାରମ୍ବାର ସମ୍ପର୍କ ରଖି ପରାମର୍ଶ ଲୋଡିବୁ ନାହିଁ । ଯେତେ ସମସ୍ୟା ହେଉ ତୋର ଘର ଲୋକ ଅର୍ଥାତ ଶାଶୁ ଶଶୁର ସ୍ୱାମୀ ଆଦିଙ୍କ ପରାମର୍ଶ ନେଇ ଚଳିବୁ । ବଡ଼ି ସକାଳୁ ବିଛଣା ଛାଡ଼ିବୁ ଓ ରାତିରେ ସମସ୍ତେ ଶୋଇଲେ ତୁ ଶୋଇବାକୁ ଯିବୁ । ଘରର ସବୁ କାମ ତୁ କରିବୁ, କାହାକୁ କରିବାକୁ କହିବୁନି ।

ଏମିତି ଯେତେ କଥା ମୋତେ ମୋ ବାପା, ମାଆ, ଜେଜେର, ଜେଜେମାଆ ଆଦି ବୁଝେଇ କହିଥିଲେ ମୁଁ ସସବୁ କଥା ଅକ୍ଷରେ ଅକ୍ଷରେ ପାଳନ କଲି । ମାଡ଼ ଗାଳି ବି ଖାଇଲି ତେବେ ତାର ବିରୋଧ କଲିନାହିଁ କି ମୋ ବାପଘରକୁ ଜଣେଇଲି ନାହିଁ । ମୋର ଏହି ସହିବା ଓ ନିଷ୍ଠାପର ଭାବରେ କାମ କରିବା ଗୁଣପାଇଁ ଶାଶୁଘରେ ମୁଁ ସମସ୍ତଙ୍କର ଶ୍ରଦ୍ଧା ଓ ଭଲପାଇବା ପାଇଲି । ସମସ୍ତେ କହିଲେ ମୁଁ ଘରର ଲକ୍ଷ୍ମୀ, ଖୁବ ଲକ୍ଷ୍ମୀବନ୍ତ ବୋହୂ ।

ମୋତେ ଗୋଟିଏ ଚାକିରୀ ମିଳିଗଲା ମୋ ଶାଶୁଘରଲୋକେ ସେ ଚାକିରୀ ପାଇଁ ବିରୋଧ କଲେନାହିଁ କାରଣ ମୁଁ ତାଙ୍କୁ କହିଲି ଯେ ଘରର ସବୁକାମ ସାରି ମୁଁ ଯିବି । କାହାଙ୍କର ସେବାଯତ୍ନରେ ଅବହେଳା କରିବି ନାହିଁ । ମୋର ବ୍ୟବହାର ଓ କଥା ଏମିତି ଥିଲା ଯେ ସମସ୍ତେ ମୋ କଥାକୁ ବିଶ୍ୱାସ କଲେ ଓ ମୁଁ ଚାକିରୀ କଲି । ବଡ଼ି ଭୋରରୁ ଉଠି ସବୁକାମ ସାରି ମୁଁ ଗଲି ଓ ଅଫିସରୁ ଫେରି ବାକି କାମ କଲି । ଯେଉଁ ଦରମା ପାଇଲି ସେ ଟଙ୍କା ମୁଁ ମୋ ଶଶୁରଙ୍କୁ ଦେଲି । ସେ ଓ ଘର ଲୋକେ ବହୁତ ଖୁସି ହେଲି । ଅବଶ୍ୟ ମୋ ଶଶୁର ସେ ଟଙ୍କାରୁ ସାମାନ୍ୟ ରଖି ମୋ ସ୍ୱାମୀଙ୍କୁ ଦେଲେ ଓ କହିଲେ, ବୋହୂ ଟଙ୍କାରେ କେହି ହାତ ଦେବନି, ତା ନାଁରେ ବେଙ୍କରେ ଖାତା ଖୋଲି ରଖିଦିଅ । ସେ ଯେତେବେଳେ ମନେ କରିବ ତାକୁ କାଢି ଖର୍ଚ୍ଚ କରିବ ।

ସତରେ, ସେ ସଞ୍ଚିତ ଟଙ୍କା ଭବିଷ୍ୟତର ଦୁର୍ଦ୍ଦିନରେ ବହୁତ କାମଦେଲା । ଶଶୁର ବଞ୍ଚିଥିବାଯାଏଁ ମୁଁ ମୋର ସବୁ ଦରମା ତାଙ୍କ ହାତରେ ଦେଉଥିଲି ଓ ସେ ଗଲାପରେ ଶାଶୁଙ୍କ ହାତକୁ ଦେଲି । ମୋର ଏ ବୋହୂପଣିଆର ଆଦର୍ଶ ମୋତେ ଭଲ ବୋହୂ ହେବାର ଗୌରବ ଦେଇଥିଲା ।

ମହିଳା ପ୍ରେତ ବା ଭୁତୁଣୀ ଜଣକ ଏମିତି କହୁଥିଲାବେଳେ ଅନ୍ୟ ପୁରୁଷ ଭୁତ ବହୁତ ଚିନ୍ତିତ ଜଣା ପଡୁଥିଲେ । ସେ ନିକଟରେ ଭୁତ ହୋଇ ସେଇ ଗାଁରୁ ଆସିଛନ୍ତି । ତାଙ୍କୁ ଏ ବୋହୂ ଉପାଖ୍ୟାନ ଶୁଣି ଖୁସି ନ ହୋଇ ଦୁଃଖୀ ହେବାର କାରଣ ପଚାରିଲେ ମହିଳା ଭୁତୁଣୀ ବା ପ୍ରେତ ଜଣକ । ସେ ପଚାରିଲେ କୁହ, ଆଜିକାଲିର ବୋହୂମାନେ ମୋ ପରି ବୋହୂ ନା ମୋଠାରୁ ଭଲ ?

ଉତ୍ତର ଆସିଲା, ଆଜିକାଲିକାର ବୋହୂ- କହନି କହନି ଆଉ ।

❤ ସୌଭାଗିନୀ ନିବାସ, ରଟିଲୋ, ରେଞ୍ଚ, ପୁରୀ-୭୫୨୧୧୪
ମୋ-୮୨୪୯୨୧୬୦୬୭ ।

# ଶିଶୁ ବିକାଶ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ



ବାସୁଦେବପୁର,୨୨।୦୨(ନି.ପ୍ର):ଏକ ମଧୁର ପରିବେଶ ମଧ୍ୟରେ ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରେନ୍ଦ୍ର ପୁର ଶିଶୁ ବିକାଶ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇ ଯାଇଛି । ଭରତୀୟ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ଅଧୀନରେ ଥିବା ଏହି ବିଦ୍ୟା ମନ୍ଦିରର ସପ୍ତମ ବାର୍ଷିକ ଉତ୍ସବରେ ସଭାପତିତ୍ୱ କରିଥିଲେ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ବସନ୍ତ କୁମାର ମିଶ୍ର । ଏହି ଉତ୍ସବରେ ବାସୁଦେବପୁରର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ଛାତ୍ର ଛାତ୍ରୀ ମାନଙ୍କୁ ଭଲ ମଣିଷ ହେବା ପାଇଁ ପ୍ରେରଣା ଦେଇଥିଲେ । ଓଡ଼ିଶା ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ସମ୍ପାଦକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଶିକ୍ଷା ସମ୍ପର୍କିତ ଖୁବ୍ ଗୁରୁତ୍ୱ ପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା କରିଥିଲେ । ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର କୁମାର ପ୍ରହରାଜ, ଅମୂଲ୍ୟ କୁମାର ମହାପାତ୍ର, ତାପସ କୁମାର ମିଶ୍ର, ବରିଷ୍ଠ ଶିକ୍ଷକ ରଘୁନାଥ ପାଢ଼ୀ, ମନ୍ମଥ ଅଗସ୍ତି, ରଶ୍ମି କାନ୍ତ ପଣ୍ଡା, କୈଳାସ ବେହେରା, ସରୋଜ ପାଣିଗ୍ରାହୀ ଓ ଶିକ୍ଷାବିତ କୈଳାସ ସାହୁ । ସମସ୍ତ ଅତିଥି ଅନୁଷ୍ଠାନକୁ ପ୍ରଶଂସା କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କୁ ନୂତନ ମାର୍ଗ ଦର୍ଶନ କରାଇଥିଲେ । ବିଦ୍ୟା ମନ୍ଦିରର ପ୍ରତିଷ୍ଠାତା ଭାଗିରଥୀ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇ ଥିଲା । ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ ଓ ଅଭିଭାବକ ଯୋଗ ଦେଇଥିଲେ ।

# ଦୁଇ ବାଲିବୋଝେଇ ଟ୍ରାକ୍ଟର ଜବତ: ଜଣେ ଡ୍ରାଇଭର ଅଟକ, ଜଣେ ଫେରାର





ନୀଳଗିରି,୨୨।୦୨(ନି.ପ୍ର): ଦିନକୁଦିନ ବୃଦ୍ଧି ପାଉଛି ବାଲିମାଫିଆଙ୍କ ରାଜୁତି । ଦିନ ଦ୍ୱିପ୍ରହରରେ ବିଭିନ୍ନ ବାଲିସୌରାତରୁ ନିର୍ଭୟରେ ବେଧଡକ ବାଲିଚୋରାଚାଲାଣ ହେଉଥିବା ବେଳେ କୌଣସି ସୂତ୍ରରୁ ଖବରପାଇ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଶନିବାର ଭୋର ଅଯୋଧା ସଜନାଗଡ ରାସ୍ତାର ଜଡ଼ିବାଲି ନିକଟରେ ଘାଗରାନଦୀରୁ ଚୋରାରେ ଦୁଇଟି ବାଲିବୋଝେଇ ଟ୍ରାକ୍ଟର ଜବତ କରିଥିବା ବେଳେ ଜଣେ ଡ୍ରାଇଭରକୁ ଅଟକ ରଖିଥିବା ବେଳେ ଜଣେ ଖସିଯାଇଥିବା ଜଣାପଡିଛି । ଅଟକକରି ଥାନାକୁ ଅଣାଯାଇଥିବା ଓଡି ୦୧-ଏଏଲ୍-୨୧୬୬ ଏବଂ ଓଡି ୦୧ସି - ୪୨୬୭ନଂ ଟ୍ରାକ୍ଟର ସହିତ ଜଡ଼ିବାଲି ଗ୍ରାମର ଗୟାଧର ମହାନ୍ତି ନାମକ ଡ୍ରାଇଭରକୁ ଗିରଫ କରାଯାଇଥିବା ସୂଚନା ମିଳିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ସୁଭଦ୍ରା ମା'ମାନଙ୍କ ଅନ୍ତର୍ନିହିତ ଶକ୍ତିର...

ଗୋଷ୍ଠୀମାନଙ୍କ ଦିଆଯାଉଥିବା ରିଭଲଭିଂ ଫଂଡର ପରିମାଣକୁ ଦୁଇଗୁଣା କରିଛନ୍ତି । ୧୫ ହଜାର ଟଙ୍କାରୁ ୩୦ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି ଏବଂ ଗ୍ରାମ ପଂଚାୟତ ସ୍ତରୀୟ ଫେଡରେଶନ ବା ଜିପିଏଲଏଫ ମାନଙ୍କୁ ପ୍ରଦାନ କରାଯାଉଥିବା କମ୍ୟୁନିଟି ଇନଭେଷ୍ଟମେଂଟ ଫଂଡ ୩୫ ଲକ୍ଷରୁ ୬୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି । ଏହା ଦ୍ୱାରା ଏହି ଅନୁଷ୍ଠାନ ଗୁଡିକ ଆର୍ଥିକ ଦୃଷ୍ଟିରୁ ସଶକ୍ତ ହୋଇପାରିବ ଓ ଭବିଷ୍ୟତରେ ମା' ମାନେ ଏଥିରୁ ଅଧିକ ଲାଭାନ୍ୱିତ ହେବେ, ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସେ କହିଥିଲେ ଯେ, ଏଥି ସହିତ ରାଜ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ଯେପରି ଜୀବିକା ଅର୍ଜନରେ ଅଧିକ ସହାୟତା ପାଇବେ ଏବଂ ଅଧିକ ପୁଞ୍ଜି ବିନିଯୋଗ କରି ନିଜ ଉଦ୍ୟୋଗକୁ ଆଗକୁ ବଢାଇବେ, ସେଥିପାଇଁ ସେମାନଙ୍କ ସୁଧଛାଡ ପାଇଁ ମଧ ବ୍ୟବସ୍ଥା କରାଯାଇଛି । ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କର ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ଉପରେ ରାଜ୍ୟ ସରକାର ସୁଧ ଫେରସ୍ତ ବ୍ୟବସ୍ଥା କରିଛନ୍ତି । ୨୦୨୪-୨୫ ଆର୍ଥିକ ବର୍ଷରେ ୩ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୩୦୦ କୋଟି ଟଙ୍କାର ସୁଧ ଫେରସ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ମା' ମାନଙ୍କ ପାଇଁ ଆମର ସବୁଠାରୁ ଲୋକପ୍ରିୟ ଯୋଜନା "ସୁଭଦ୍ରା" ଯୋଜନା । ଓଡ଼ିଶାର ଅର୍ଥନୈତିକ ଇତିହାସରେ ଏହା ସବୁଠାରୁ ବଡ ଯୋଜନା । ବର୍ତ୍ତମାନ ସୁଦ୍ଧା ୯୮ ଲକ୍ଷରୁ ଅଧିକ ସୁଭଦ୍ରା ମା'ଙ୍କୁ ୪ ହଜାର ୯୦୦ କୋଟିରୁ ଅଧିକ ଟଙ୍କା ଦିଆଯାଇ ସାରିଲାଣି । ଆସନ୍ତା ମାର୍ଚ୍ଚ ୮ ତାରିଖରେ, ଆନ୍ତର୍ଜାତିକ ମହିଳା ଦିବସ ଅବସରରେ, ମା' ମାନଙ୍କୁ ଦ୍ୱିତୀୟ କିସ୍ତି ଭାବରେ ଆଉ ୫ ହଜାର ଟଙ୍କା ଲେଖାଏ ଦିଆଯିବ । ଆପଣ ମାନେ ଚିନ୍ତା କରନ୍ତୁ, ଯେତେବେଳେ ୧ କୋଟି ମା', ଏହି ଅର୍ଥକୁ ପୁଞ୍ଜି ଭାବେ ଗ୍ରହଣ କରି ବ୍ୟବସାୟ କରିବେ, ସେତେବେଳେ ଓଡ଼ିଶାର ଅର୍ଥନୀତି ଉପରେ ଏହାର କଣ ପ୍ରଭାବ ପଡିବ ବୋଲି ସେ କହିଥିଲେ । ସେ ପୁଣି କହିଥିଲେ ମହିଳାମାନଙ୍କୁ ୫ ବର୍ଷରେ ୫୦ ହଜାର ଟଙ୍କା ଲେଖାଏ ଦେଇ ଆମେ ଚୁପ୍ ହୋଇ ବସିଯିବୁ ନାହିଁ । ସୁଭଦ୍ରା ଯୋଜନା ହେଉଛି, ମହିଳା ସଶକ୍ତିକରଣର ଏକ ମେରୁଦଣ୍ଡ ସଦୃଶ । ତେବେ ସୁଭଦ୍ରା ପ୍ଲାଟଫର୍ମରେ ଆମର ମା', ଭଉଣୀ ଓ ଝିଅ ମାନଙ୍କ ପାଇଁ ଆମେ ଖୁବଶୀଘ୍ର ଆରମ୍ଭ କରିବୁ ଆହୁରି ଅନେକ ଯୋଜନା । କିଶୋରୀ ସୁଭଦ୍ରା, ସୁଭଦ୍ରା ସଂଚୟ, ସୁଭଦ୍ରା ସଖୀ, ସୁଭଦ୍ରା ଯାତ୍ରୀ, ସୁଭଦ୍ରା ସଂଘ ବା କ୍ଲବ୍, କୁହ ସୁଭଦ୍ରା ବା ସୁଭଦ୍ରା କଲ୍ ସେଂଟର, ସୁଭଦ୍ରା ସହଯୋଗୀ, ସୁଭଦ୍ରା ପଣ୍ଡିତ୍, ସୁଯୋଗ୍ୟ ସୁଭଦ୍ରା ଭଳି ଅନେକ ନୂଆ ପଦକ୍ଷେପ ଗ୍ରହଣ କରାଯିବ । ସୁଭଦ୍ରା ଯୋଜନାରେ ଆଗାମୀ ଆର୍ଥିକ ବର୍ଷରେ ୧୦,୧୪୫ କୋଟି ଟଙ୍କା ବରାଦ ରଖା ଯାଇଛି । ୨୦୩୬ ରେ ଯେତେବେଳେ ଆମେ ସମୃଦ୍ଧ ଓଡ଼ିଶା ପାଳନ କରିବା, ଓଡ଼ିଶାର ପ୍ରଗତିରେ ଆପଣଙ୍କର ସବୁଠାରୁ ବଡ ଅବଦାନ ରହିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଥିଲେ ।

### ଏପ୍ରିଲ ପହିଲା ସୁଦ୍ଧା ରାଜ୍ୟର ...

ଓସ୍ୱାସ ଜରିଆରେ ଫାଇଲ୍ଗୁଡିକ ଅନ୍ଲାଇନ୍ରେ ଗୋଟିଏ ଟେବୁଲରୁ ଆଉ ଗୋଟିଏ ଟେବୁଲକୁ ଯାଉଥିବାବେଳେ ଏଥିପାଇଁ ଆଉ ନଥିର ଆବଶ୍ୟକ ହେବନାହିଁ । ଏଥିରେ ଥିବା ବ୍ୟବସ୍ଥା ଅନୁଯାୟୀ ଓସ୍ୱାସ ଫାଇଲ୍ରେ ନିଜର ସନ୍ତକ କିମ୍ବା ମତାମତ ଦେବାପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ରହିଛି । ଯଦି କୌଣସି ଅଧିକାରୀ କାର୍ଯ୍ୟରେ ବିଳମ୍ବ କରିବେ ତେବେ ଫାଇଲ୍ଟିକ ଛାଏଁ ଛାଏଁ ଆଗକୁ ବଢିବ ଏବଂ ଉପରିସ୍ଥ ଅଧିକାରୀ ଏ ସଂକ୍ରାନ୍ତରେ ଅବଗତ ହେବେ । ତେଣୁ ଓସ୍ୱାସ କାର୍ଯ୍ୟକାରୀ ହେଲେ କେବଳ ସମୟ ଓ ସମ୍ବଳର ସଂଚୟ ହେବନାହିଁ, ସରକାରୀ କାର୍ଯ୍ୟ ମଧ କ୍ଷୀପ୍ରଗତିରେ ହୋଇପାରିବ ।

### 'ବସିବାକୁ ମତେ ଗୋଟେ ଭଙ୍ଗା ସିଟ୍ ଦେଲେ'...

ତଥାପି ଜରୁରୀ କାମ ଥିବାରୁ ମନ୍ତ୍ରୀ ସେହି ସିଟ୍ରେ ବସି ଯାତ୍ରା କରିଥିଲେ । ମୋର ସହଯାତ୍ରୀମାନେ ମୋତେ ସିଟ୍ ପରିବର୍ତ୍ତନ କରି ଏକ ଭଲ ସିଟ୍ ?ରେ ବସିବାକୁ ଅନୁରୋଧ କରିଥିଲେ । କିନ୍ତୁ ମୁଁ ମୋର ଆରାମ ପାଇଁ ଅନ୍ୟ ବନ୍ଧୁଙ୍କୁ କାହିଁକି କଷ୍ଟ ଦେବି ? ତେଣୁ, ମୁଁ ନିଷ୍ପତ୍ତି ନେଇଥିଲି ମୁଁ ସେହି ସିଟରେ ଯାତ୍ରା କରିବି ।' ଏହାକୁ ନେଇ ମନ୍ତ୍ରୀ କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାପରେ କର୍ମଚାରୀ କହିଥିଲେ ଭଙ୍ଗା ସିଟ୍ ବାବଦରେ ଏୟାର ଇଣ୍ଡିଆ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି । ବିମାନରେ ଏମିତି ଅନେକ ଭଙ୍ଗା ସିଟ୍ ଥିବା ନେଇ ବିମାନ କର୍ମଚାରୀ ମନ୍ତ୍ରୀଙ୍କୁ ଅବଗତ କରିଥିଲେ ବୋଲି କ୍ଷୋଭର ସହ ନିଜ ପୋଷ୍ଟରେ ଲେଖିଛନ୍ତି ମନ୍ତ୍ରୀ । ମନ୍ତ୍ରୀ ପୂରା ଘଟଣାର ଫଟୋ ଉଠାଇ ସୋସିଆଲ ମିଡିଆର ଏକ୍ସ ପ୍ଲାର୍ଟଫର୍ମରେ ଫଟୋ ପୋଷ୍ଟ କରି ଏୟାର ଇଣ୍ଡିଆଙ୍କୁ ଟ୍ୟାଗ୍ କରିଛନ୍ତି । କେନ୍ଦ୍ର ମନ୍ତ୍ରୀ ଆହୁରି କହିଛନ୍ତି ଟାଟା ଗ୍ରୁପ ହାତକୁ ଏୟାର ଇଣ୍ଡିଆ ଯିବା ପରେ ବିମାନ ସେବାରେ ଉନ୍ନତି ହେବା ନେଇ ଧାରଣା ଏକ ଭ୍ରମ ଥିଲା । ଏହାସହ କେନ୍ଦ୍ରମନ୍ତ୍ରୀ ଏୟାର ଇଣ୍ଡିଆକୁ 'ଚିଟ' କହିବା ସହ କଡ଼ା ଭାଷାରେ ନିନ୍ଦା କରିଛନ୍ତି । ତେବେ ଏୟାର ଇଣ୍ଡିଆ କହିଛି ଏହି ଘଟଣାର ତଦନ୍ତ କରାଯାଉଛି । ତେବେ କେନ୍ଦ୍ରମନ୍ତ୍ରୀଙ୍କ ଅଭିଯୋଗ ପରେ, ବିମାନ କମ୍ପାନୀ ଏୟାର ଇଣ୍ଡିଆ କ୍ଷମା ପ୍ରାର୍ଥନା କରିଛି ।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ଶ୍ରାଦ୍ଧ ଦିବସ ପାଳିତ

# ମୟୂରଭଞ୍ଜ ସିଟିଜେନ ଫୋରମ ପକ୍ଷରୁ ଅବସରପ୍ରାପ୍ତ ସେନାନୀଙ୍କୁ ସମ୍ବର୍ଦ୍ଧନା




ବାରିପଦା,୨୨।୦୨(ନି.ପ୍ର): ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ୧୧୩ତମ ଶ୍ରାଦ୍ଧ ଦିବସ ମୟୂରଭଞ୍ଜ ସିଟିଜେନ ଫୋରମର ପକ୍ଷରୁ ପାଳିତ ହୋଇଯାଇଛି । ସକାଳେ ମଧୁବନ ସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ସ୍ମୃତିପୀଠରେ ଫୋରମ ତରଫରୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଏହାପରେ ପୂର୍ବାହ୍ନରେ ଫୋରମର ସଭାପତି ତଥା ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀଙ୍କ ଭଞ୍ଜଦେଓଙ୍କ ପୌରହିତ୍ୟରେ ସ୍ଥାନୀୟ ବେଲଗଡିଆସ୍ଥିତ ରାଜପ୍ରସାଦରେ ସ୍ମୃତି ସଭା ଆୟୋଜିତ ହୋଇଥିଲା । ପ୍ରଥମେ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ଜଳନ କରାଯାଇ ଅମର ଆତ୍ମାଙ୍କ ଉଦ୍ଦେଶ୍ୟରେ ୧ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହା ପରେ ଫୋରମର ସମ୍ପାଦକ ବିଭୁଦତ୍ତ ଦାସ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ରଖିଥିଲେ । ସଭାରେ ମଞ୍ଚାସୀନ ଫୋରମର ପୃଷ୍ଠ ପୋଷକ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ, ମୟୂରଭଞ୍ଜ ଅବସରପ୍ରାପ୍ତ ସୈନିକ ସଂଘର ସଭାପତି କର୍ଣ୍ଣେଲ ଡ ଅଶୋକ ଦାସ ମହାରାଜା ଶ୍ରୀରାମଚନ୍ଦ୍ରେ ଭଞ୍ଜଭୂଇଁର ସ୍ମୃତିର ଯବକାଚରେ ଏକ ଅମଳିନ ପ୍ରତିଭା । ତାଙ୍କ ଶ୍ରାଦ୍ଧ ଦିବସ ସମଗ୍ର ଓଡିଶା ପାଇଁ ଏକ ସ୍ମୃତି ଦିବସ ବୋଲି କହିଥିଲେ । ଏହି ଦିବସକୁ ଅଧିକ ରୁଦ୍ଧିମନ୍ତ କରିବା ଉଦ୍ଦେଶ୍ୟରେ ଚଳିତ ବର୍ଷ ଫୋରମ୍ ତରଫରୁ ଏ ମାଟିର ୧୫ହଜାରରୁ ଊର୍ଦ୍ଧ୍ୱ ବୀର ଅବସରପ୍ରାପ୍ତ ସୈନିକଙ୍କୁ ନେଇ ଗଠିତ ଜିଲ୍ଲା ସଂଘର ୧୫ଜଣ କର୍ମକର୍ତ୍ତାଙ୍କୁ ଫୋରମ ପକ୍ଷରୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇ ଏକ ନିଆରା ଦୃଷ୍ଟାନ୍ତ ସୃଷ୍ଟି କରାଯାଇଛି । ସଭାରେ ଅନ୍ୟମାନଙ୍କ ମଧ୍ୟରେ ଦୀପକ କୁମାର ନାୟକ, ରାକେଶ ସିଂ, ସଞ୍ଜୁକ୍ତା ବସା, ଦେବାଶୀଷ ପାତ୍ର, ଅନୀଲ ସିଂ ଓ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ମହାରାଜାଙ୍କ ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଶେଷରେ ମନୋଜ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ସୁକାନ୍ତ ଜୀଉ ଓ କ୍ଷୀରୋଦ ମହାନ୍ତଙ୍କ ସହିତ ରାଜପ୍ରସାଦର କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ମଠନୁଆଗାଁ ଗ୍ରାମରୁ ଅଳଙ୍କାର ଲୁଟ

ଖଇରା,୨୨।୦୨(ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ନନ୍ଦୁର ପଞ୍ଚାୟତ ଅଧୀନ ମଠନୁଆଗାଁ ଗ୍ରାମର ରଘୁନାଥ ଶିଅଳଙ୍କ ଘରୁ ଶୁକ୍ରବାର ରାତିରେ ବହୁ ମୁଲ୍ୟର ଅଳଙ୍କାର ଲୁଟ ହୋଇଥିବା ନେଇ ସ୍ତ୍ରୀ ମିନତୀ ଶିଅଳ ଶନିବାର ଖଇରା ଥାନାରେ ଅଭିଯୋଗ କରିଛନ୍ତି ପରିବାର ଲୋକ ରାତିରେ ଖାଇସାରିସାରି ଶୋଇଯିବା ପରେ କୌଣସୀ ଦୁବୃତ୍ତ ଘର ତାଲା ଓ ଆଲମିରା ତାଲାଭାଙ୍ଗି ହାର, ବ୍ରେସଲେଟ, ଲକେଟ, ପଲା, ପାଉଁଜି, ମୁଦି ଇତ୍ୟାଦି ଚେରାଇନେଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି । ଚୋରୀ ସାମଗ୍ରୀର ମୁଲ୍ୟ ୫ଲକ୍ଷରୁ ଉର୍ଦ୍ଧ ହେବ ବୋଲି କୁହାଯାଉଛି । ତେବେ ଏଭଳି ଚୋରିଙ୍କୁ ନେଇ ସାଧାରଣରେ ଭିନ୍ନକଥା ଆଲୋଚନା ହେଉଛି ।

# ବନାଗ୍ନି ନିରାକରଣ ସଚେତନତା କାର୍ଯ୍ୟକ୍ରମ




ନୀଳଗିରି,୨୨।୦୨(ନି.ପ୍ର):: ନୀଳଗିରି ଉପଖଣ୍ଡ ଔପଦା ବ୍ଲକ୍ ବାଉଁଶବଣିଆ ପଞ୍ଚାୟତ ଢୋଲପୁର ଗ୍ରାମରେ ଯୁବ ପରିବେଶବିତ୍ କମଳଲୋଚନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବନାଗ୍ନି ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜଙ୍ଗଲରେ ନିଆଁ ନଲଗାଇବା ଓ ଜଙ୍ଗଲକୁ ସୁରକ୍ଷା ଦେବା ପ୍ରଭୃତି ବାର୍ତ୍ତା ନେଇ ଏହି କାର୍ଯ୍ୟକ୍ରମ କରାଯାଇଥିଲା । ବିଶେଷକରି ଆଗକୁ ଗ୍ରୀଷ୍ମଋତୁ ଆସୁଥିବାରୁ ଜଙ୍ଗଲ ପାଦଦେଶରେ ବସବାସ କରୁଥିବା ଲୋକମାନେ ମହୁଲ ଫୁଲ ଓ ଶାଳମଞ୍ଜି ସଂଗ୍ରହକରିବା ଉଦ୍ଦେଶ୍ୟରେ ଜଙ୍ଗଲରେ ନିଆଁଲଗାଇ ଥାଆନ୍ତି । ତେଣୁ କିପରି ସଂପୃକ୍ତ ଅଂଚଳରେ ସଚେତନତା ସୃଷ୍ଟି କରାଯାଇ ବନାଗ୍ନିକୁ ରୋକିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଯୁବ ସମାଜସେବୀ କମଳଲୋଚନ ପଣ୍ଡା ସୂଚନା ଦେଇଛନ୍ତି ।କାର୍ଯ୍ୟକ୍ରମରେ ସବିତାରାଣୀ ପ୍ରଧାନ, ଅଶେଷ ପ୍ରଧାନ, ଅମରନାଥ ମହାନ୍ତି, ପ୍ରିୟଦର୍ଶିନୀ ପ୍ରଧାନ, ସୁମତି ପ୍ରଧାନ, ସୁଶିଳା ଜେନା, ରୀତାଞ୍ଜଳି ପ୍ରଧାନ, ସସ୍ମିତା ପ୍ରଧାନ, ଚିନ୍ମୟ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

# ବାଳିକା ଆତ୍ମସୁରକ୍ଷା ତାଲିମ ଶିବିରର ଉଦ୍‌ଘାଟନ ଉତ୍ସବ

## ଦେଖିବାକୁ ମିଳିବ 'ପେଟେଣ୍ଟ ମେଡ଼ିସିନ'ର ବାସ୍ତବ ରୂପ : ଡ଼. ସୁଷମା




ଉଦଳାତା.୨୨/୦୨(ନି.ପ୍ର)- କପ୍ତିପଦା ଉପଖଣ୍ଡର ଏକମାତ୍ର ମହିଳା ମହାବିଦ୍ୟାଳୟ ରୂପେ ନିଜର ପରିଚୟ ସୃଷ୍ଟି କରିଥିବା ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ପରିସରରେ ଚଳିତ ଫେବୃଆରି ୨୦ ତାରିଖ ଗୁରୁବାର ଦିନ +୩ ପ୍ରଥମ ବର୍ଷ ଛାତ୍ରୀ ମାନଙ୍କର ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟନ ହୋଇଯାଇଛି । ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ଡ଼. ସୁଷମା ସାହୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରି, ଘରେ ସ୍ୱାମୀ ମଦ୍ୟପାନ କରି ସହଧର୍ମିଣୀଙ୍କୁ ମାଡ଼ ମାରିବା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି । ଏହାର ସମାଧାନ ପାଇଁ ଉକ୍ତ ତାଲିମର ଆବଶ୍ୟକତା ଆଜି ଜରୁରି ହୋଇ ପଡ଼ିଛି କହିବା ସହ ଏହା 'ପେଟେନ ମେଡ଼ିସିନ'ର ବାସ୍ତବ ରୂପ ବୋଲି ବ୍ୟକ୍ତ କରିଛନ୍ତି । ଉକ୍ତ ଶିବିରରେ ୧୧୯ ଜଣ ଛାତ୍ରୀ ତାଲିମ ନେଉଥିବା ବେଳେ ନାନିକା ସିଂ, ଚମ୍ପାବତି ହେମ୍ବ୍ରମ ଓ ପଲ୍ଲବି ନାୟକ ମୋଟ ୩ ଜଣ ପ୍ରଶିକ୍ଷିକା ତାଲିମ ପ୍ରଦାନ କରୁଛନ୍ତି । ଏହା ଆସନ୍ତା ମାର୍ଚ୍ଚ ୩ ତାରିଖ ସୋମବାର ଦିନ ଉଦ୍‌ଯାପିତ ହେବ ବୋଲି ଜଣାଯାଇଛି । ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା କୁମକୁମ ଦାସ ଯୋଗ ଦେଇ ମା' ଦୁର୍ଗାଙ୍କ ହାତକୁ 'ତ୍ରିଶୂଳ' ଓ କାଳୀଙ୍କ ହାତକୁ 'ଖଣ୍ଡା' ବେଶ ଶୋଭା ପାଇଥାଏ । ଏହି ଅସ୍ତ୍ର ଗୁଡ଼ିକୁ ଦେବିଙ୍କ ହାତରୁ କାଢ଼ି ନେଲେ ଉକ୍ତ ବିଗ୍ରହ ପୂଜା ପାଇବା ପାଇଁ ଯୋଗ୍ୟ ହୁଏ ନାହିଁ । ସେହିପରି ଯେଉଁ ମହିଳା ଆତ୍ମସୁରକ୍ଷା କୌଶଳରେ ଧୁରନ୍ଧର ନୁହଁନ୍ତି ସେ ମଧ ପୂଜା ପାଇଁ ଯୋଗ୍ୟତା ହରାଇଥାଆନ୍ତି ବୋଲି ବ୍ୟକ୍ତ କରିଥିଲେ । ଅଧ୍ୟାପିକା ପ୍ରଣତି ରାଜ, ଡ଼. ଆରତିବାଳା ସାହୁ ଓ ଗୁଂଜନା ଭୂୟାଁ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ନିଜକୁ ସୁସ୍ଥ, ସବଳ ଓ ନିରୋଗ ରଖିବା ପାଇଁ ଏହାକୁ ନିୟମିତ ଅଭ୍ୟାସ କରିବାକୁ ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ ।

# ଫ୍ରେଜର ସରକାରୀ ବାଳିକା ଉ.ପ୍ରା. ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ




ଭଦ୍ରକ,୨୨।୦୨(ନି.ପ୍ର): ପୁରଣାବଜାର ନିକଟସ୍ଥ ଫ୍ରେଜର ସରକାରୀ ବାଳିକା ଉ.ପ୍ରା. ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଓ ପରିଚାଳନା କମିଟିର ସଭ୍ୟସଭ୍ୟାମାନଙ୍କର ମିଳିତ ଉଦ୍ୟମ ଯୋଗୁଁ କାର୍ଯ୍ୟକ୍ରମଟି ସଫଳ ହୋଇପାରିଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଭଦ୍ରକ ପୌର ପରିଷଦର ଅଧକ୍ଷା ଗୁଲମକୀ ଦଲଓ୍ୱାଜି ହବିବ୍ ମୁଖ୍ୟଅତିଥି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଭଦ୍ରକ, ଅଂଶୁମାନ ଦିବେଦୀ ମୁଖ୍ୟବକ୍ତା, ଉପଗୋଷ୍ଠୀ ଶିକ୍ଷାଧିକାରୀ, ଭଦ୍ରକ, ଶ୍ରୀମତୀ ମିଶ୍ର, ବରେଣ୍ୟ ଅତିଥି, କାର୍ଯ୍ୟନିର୍ବାହୀ ଅଧିକାରୀ ଭଦ୍ରକ ପୌରପାଳିକା ତାପସ କୁମାର ସାମଲ, ବିଶିଷ୍ଟ ଅତିଥି ତଥା ସମ୍ମାନିତ ଅତିଥି ଭାବେ ଶେଖ ଜୁଲଫୁକାର ଅଲ୍ଲି, କାଉନ୍ସିଲର ୱାର୍ଡ଼ ନଂ-୨୬, ନିଳାମ୍ବର ପାଣିଗ୍ରାହୀ, ସି.ଆର.ସି.ସି., ହାଜି ତବରେଜ ଖାଁ, ସମ୍ପାଦକ ରାଜ୍ୟ ଶିକ୍ଷକ ସଙ୍ଘ ଓ ଜାବିର ଖାଁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ ।

ବିଦ୍ୟାଳୟର ଶିକ୍ଷକ ଶେଖ୍ ଜମାଲୁଦ୍ଦିନ୍ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସୁବାସିନୀ ନାୟକ ବିବରଣୀ ପାଠ କରିଥିଲେ । ଶିକ୍ଷକ ପଦ୍ମନାଭ ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଶିକ୍ଷୟିତ୍ରୀ ଜିସାନ୍ କାଦ୍ରୀ, ସଗୁପ୍ତା କାଦ୍ରୀ ଓ ସ୍ନେହଲତା ଦେ । ସେହିପରି ଶିକ୍ଷକ ଶାହାନାଓ୍ୱାଜ ଆଲାମ, ଶେଖ ଅଜିଜ୍, ଶିକ୍ଷିକା ଅଜିଜା ଖାତୁନ, ହନିଫ୍ ବେଗମ, ମଞ୍ଜୁଲତା ଗୁପ୍ତା, ମଞ୍ଜୁଲତା ସାହୁ, ପ୍ରଦିପ୍ତା ପାଢ଼ୀ ସହିତ ପରିଚାଳନା କମିଟିର କର୍ମକର୍ତ୍ତା ଉତ୍ସବ ପରିଚାଳନା କରିଥିଲେ । ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବା ସହିତ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ପୁରାତନ ବିଦ୍ୟାଳୟରେ ପ୍ରଥମ ଥର ବାର୍ଷିକ ଉତ୍ସବ ମହାଡ଼ମ୍ବରରେ ପାଳିତ ହୋଇଥିବାରୁ ଅଭିଭାବକ ମହଲରୁ ସୁଭେଚ୍ଛାର ବାର୍ତ୍ତା ପ୍ରଦାନ କରିଥିଲେ ।

# ଓକିଲ ସଂଘ ନିର୍ବାଚନୀ ବିଗୁଲ ବାଜିଲା, ନିର୍ବାଚନ ଅଧିକାରୀ ହେଲେ ଅଶୋକ କୁମାର ନାଏକ

ମାଲକାନଗିରି,୨୨।୦୨(ନି.ପ୍ର): ରାଜ୍ୟ ବାର କାଉନସିଲ ର ସ୍ୱୀକୃତି ପ୍ରାପ୍ତ ବାର ଗୁଡିକର ନିର୍ବାଚନ ଆସନ୍ତା ମାର୍ଚ୍ଚ ମାସ ୨୯ ତାରିଖରେ ସାରା ରାଜ୍ୟରେ ହେବାକୁ ଥିବା ବେଳେ ଆଜି ମାଲକାନଗିରି ଜିଲ୍ଲା ବାର ଆସୋସିଏସନ ର ନିର୍ବାଚନୀ ବିଗୁଲ ବାଜିଛି । ସଭାପତି ପ୍ରୀତପାଲ ସିଂ ଙ୍କ ସଭାପତିତ୍ୱରେ ଶନିବାର ବାର ହଲ ରେ ଜେନେରାଲ ବଡି ର ବୈଠକ ଅପରାହ୍ନ ଚାରିଟା ସମୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଗାମୀ ନିର୍ବାଚନ ପାଇଁ ସର୍ବସମ୍ମତି କ୍ରମେ ବରିଷ୍ଠ ଆଇନଜ୍ଞ ଅଶୋକ କୁମାର ନାଏକଙ୍କୁ ନିର୍ବାଚନ ଅଧିକାରୀ ଭାବେ ଚୟନ କରାଯାଇଛି । ସେ ପୂର୍ବରୁ ମଧ ବହୁଥର ନିର୍ବାଚନ ଅଧିକାରୀ ରହିଥିଲେ । ନିର୍ବାଚନ ଅଧିକାରୀ ଚୟନ ପରେ ଓକିଲ ସଂଘ ନିର୍ବାଚନ ବିଗୁଲ ବାଜିଛି । ଆଶାୟୀ ପାର୍ଥି ପ୍ରଚାର ପ୍ରସାର ଆରମ୍ଭ କରିଦେଇଛନ୍ତି । ଏହି ନିର୍ବାଚନରେ ଯୁବ ଆଇନିଜୀବୀଙ୍କ ଉପରେ ଜିତିବା ନିର୍ଭର କରୁଥିବା ବେଳେ ଯୁବ ଆଇନିଜ୍ଞୀଙ୍କୁ ନିଜ ଆଡକୁ ନେବା ପାଇଁ ଆଶାୟୀ ପାର୍ଥି ରଣନୀତି ପ୍ରସ୍ତୁତ କଲେଣି । ଏଥର ନିର୍ବାଚନ ରୋଚକ ହେବା ଅନୁମାନ କରାଯାଉଛି । ପୂର୍ବ ନିର୍ବାଚନ ଗୁଡିକରେ ବିଜେଡି ଦଳରେ ଥିବା ଆଇନିଜୀବିଙ୍କ ସପକ୍ଷରେ ଯାଉଥିବା ବେଳେ ଏଥର ବିଜେପି ଦଳ ସମର୍ଥିତ ଆଇନିଜୀବୀ ମଧ ମଇଦାନରେ ଟକ୍କର ଦେବାକୁ ପ୍ରସ୍ତୁତ ହେଉଥିବା ଦେଖିବାକୁ ମିଳୁଛି । ଆଗାମୀ ଦିନରେ ବନ୍ଧୁତା ଲଢ଼େଇ ହେବ ନା ଦଳୀୟ ଟକ୍କର ହେବ ସମୟ କହିବ । ଆଜିର ଏହି ଜେନେରାଲ ବଡି ମିଟିଙ୍ଗରେ ସମ୍ପାଦକ ବିଜୁ ସରକାରଙ୍କ ସମେତ ସମସ୍ତ ଅଫିସ ବିଏରର, ବରିଷ୍ଠ ଆଇନିଜୀବୀ ରାମ ପଟ୍ଟନାୟକ, ଗୌତମ ସରକାର ପ୍ରମୁଖ ୫୦ରୁ ଉର୍ଦ୍ଧ ଆଇନିଜୀବୀ ଉପସ୍ଥିତ ଥିଲେ ।

# ଉଦଳାରେ କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି

## ଧାନକିଣାରେ କଟନି ଛଟନିକୁ ନେଇ ବ୍ୟକ୍ତ କଲେ ଅସନ୍ତୋଷ



ଉଦଳା ତା.୨୨/୦୨(ନି.ପ୍ର)- ଭାରତୀୟ ଜନତାପାର୍ଟି କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁ ଆଜି ଫେବୃଆରି ୨୨ ତାରିଖ ଶନିବାର ଦିନ ଉଦଳାଗସ୍ତରେ ଆସି ପୁର୍ତବିଭାଗର ଡ଼ାକବଙ୍ଗଳା ପରିସରରେ ସାମ୍ବାଦିକ ମାନଙ୍କୁ ସାକ୍ଷାତ କରିଥିଲେ । ଏଠାକୁ ଆସିବା ପୁର୍ବରୁ ସେ କପ୍ତିପଦା ଉପଖଣ୍ଡ ମ୍ନରେ ଥିବା ଧାନକିଣା ମଣ୍ଡିଗୁଡ଼ିକୁ ବୁଲି ଦେଖିଥିବାର ପ୍ରକାଶ କରିଥିଲେ । କିଛି କୃଷକଙ୍କ ସହିତ ସିଧାସଳଖ ଆଲୋଚନା କରି ଏକ କୁଇଂଟାଲ ଧାନରେ ୧୦ କିଗ୍ରା କଟନି ଛଟନି କରାଯାଉଥିବାର ଜାଣିବାକୁ ପାଇଥିଲେ । ଏହାଦ୍ୱାରା କୃଷକ ମାନଙ୍କ ପ୍ରତି ଅନ୍ୟାୟ ବିଚାର କରାଯାଉଛି ବୋଲି ବ୍ୟକ୍ତ କରିବା ସହ ଫୋନ କରି ଘଟଣା ସମ୍ପର୍କରେ କପ୍ତିପଦା ଉପଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ । ଶେଷରେ କେବଳ ମୟୂରଭଂଜ ଜିଲ୍ଲାକୁ ଛାଡ଼ିଦେଲେ ଅନ୍ୟ କୌଣସି ଜିଲ୍ଲାରେ ଏତେ ମାତ୍ରାରେ କଟନି ଛଟନି ହେଉନାହିଁ ବୋଲି କହି ଗଭିର ଅସନ୍ତୋଷ ବ୍ୟକ୍ତ କରିଥିଲେ । ଚାଷୀ ଭାଇ ମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ବିଚାରକୁ ବହୁଳ ଭାବରେ ପ୍ରଚାର ପ୍ରସାର କରିବାକୁ ଗଣମାଧମ ପ୍ରତିନିଧି ମାନଙ୍କୁ ଅନୁରୋଧ ଜଣାଇଥିଲେ । ରାଜ୍ୟ ସଭାପତି ଶ୍ରୀଯୁକ୍ତ ସାହୁଙ୍କ ସହିତ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଓ ଉଦଳା ପଂଚାୟତ ସମିତିର ପୁର୍ବତନ ଅଧକ୍ଷ ତଥା ବର୍ତ୍ତମାନର କାଉନସିଲର ଶରତଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ରବିବାର, ଫେବୃଆରୀ ୨୩, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ

ବାରିପଦା,୨୨।୦୨(ନି.ପ୍ର): ମୟୂରଭଞ୍ଜ ର ପ୍ରଜାବତ୍ସଳ ରାଜର୍ଷି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଶ୍ରାଦ୍ଧ ବାର୍ଷିକୀ ଆଜି ଅଗ୍ରଣୀ ଭାଷା ସାହିତ୍ୟ ଅନୁଷ୍ଠାନ ଓଡ଼ିଆ ଜାଗରଣ ମଞ୍ଚ ତରଫରୁ ବାରିପଦା ମଧୁବନ ସ୍ଥିତ ମହାରାଜାଙ୍କ ସମାଧିପୀଠରେ ପାଳିତ ହୋଇଯାଇଛି । ମଞ୍ଚର ପ୍ରତିଷ୍ଠାତା ସଭାପତି ଶରତ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦୟ ନାଥ ଜେନା, ପିତାମ୍ବର ମଲ୍ଲିକ, ବରିଷ୍ଠ ସାମ୍ବାଦିକ ସୁକାନ୍ତ କୁମାର ଜୀଉ, ସୟେଦ ସିରାଜୁଦ୍ଦିନ, ଦୀପକ କୁମାର ନାୟକ, ଦିଲ୍ଲୀପ କୁମାର ପାତ୍ର, ଲଳିତ କୁମାର ବାରିକ, ହରେକୃଷ୍ଣ ପାତ୍ର, ଆଇନଜୀବୀ ପ୍ରଦୀପ କୁମାର ପଲେଇ ପ୍ରମୁଖ ଯୋଗଦେଇ ମହାରାଜାଙ୍କ ସମାଧିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ମହାରାଜା ଶ୍ରୀରାମଚନ୍ଦ୍ରଙ୍କର ସ୍ମୃତିଚାରଣ କରି ମୟୂରଭଞ୍ଜ ମହାରାଜା କେବଳ ମୟୂରଭଞ୍ଜ ନୁହେଁ, ସାରା ଓଡିଶା ତଥା ଭାରତବର୍ଷର ବିକାଶ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଯାଇଛନ୍ତି ବୋଲି କହିଥିଲେ ।



# ଶିମଲୀ'ର ଫାଷ୍ଟଲୁକ୍ ଓ ଅଡିଓ ଲୋକାର୍ପଣ

ଭୁବନେଶ୍ୱର,୨୨।୦୨(ନି.ପ୍ର): ଏମ କେ.ଆର୍ ପ୍ରଡକସନ୍ସ ବ୍ୟାନରରେ ନିର୍ମିତ 'ଶିମଲୀ' ଆସନ୍ତା ମାର୍ଚ୍ଚ ୧୪ରେ ମୁକ୍ତିଲାଭ କରିବା ପାଇଁ ଘୋଷଣା ହୋଇସାରିଥିବା ବେଳେ ଭୁବନେଶ୍ୱର ପ୍ରେସ୍ କ୍ଲବ୍ ଠାରେ ଏହାର ଫାଷ୍ଟ ଲୁକ୍ ଓ ଅଡିଓ ଲୋକାର୍ପଣ ହୋଇଛି । ଏହି ଉତ୍ସବରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ବନ ପର୍ଯ୍ୟାବରଣ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ, ବାଙ୍ଗିରିପୋଷି ବିଧାୟକ ସଞ୍ଜଲି ମୁର୍ମୁ, ସରସକଣା ବିଧାୟକ ଭାଦବ ହାଁସଦା, ବାରିପଦା ବିଧାୟକ ପ୍ରକାଶ ସୋରେନ, ଭାରତୀୟ ରକ୍ଷା ମନ୍ତ୍ରଣାଳୟ ତଥା ଆଡ଼ଭୋକେଟ ସଂଜୀବ ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ । ତେବେ ୟୁ ସେନସର୍ ସାର୍ଟିଫିକେଟ୍ ପାଇଥିବା ଏହି ଓଡ଼ିଆ ଭିନ୍ନ ଧରଣର ଓଡ଼ିଆ ଚଳଚ୍ଚିତ୍ରର ପ୍ରଯୋଜନା ଦାୟିତ୍ୱ ଶ୍ରୀମତୀ ସ୍ମିତା ରାଉତ ନେଇଛନ୍ତି ଏବଂ ପରେଶ ଚନ୍ଦ୍ର ମହାନ୍ତ ଏହାର ସହ-ପ୍ରଯୋଜନା କରିଛନ୍ତି । ଓଲିଉଡ଼ର ସୁପରିଚିତ ଏଡିଟର୍ ସୁକୁମାର ମଣି 'ଶିମଲୀ' ଜରିଆରେ ନିର୍ଦ୍ଦେଶକ ଭାବେ ଓଲିଉଡ଼ରେ ପାଦ ରଖିଛନ୍ତି। ଓଲିଉଡ ଏଇ କିଛି ବର୍ଷ ହେବ ଚିରାଚରିତ ଫ୍ୟାମିଲି ଡ୍ରାମାରୁ ବାହାରି ଅନେକ ମୌଳିକ କାହାଣୀ ଆଧାରିତ ଚଳଚ୍ଚିତ୍ର ନିର୍ମାଣ କରିଆସୁଛି କ୍ଷ ସେହି ଭଳି ଏକ ଭିନ୍ନ କଥାବସ୍ତୁକୁ ନେଇ ଶିମିଳିପାଳ ଜଙ୍ଗଲର ନିତିଦିନିଆ ଘଟଣା ଉପରେ 'ଶିମଲୀ' କଥାବସ୍ତୁ ଆଧାରିତ। ହାତୀଦାନ୍ତ ଓ ବାଘଛାଲ ଚୋରାଚାଲାଣ, ବନରକ୍ଷୀଙ୍କୁ ଆକ୍ରମଣ ଭଳି ଅପରାଧର କାହାଣୀ ରହିଛି 'ଶିମଲୀ' ଚଳଚ୍ଚିତ୍ରରେ। ଜଙ୍ଗଲ ସୁରକ୍ଷାକୁ ଗୁରୁତ୍ୱ ଦେଇ ନିର୍ମାଣ ହୋଇଛି ଶିମଲୀ । ବର୍ତ୍ତମାନର ଚୁଲବୁଲି ନାୟିକା ସୂର୍ଯ୍ୟମୟୀ ମହାପାତ୍ର, ମନୋଜ ରାଉତ, ଲିପିକା ସେନାପତି, ଅନୁପ ଶାହା ଓ ଚୌଧୁରୀ ବିକାଶ ଦାସ ପ୍ରମୁଖ ମୁଖ୍ୟ ଭୂମିକାରେ ନଜର ଆସିବେ। ସ୍ମିତା ରାଉତଙ୍କ କାହାଣୀ ଉପରେ ଆଧାରିତ ଏହି ଫିଲ୍ମର ସଂଳାପ ଲେଖିଛନ୍ତି ଭାବବିନୋଦ ମହାପାତ୍ର । ବାଚୁ ମୁଖାର୍ଜୀ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଅରୁଣ ମନ୍ତ୍ରୀ, ଡକ୍ଟର ନିର୍ମଳ ନାୟକ ଓ ଭାବବିନୋଦ ମହାପାତ୍ର ଗୀତ ରଚନା କରିଛନ୍ତି । ଏଥିରେ ଚାରିଟି ଗୀତ ରହିଛି। ଧ୍ରୁବାନନ୍ଦ ପଣ୍ଡା ଶିମଲୀ ର ସିନେମାଟୋଗ୍ରାଫର୍ ଅଛନ୍ତି । ପ୍ରଚାର ଓ ପ୍ରସାର ଦାୟିତ୍ୱରେ ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ ଅଛନ୍ତି କ୍ଷ ମାର୍ଚ୍ଚ ୧୪ ରେ ମୁକ୍ତିଲାଭ କରିବାକୁ ଯାଉଥିବା ଶିମଲୀ ଉପରେ ଦର୍ଶକଙ୍କର ଅନେକ ଆଶା ଓ ଉନ୍ମାଦନା ରହିଛି ।

# ସତ୍ୟ ସନ୍ଧାନରେ ସଂଗଠନ ପକ୍ଷରୁ କିଡନୀ ରୋଗୀଙ୍କୁ ସହାୟତା



ବାସୁଦେବପୁର: ବାସୁଦେବପୁର ବ୍ଲକ ଅନ୍ତର୍ଗତ ନାୟକା ଣୀଡିହ ନିକଟସ୍ଥ ମଲ୍ଲିକାଦେଇପୁର ଶାସନରେ ଅଭିଜିତ ମିଶ୍ର,ବୟସ ୨୧ କିଡନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଶ୍ରୀ ମିଶ୍ର ବର୍ତ୍ତମାନ ଭୁବନେଶ୍ୱର ଏ ମ୍ ସ୍ ମେଡିକାଲ ରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ନୂଆ କିଡନୀ ଲାଗିବ ବୋଲି ଡ଼ାକ୍ତର କହିଛନ୍ତି ଓ ତାଙ୍କ ପରିବାର ଲୋକ ସମସ୍ତ ଙ୍କୁ ଜଣାଇଛନ୍ତି। ପାଖା ପାଖି ତିରିଶ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଜଣା ପଡିଛି। ସଂଯୁକ୍ତା ମିଶ୍ର ଙ୍କ ନାମରେ ଏକ ଫୋନ୍ ପେ ନମ୍ବର ୯୩୩୭୨୦୨୧୮୩ ଦିଆ ଯାଇଛି। ଦୟାକରି ଏହି ନମ୍ବର୍ ରେ ସମସ୍ତେ ଆର୍ଥିକ ସହଯୋଗ ପଠାଇ ପାରିବେ ବୋଲି ତାଙ୍କ ପରିବାର ପକ୍ଷରୁ ନିବେଦନ କରାଯାଇଛି। ଏହି ପରି ପ୍ରେକ୍ଷିରେ ବାସୁଦେବପୁରର ସମାଜ କଲ୍ୟାଣ ଉଦ୍ଦେଶ୍ୟରେ ପ୍ରତିଷ୍ଠା ହୋଇଥିବା ସତ୍ୟ ସନ୍ଧାନରେ ସଂଗଠନ ଅଭିଜିତ ମିଶ୍ରଙ୍କ ପରିବାର ବର୍ଗ ଙ୍କ ନିକଟରେ ପହଞ୍ଚି ପାଞ୍ଚ ହଜାର ଟଙ୍କାର ଆର୍ଥିକ ସହଯୋଗ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟ ରେ ପୁଣି ଏହି ସଂଗଠନ ସାହାଯ୍ୟ କରିବେ। ସତ୍ୟ ସନ୍ଧାନରେ ସଂଗଠନ ସଦସ୍ୟ ଡକ୍ଟର ଅଜୟ କୁମାର ତ୍ରିପାଠୀ, ଚନ୍ଦ୍ର କାନ୍ତ ସ୍ୱାଇଁ, ନାଥ ବୈରାଗୀ ଦାସ ବେହେରା, ପଦ୍ମ ଲୋଚନ ତିଆଡି, ରବିନ୍ଦ୍ର ଦାସ ଓ ଅନ୍ୟାନ୍ୟ ସଦସ୍ୟ ଯୋଗ ଦେଇ ଆର୍ଥିକ ସାହାଯ୍ୟ ଓ ସହଯୋଗ କରିଥିଲେ। ରମାକାନ୍ତ ଫାଉଣ୍ଡେସନ ର ପ୍ରତିଷ୍ଠାତା ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁ ଭୁବନେଶ୍ୱର ମେଡ଼ିକାଲ ରେ ପହଞ୍ଚି ଅଭିଜିତ ମିଶ୍ର ଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟ କଥା ବୁଝି ଆର୍ଥିକ ସହଯୋଗ କରିଛନ୍ତି।

# ପୁଣି ତେଜିଲା ଧାନମଣ୍ଡି ବିବାଦ। ରାଜରାସ୍ତାରେ ଧାନବସ୍ତା ରଖି ଧାରଣା ଦେଲେ ଚାଷୀ



ନୀଳଗିରି, ୨୨/୨ (ନି.ପ୍ର) : ଦିନକୁ ଦିନ ପ୍ରଶାସନ ଏବଂ ସରକାରଙ୍କ ଉପରୁ ଚାଷୀଙ୍କ ବିଶ୍ୱାସ ତୁଟିବାକୁ ଲାଗିଛି। କଥାଦେଇ କଥା ରଖିଲେନି। ସେଥିପାଇଁ ଚାଷୀ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହୋଇଛି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନୀଳଗିରି ବ୍ଲକ ମାଟିଆଳି ବୃହଦାକାର ସମବାୟ ସମିତି ଛତ୍ରପୁର ଶାଖାରେ। ଗତ ଫେବୃଆରୀ ୮ତାରିଖରେ ଉକ୍ତ ଶାଖାର ଚାଷୀମାନେ ଅଧିକାରୀଙ୍କ ପ୍ରିୟାପ୍ରୀତି ତୋଷଣ, ମଣ୍ଡିରେ ଧାନର କଟନି ଛଟଣି, ଟୋକନ୍ ଅବଧି ସମାପ୍ତ ହେବା ପୂର୍ବରୁ ଆଇସ୍କାନ କରିବା, ଆଦି ବିଭିନ୍ନ ସମସ୍ୟା ନେଇ ୧୯ନଂ ରାଜ୍ୟରାଜପଥ ଛତ୍ରପୁର ଠାରେ ଧାନବସ୍ତା ରଖି ପ୍ରତିବାଦ ସ୍ୱରୂପ ଧାରଣା ଦେଇଥିଲେ। ପରେ ବିଭାଗୀୟ ଅଧିକାରୀ ଏବଂ ସ୍ଥାନୀୟ ପୋଲିସ ପହଞ୍ଚି ଚାଷୀଙ୍କ ସମସ୍ତ ସମସ୍ୟାର ସମାଧାନ କରାଯିବାର ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ମାତ୍ର ଯଥା ପୂର୍ବଂ ତଥା ପରଂ ପରି ଉକ୍ତ ଶାଖାର ପ୍ରାୟ ୨୦ଜଣ ଚାଷୀଙ୍କ ଟୋକନ ସମୟସୀମା ପୁରି ଯାଇଥିଲେ ମଧ ସେମାନଙ୍କ ଧାନ ମଣ୍ଡିରେ ବିକ୍ରୀ ହୋଇପାରିନାହିଁ କିମ୍ବା ସେମାନଙ୍କର ଆଇସ୍କାନ କରାଯାଇନାହିଁ।ଏନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳିନଥିଲା। ଅଧିକାରୀଙ୍କ ଅସହଯୋଗ ଚାଷୀଙ୍କୁ ଚିନ୍ତାରେ ପକାଇଥିଲା। ଶେଷରେ ବାଧହୋଇ ଶନିବାର ସକାଳ ୬ଘଟିକା ଠାରୁ ଟୋକନ୍ ସମୟସୀମା ସମାପ୍ତି ହୋଇଥିବା ସମସ୍ତ ଚାଷୀଙ୍କ ସମେତ ଶହଶହ ଚାଷୀ ୧୯ନଂ ରାଜ୍ୟରାଜପଥ ଛତ୍ରପୁର ଠାରେ ଧାନବସ୍ତା ରଖି ଧାରଣା ଦେଇଥିଲେ। ଫଳରେ ରାସ୍ତାର ଉଭୟପଟରେ ଶହଶହ ଯାନବାହାନ ଅଟକି ରହି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ବରହମପୁର ପୋଲିସ ଏବଂ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ । ମାତ୍ର ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ପହଞ୍ଚି ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ଧାରଣା ଚାଲୁରହିବ ବୋଲି ଚାଷୀମାନେ ଦାବି କରିଥିଲେ। ପରେ ଏସ.ସି.ଏସ.ଓ ହିମାଂଶୁ ଭୁଷଣ ସାହୁ ଏବଂ ଦୀପକ ରଞ୍ଜନ ବେହେରା, ସିଏସଓ ସଲାଉଦ୍ଦିନ ଖାନ, ଉପନିବନ୍ଧକ ସମବାୟ ସମିତି ସମୂହ ବାଲେଶ୍ୱର ମଣ୍ଡଳ ବାଲେଶ୍ୱର ସରୋଜିନୀ ନାଏକ, ସହକାରୀ ନିବନ୍ଧକ ନୀଳଗିରି ବିଚିତ୍ରାନନ୍ଦ ପଟ୍ଟନାୟକ, ନୀଳଗିରି ଯୋଗାଣ ଅଧିକାରିଣୀ ରାଜଲକ୍ଷ୍ମୀ ପଣ୍ଡା ଧାରଣା ସ୍ଥଳରେ ପହଞ୍ଚିଥିଲେ। ପରେ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ ମଧ ପହଞ୍ଚି ବିଭାଗୀୟ ଅଧିକାରୀଙ୍କ ସହିତ ରୁଦ୍ଧଦ୍ୱାର ବୈଠକ କରିଥିଲେ।ଏନେଇ କିଛି ସମୟ ଚାଷୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ସମସ୍ତ ଅଧିକାରୀ, ବିଧାୟକ ଏବଂ ନୀଳଗିରି ଏସଡିପିଓ ପ୍ରମୋଦ କୁମାର କୁମାର ମଲ୍ଲିକ ଚାଷୀଙ୍କ ସହିତ ଆଲୋଚନା କରି କିପରି ଟୋକନ୍ ସମୟ ଅତିକ୍ରାନ୍ତ କରିଯାଇଥିବା ଚାଷୀଙ୍କ ଧାନକିଣା ଯାଇପାରିବ, ମିଲର ଗୁଡିକ ସଠିକ୍ ସମୟରେ ଧାନ କିଣିବେ, କଟନୀଛଟଣୀ ବନ୍ଦକରିବା, ସିରିଆଲ୍ ଅନୁଯାୟୀ ଧାନ କ୍ରୟ କରାଯିବାର ପ୍ରତିଶ୍ରୁତି ପାଇବା ପରେ ଅପରାହ୍ନ ପ୍ରାୟ ୧.୩୦ସମୟରେ ଧାରଣା ପ୍ରତ୍ୟାହୃତ ହୋଇଥିବା ସୂଚନା ମିଳିଛି।

# ଆଡୁଘୁଟୁ ପ୍ରାଥମିକ ବିଦ୍ୟାଳୟରେ ପାଣି ଓ ବିଦ୍ୟୁତ ସମସ୍ୟା

ଉଦଳା, ୨୨/୦୨(ନି.ପ୍ର)- ଉଦଳା ବ୍ଲକ ଅନ୍ତର୍ଗତ ଶ୍ରୀଦାମଚନ୍ଦ୍ରପୁର ପଂଚାୟତର ଆଡ଼ାଘୁଟୁ ଗ୍ରାମସ୍ଥିତ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପିଇବା ପାଣି ଓ ବିଦ୍ୟୁତ ଲାଇନ ମୁଖ୍ୟ ସମସ୍ୟା ରୂପେ ମୁଣ୍ଡ ଟେକିଛି ବୋଲି ଗ୍ରାମବାସୀମାନେ ଜଣାଇଛନ୍ତି । ବିଦ୍ୟାଳୟ ପରିସରରେ ଥିବା ନଳକୂପରୁ ଲୌହଯୁକ୍ତ ପାଣି ବାହାରୁଥିବାରୁ ଏହା ପିଇବା ଉପଯୋଗି ହୋଇପାରୁ ନାହିଁ । ତେଣୁ ପାଣି ପାଇଁ ପଡ଼ିଶା ଘର ଉପରେ ନିର୍ଭର କରିବାକୁ ପଡୁଛି ବୋଲି ଗ୍ରାମବାସୀ କହିଛନ୍ତି। ସେହିପରି ବିଦ୍ୟୁତ ବିଲ ପୌଠ ହୋଇନଥିବା ଯୋଗୁଁ ଆଜକୁ ୬ ମାସ ତଳେ ସଂଯୋଗ ବିଛିନ୍ନ କରାଯାଇଥିବାର କଥା ଜଣାଇଛନ୍ତି । ଏ ବାବଦରେ ବିଭାଗୀୟ କତୃପକ୍ଷଙ୍କର ଦୃଷ୍ଟି ଆକର୍ଷଣ କଲେ ମ୍ଭ କେହି କର୍ଣ୍ଣପାତ କରୁନଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହିପରି ପାଣି ଓ ବିଦ୍ୟୁତ ପାଇଁ ବିଦ୍ୟାଳୟରେ ନାହିଁନଥିବା ସମସ୍ୟା ଦେଖାଯାଉଥିବାର ଜଣାଯାଇଛି ।

# ଜିଲ୍ଲାରେ ବଢୁଛି ଚୋରା ବ୍ରାଉନ ସୁଗାର ଓ ମଦ ବ୍ୟବସାୟ

କେନ୍ଦ୍ରାପଡ଼ା,୨୨।୦୨(ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାରେ ବଢୁଛି ଚୋରା ବ୍ରାଉନ ସୁଗାର ଓ ମଦ ବ୍ୟବସାୟ। ଜିଲ୍ଲାର ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା ଟାଉନ, ମାର୍ଶାଘାଇ, ଜମ୍ବୁ ମେରାଇନ ଏବଂ ରାଜକନିକା ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ବ୍ରାଉନ ସୁଗାର ଏବଂ ଚୋରା ଦେଶୀ ମଦ ବିକ୍ରି ହେଉଥିବାର ଖବର ପାଇବା ପରେ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ, ଶ୍ରୀ ବିପ୍ରଚରଣ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଅବକାରୀ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୭ ଗ୍ରାମ ବ୍ରାଉନ ସୁଗାର ସହ ୫୫୮ ଲିଟର ଚୋରା ଦେଶୀ ଓ ରନ୍ଧା ମଦ ସହିତ ୪ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି। ଏମାନେ ହେଲେ ପଳାଶିଙ୍ଗା ଗ୍ରାମର ପୁରୁଷୋତମ ପରିଡ଼ା(୬୩), ବଡ଼ବାରଙ୍ଗ ଗ୍ରାମର ସୁରେନ୍ଦ୍ର ବେହେରା(୫୪), ନାଳଦିଆ ପାଳନ୍ଦ ଗ୍ରାମର ଦେବେନ୍ଦ୍ର ବେହେରା(୪୫) ଏବଂ ବରଡ଼ା ଗ୍ରାମର ଶେଖର ସେଠୀ(୫୫)। ଏମାନଙ୍କୁ ଗିରଫ କରାଯାଇ ଏମାନଙ୍କ ପାଖରୁ ୧୭ ଗ୍ରାମ ବ୍ରାଉନ ସୁଗାର ସହିତ ୫୫୧ ଲିଟର ଚୋରା ଦେଶୀ ଓ ରନ୍ଧା ମଦ ବିପୁଳ ପରିମାଣରେ ଜବତ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ନିରୀକ୍ଷକ କହିଛନ୍ତି। ଏହି ଚଢ଼ାଉରେ ଅବକାରୀ ନିରୀକ୍ଷକ ଶ୍ରୀ ହିତାଂଶୁ ଶେଖର ମଲିକ, ପଦ୍ମଲୋଚନ ନାୟକ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ।

# ଆମ୍ବକୁଡୁଚୀ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ




ବସ୍ତା୨୨.୧(ନିପ୍ର) ବସ୍ତା ବ୍ଲକ ବେଲି ଶିକ୍ଷା କ୍ଲଷ୍ଟର ଅଧିନସ୍ଥ ଆମ୍ବକୁଡୁଚୀ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ଉକ୍ତ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଲମ୍ବୋଦର ଟୁଡୁ ଉକ୍ତ କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିବା ବେଳେ, ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ତଥା ସାରସ୍ୱତ ସାଧକ ବିଜୟ କୁମାର ନନ୍ଦ, ମୁଖ୍ୟ ବକ୍ତା ଭାବେ ବାଲେଶ୍ୱର ଓଷ୍ଟା ର ପ୍ରାକ୍ତନ ଜିଲ୍ଲା କର୍ଯ୍ୟକାରୀ ସଭାପତି ରମେଶ ଚନ୍ଦ୍ର ନାୟକ ବରେଣ୍ୟ ଅତିଥି ଭାବେ ବେଲି ସିଆରସିସି ତନଞ୍ଜୟ ପାଣିଗ୍ରାହୀ, ଭେଲୋରା ସିଆରସିସି ଅସିତ୍ କୁମାର ଦାସ, ଅବସର ପ୍ରାପ୍ତ ଶିକ୍ଷକ ସୁନୀଲ କୁମାର ବେହେରା ଓ ସମ୍ମାନିୟ ଅତିଥି ଭାବେ ପରିଚଳନା କମିଟି ସଭାପତି ମନୋଜ କୁମାର ବେହେରା, ସମାଜସେବୀ ଅଜୟ କୁମାର ବାରିକ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଗଳ୍ପ ଓ ଉଦାହରଣ ମାଧ୍ୟମରେ ବହୁମୂଲ୍ୟ ମତବ୍ୟକ୍ତ ରଖିବା ସହିତ, ବଡ଼ ମଣିଷ ସହିତ ଭଲ ମଣିଷ ଗଢି ତୋଳିବାର ମାନସିକତା ରଖିବାକୁ ଅଭିଭାବକ ମାନଙ୍କୁ ପରାମର୍ଶ ଦେଇ କୃତି ଛାତ୍ରଛାତ୍ରୀ ଙ୍କୁ ପୁରସ୍କୃତ କରି ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଶିକ୍ଷକ ଭଜହରି ଦାସ, ପରମାନନ୍ଦ ଦାସ, ଅନନ୍ତ ବାରିକ, ଗୋପିନାଥ ସେଠୀ,ସହକାରୀ ଶିକ୍ଷୟିତ୍ରୀ ପୁଷ୍ପ ମଞ୍ଜରି ଜେନା, ଅନୁପମା ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଶିକ୍ଷକ ସୁଚନ୍ଦନ ଖିଲାର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ, ଶିକ୍ଷକ ଶିବଶଙ୍କର ଜେନା ମଞ୍ଚ ଆହ୍ୱାନ ଓ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ପ୍ରଧାନମନ୍ତ୍ରୀ ମତ୍ସ୍ୟ କିଷାନ ସମୃଦ୍ଧି ସହଯୋଜନା ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ




ବାଲେଶ୍ୱର,୨୨।୦୨(ନି.ପ୍ର):ଆଜି ସ୍ଥାନୀୟ ବ୍ରିଟ କଲ୍ୟାଣ ମଣ୍ଡପଠାରେ ପ୍ରଧାନମନ୍ତ୍ରୀ ମତ୍ସ୍ୟ କିଷାନ ସମୃଦ୍ଧି ସହଯୋଜନା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଅଛି । ଏହି ଶିବିରରେ ବାଲେଶ୍ୱର ଜୋନ ମତ୍ସ୍ୟ ଉପନିର୍ଦ୍ଦେଶକ ଶ୍ରୀଯୁକ୍ତ ଦୀପ୍ତି କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ । ଅନ୍ୟତମ ଅତିଥି ଭାବେ ସଦର ବିଧାୟକଙ୍କ ପ୍ରତିନିଧି ଶ୍ରୀଯୁକ୍ତ କାର୍ତ୍ତିକ ଚନ୍ଦ୍ର ରାଉତ ଉପସ୍ଥିତ ରହି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମରେ ସାମିଲ ହୋଇ ମତ୍ସ୍ୟ ଉତ୍ପାଦନରେ ବାଲେଶ୍ୱର ଜିଲ୍ଲାକୁ ସର୍ବାଗ୍ରେ ସ୍ଥାନିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଜାତୀୟ ମତ୍ସ୍ୟ ଉନ୍ନୟନ ବୋର୍ଡ, ହାଇଦ୍ରାବାଦରୁ ଆସିଥିବା ଶ୍ରୀ ଅମର କୁମାର ନାୟକ, ପ୍ରଧାନମନ୍ତ୍ରୀ ମତ୍ସ୍ୟ କିଷାନ ସମୃଦ୍ଧି ସହଯୋଜନାର ରୂପରେଖ ଓ ସଫଳ ରୂପାୟନ ସମ୍ପର୍କରେ ଆଲୋକପାତ କରିଥିଲେ। ଓରିଏଣ୍ଟାଲ ଇନ୍ସୁରାନ୍ସକମ୍ପାନୀର ଡେପୁଟି ମ୍ୟାନେଜର ଶ୍ରୀ ଦିଲ୍ଲୀପ କୁମାର ଉପସ୍ଥିତ ରହି ଜଳଚର ବୀମା ସଂଲଗ୍ନ ବିଭିନ୍ନ ବୀମା ରାଶି ସମ୍ପର୍କରେ ବିସ୍ତୃତ ଉପସ୍ଥାପନା କରିଥିଲେ। ସଭାରେ ଉପସ୍ଥିତ ଜିଲ୍ଲା ମତ୍ସ୍ୟ ଅଧିକାରୀ, ଶ୍ରୀ ଜିତେନ୍ଦ୍ର କୁମାର ବେହେରା ସରକାରଙ୍କ ବିଭିନ୍ନ ଯୋଜନା ଏବଂ ତତ୍ ସମ୍ପର୍କିତ ରିହାତି ରାଶି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଜନସେବା କେନ୍ଦ୍ର, ବାଲେଶ୍ୱର ଜିଲ୍ଲା ମୁଖ୍ୟ ଶ୍ରୀ ଅରୁପ ମହାପାତ୍ର ଚଗ - ଗକଝଝଣ ମାଧ୍ୟମରେ କିପରି ନାମଦରଜ କରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ । ବାଲେଶ୍ୱର ଓ ସମସ୍ତ ବ୍ଲକରୁ ୧୧୦ ଜଣ ଚାଷୀ ଚଗ - ଗକଝଝଣ ଯୋଜନା ମାଧ୍ୟମରେ ନାମ ପଞ୍ଜିକରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକ ଏବଂ ସାମୁଦ୍ରିକ ସହକରୀ ମତ୍ସ୍ୟ ଅଧିକାରୀ, ବରିଷ୍ଠ / କନିଷ୍ଠ ବୈଷୟିକ ମତ୍ସ୍ୟ ସହାୟକ ଓ ସାଗର ମିତ୍ର ବୃନ୍ଦ ଉପସ୍ଥିତ ରହି ଶିବିରକୁ ସାଫଲ୍ୟ ମଣ୍ଡିତ କରିଥିଲେ । ସର୍ବଶେଷରେ ଶ୍ରୀମତୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ପୃଷ୍ଟି, ସହକାରୀ ମତ୍ସ୍ୟ ଅଧିକାରୀ, ନୀଳଗିରି ଧନ୍ୟବାଦ ଅର୍ପଣ କରିଥିଲେ ।

# ବାବା ତାରକେଶ୍ୱରଙ୍କ ଜଳାଭିଷେକ, ଯଜ୍ଞ ଓ ପ୍ରତିଭା ସମ୍ମାନ ସମାରୋହ




ଖଇରା,୨୨।୦୨(ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଚ୍ୟୁତପୁର ପଞ୍ଚାୟତ ଅଧୀନ ଶିରିପୁର-ବାସିନ୍ଦିପୁର ଠାରେ ୨୪ତମ ତାରକେଶ୍ୱର ଯଜ୍ଞ ର ଗୁରୁବାର ପ୍ରଥମ ଦିବସରେ ଜଳାଭିଷେକ ପରେ ଶୁକ୍ରବାର ଗଣପତି ଯଜ୍ଞ,ଶନିବାର ସୂର୍ଯ୍ୟଯଜ୍ଞ ସହ ସଂଧ୍ୟାରେ ପ୍ରତିଭା ସମ୍ମାନ ସମାରୋହ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଗୁରୁବାର ବାବାଙ୍କୁ ୧୦୦୮ ଜଳାଭିଷେକ କରାଯାଇଥିଲା । ପଣ୍ଡିତ ବ୍ରଜକିଶୋର ଶତପଥି, ମଦନମୋହନ ପଣ୍ଡା, ଲକ୍ଷ୍ମୀକାନ୍ତ ଶନିବିଗ୍ରହ,ସନାତନ ଆଚାର୍ଯ୍ୟ, ବିଦ୍ୟାଧର ପାଢୀ, ଚକ୍ରଧର ଶତପଥି,ନିଶାକର ପାଣିଗ୍ରାହୀ, ଦୟାନିଧି ପତ୍ରୀ, ନଟବର ଦାଶ ଓ ବେଣୁଧର ଦାଶଙ୍କ ଦ୍ୱାରା ଶୁକ୍ରବାର ଗଣପତି ଯଜ୍ଞ ଏବଂ ଶନିବାର ସୂର୍ଯ୍ୟ ଯଜ୍ଞର ଆୟୋଜନ କରାଯାଇଥିଲା। ଶୁକ୍ରବାର ସଂଧ୍ୟାରେ ଯଜ୍ଞ କମିଟି ତରଫରୁ ନୃତ୍ୟପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଥମ ହୋଇଥିବା ସଞ୍ଜନା ଦାସ, ଦ୍ୱିତୀୟ ଜିତେନ୍ଦ୍ର ବିଶ୍ୱାଳ, ତୃତୀୟ ଏମଏସ ଗୁନଗୁନକୁ ପୁରସ୍କୃତ କରାଯାଇଥିଲା। ସରପଞ୍ଚ ଅହଲ୍ୟାପାତ୍ର, ସମିତିସଭ୍ୟା ସସ୍ମିତା ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ରତିକାନ୍ତ ବେହେରା, ଦିପ୍ତୀକାନ୍ତ ପାଢୀ,ଜଗା ବେହେରା, ତୃପ୍ତିକାନ୍ତ ପାଢୀ, ହରିଶ ବେହେରା, ଦାମୋଦର ସାହୁ, ଟୁନା ବେହେରା ଏହାର ତଦାରଖ କରିଥିଲେ ।

# କସ୍ତୁରବା ଗାନ୍ଧୀ ଓ ନାରୀ ଜାଗରଣ ଶୀର୍ଷକ ଆଲୋଚନା

ଭୁବନେଶ୍ୱର,୨୨।୦୨(ନି.ପ୍ର): ଉତ୍କଳ ସର୍ବୋଦୟ ମଣ୍ଡଳ, ଭୁବନେଶ୍ୱର ଶାଖା ତରଫରୁ ଉତ୍କଳ ବିଶ୍ୱବିଦ୍ୟାଳୟର "ରାଜନୀତି ବିଜ୍ଞାନ ବିଭାଗ ସଭାକକ୍ଷରେ କସ୍ତୁରବା ଗାନ୍ଧୀଙ୍କ ୮୧ ତମ ପୁଣ୍ୟତିଥୀରେ "କସ୍ତୁରବା ଗାନ୍ଧୀ ଓ ନାରୀ ଜାଗରଣ" ଶୀର୍ଷକ ଆଲୋଚନାଚକ୍ରରେ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ସମାଜ ବିଜ୍ଞାନୀମାନେ ଆଲୋକପାତ କରିଥିଲେ । ରାଷ୍ଟ୍ରୀୟ ସର୍ବସେବାସଂଘର ଅଧକ୍ଷ ଆଦିତ୍ୟ ପଟ୍ଟନାୟକଙ୍କ ସଭାପତିତ୍ୱରେ ଉତ୍କଳ ସର୍ବୋଦୟ ମଣ୍ଡଳର ସମ୍ପାଦକ ରମାକାନ୍ତ ମଣ୍ଡଳଙ୍କ ସଂଯୋଜନାରେ ଶତାୟୁ ପୁରୁଷ ଗାନ୍ଧିବାଦୀ ପଦ୍ମଚରଣ ନାୟକ ଲୋକ ରାଜନୀତି ଓ ନିଶାମୁକ୍ତ ସମାଜ ଗଠନ ପାଇଁ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ କରିଥିଲେ। ମୁଖ୍ୟବକ୍ତା ଡଃ ଅଭୟ ବେହେରା କସ୍ତୁରବା ଗାନ୍ଧୀଙ୍କ ଦ୍ୱାରା କିପରି ମୋହନ ଦାସ କରମ ଚାନ୍ଦ ଗାନ୍ଧୀ ମହାତ୍ମାଗାନ୍ଧୀ ହୋଇପାରିଲେ, ସେ ବିଷୟରେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ବକ୍ତା ଭାବରେ ରାଧାରାଣୀ ମହାପାତ୍ର ସ୍ୱାଧୀନତା ଆନ୍ଦୋଳନରେ କିପରି ଅଧିକ ମହିଳା ଯୋଗ ଦେଇପାରିଥିଲେ ଓ ଏଥିରେ କସ୍ତୁରବା ଗାନ୍ଧୀ ଓ ସେ ସମୟର ବହୁ ମହିଳା ବିପ୍ଲବିନୀଙ୍କ ଅବଦାନ ବିଷୟରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜନୀତି ବିଜ୍ଞାନର ମୁଖ୍ୟ ଡ. ସୀମା ମଲ୍ଲିକ, ପୂର୍ବତନ କୂଳପତି ଡଃ ଗୋକୁଳାନନ୍ଦ ଦାସ, ଗାନ୍ଧୀବାଦୀ ରମାକାନ୍ତ ନାଥ, ଚିତ୍ରୂପା, ନିରାକାର ବେଉରା, ନିନା ଦାସ, ରଶ୍ମୀ ଦାସ, ସମାଜସେବୀ ଯୁବସାଥୀ ସୋମ ପ୍ରଭୃତି ଗାନ୍ଧୀ ଦର୍ଶନର ବିଭିନ୍ନ ଦିଗ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ପ୍ରତି ଛାତ୍ରଛାତ୍ରୀ ଗାନ୍ଧୀ ବିଚାର ଓ ଅହିଂସକ କ୍ରାନ୍ତି ତଥା ନିଶାମୁକ୍ତ ସମାଜ ନିର୍ମାଣ ପାଇଁ ସାଥୀ ସଂଗ୍ରହର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଇନ୍ଦୁମତୀ ସାହୁ, ମାଳତୀ ପାତ୍ର ସର୍ବଧର୍ମ ପ୍ରାର୍ଥନା ଗାନ କରିଥିଲେ। ଶେଷରେ ଅଧାପକ ନିତ୍ୟାନନ୍ଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida